ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୮ ୧ ୧ ଏକ ଟଙ୍କା । ଉକ୍ତ ୮ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ୫ ୦ ।୵ ତିନି ଶିଶିରେ ୮ ୦ ।୵୵ ଓ ୬ ଶିଶିରେ ୫ ୧ ଓ ଉକ୍ତ ୮ ୧।

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପରମାଟିନ ଡିପୋ<br>ନଂ ୨୨ ନମ୍ବର ବାରାଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କଣ୍ଠାରଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ କଲିଘୋଷଷ୍ଟ୍ରୀଟ, ସିମଲିଆ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧ ମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିକଷ୍ଟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଥିଲା ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳଢେକୁର (ଖଇଦାଢେକି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାକାର ଚିହ୍ନ, କଣ୍ଡୂ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ଫୋଟା ଫୋଟା ମୂତ୍ରସ୍ରାବ ଓ ନାଡ଼ୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଡଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର କାସରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଚାରି ଅଣା । ଓଷଧ୍ୟ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
" ଇଲେକ୍ଟ୍ରୋ ସାଲସା "
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତୀ ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ହଜାର ନିଦର୍ଶନ ଦେଉଅଛି ଦେଶ ବିଦେଶରୁ ସେହିପରି ରାଶି ରାଶି ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ଅଦ୍ଭୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟ-କାରିତା ଶକ୍ତି ଗୁଣରୁ ସଙ୍ଗେ ସଙ୍ଗେ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୩ ମାତ୍ର ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ଦ୍ୟାଗତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଗେଜେଟରେ ପ୍ରଚଳିତ ଓ ଆଲୋଚିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ ବିନ୍ତୁ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଉକ୍ତ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ବଡ଼ ହାସପାତାଲରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ଲକ୍ଷ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ସତ୍ୟ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ— ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟ ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଆଣ୍ଠୁଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଣ୍ଡିଆ, ଗରମି ଓ ପାରଦର ଘା, ନାକ ଓ କାନ୍ଧର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାରା ଗରମି-ସାଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ— ତଥା ଯାବତୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳର ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

Split by PDF Splitter



ସ୍ତ୍ରୀସ୍ୱାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଦମ୍ୱା ମଳ ବେଗରେ ସାର୍ଯ୍ୟ ନର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ-ଶକ୍ତି କ୍ଷୀଣ, ମୁଣ୍ଡ ଘୁରିବା, ଚକ୍ଷୁର ଅସ୍ଥିରତା, ନର୍ଜ୍ଜନ ପ୍ରିୟତା, ଚଳିବା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ ଜରା ଜୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ଧନ କ୍ଷୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

" ଇଲେକ୍‌ଟ୍ରୋ ସାଲସା " କୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ସୁଦ୍ଧା ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ—ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଆମ୍ଭ ଅଫିସରେ ପହୁଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡ, ଇଲେକ୍ଟ୍ରିସିଆନ, ନିଉୟର୍କ ଅମେରିକା । ଭାରତ-ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା।

☞ ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହାପର ଅବିକଳ " ଟ୍ରେଡ୍‌ମାର୍କ " ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA

TRADE MARK

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାଯଶା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ;—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ଚିକିତ୍ସକମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରୁଅଛନ୍ତି ଏହି ମହୌଷଧ ସେହି ରୋଗକୁ ନଷ୍ଟ କରେ ।

ଇଲେକ୍‌ଟ୍ରୋ ସାଲସା,—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଲୌକିକ କିମ୍ବା ପ୍ରଭାବ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନ କଲେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା ଶକ୍ତିର ହୋଇ-ଗଲା । ଏଥିପାଇଁ ଏହାର ଶକ୍ତିନିଚୟ ଉତ୍ତମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ତାଡ଼ିତ—ଅସ୍ମାମାନଙ୍କ ଦେଶୀ ଲୋକଙ୍କର ଏ ଉପରେ ଧାରଣା ଦୁର୍ବୋଧ୍ୟ ଶକ୍ତି ହିଁ ପ୍ରକୃତରେ ରହିଛ । ଉପରେ ପ୍ରବାହ କାଳର ପ୍ରକୃତ ଦେଖ ଅଲୌକିକ । ଏବଂ ଉପରେ ଏମନ୍ତ ଶକ୍ତି ଯେ ଔଷଧରେ ପ୍ରୟୋଗ ରହିଛ ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ଚିକିତ୍ସା ପଣ୍ଡିତମାନେ କହନ୍ତି, ତାଡ଼ିତ ପ୍ରୟୋଗର ଚିକିତ୍ସାକାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅବସ୍ଥାରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଥାଇବା ମନୁଷ୍ୟର କଷ୍ଟ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ଯଦି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସମ୍ମିଳିତ ହୋଇ ରକ୍ତର ସମତା ରକ୍ଷା ହୋଇ ନ ପାରେ । ତାଡ଼ିତ ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଦ୍ଭୁତ ସମ୍ମୋହନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ବ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରିବା ଦ୍ୱାରା, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ଉତ୍କଟ ରୋଗ ଦମନ କରିବାକୁ ସମର୍ଥ ହୁଅନ୍ତି । ପରନ୍ତୁ ତହିଁରେ କିମ୍ବା ମଧ୍ୟ ସେ ଅସାଧ୍ୟ ଏ କଥା ନିଶ୍ଚିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଧୁନା ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ବିଜ୍ଞାନର ମହନୀୟ କ୍ଷମତା ଦାଉ ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରୀଣ ପ୍ରୟୋଗାର୍ଥ ତାହାକୁ ଔଷଧ ଲେଖନ ସାର୍ଥକରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଷ୍ଟି କରି ପଠାଉଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସାଧନରେ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!

ଅଭି କାହାକୁହିଁ ଅପଥ୍ୟ ଓ ଅସାଧ୍ୟ ଗୁଣବର୍ଣ୍ଣିତ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଭି କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେ ଏହି ମହୌଷଧକୁ ଏହି ମହାକାର୍ଯ୍ୟକୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅବର୍ଣ୍ଣନୀୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସୌନ୍ଦର୍ଯ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ଦୃଷ୍ଟି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି ସା, ନାଳୀଘା, ଗଳଗଣ୍ଡ, ଦାଦ୍, ଖୁଜୁଲି, ଗଣ୍ଠିବାତ, ପ୍ରମେହ, ଧାତୁ ଦୌର୍ବଲ୍ୟ, ସାର୍ଯ୍ୟ ପାତନ, ସ୍ୱପ୍ନଦୋଷ, ସ୍ମୃତି ନଷ୍ଟତା, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ଷ ଚଳିବା, ମୁଣ୍ଡ ବୁଲାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ! ବିଶେଷ ବିବରଣ ପୁସ୍ତିକା ଦ୍ରଷ୍ଟବ୍ୟ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧।୧ = ଟିକିଟ ଟ ୬୧, ୩ ଶିଶିକୁ ଟ ୧୦, ଡଜନକୁ ଟ ୨୦।୧ ଡଜେଣକୁ ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ଟ ।୮, ୩ ଶିଶିରେ ଟ ୦।୮, ୬ ଶିଶିରେ ।୮, ଡଜନରେ ଟ ୧।୮ ।

ଅସ୍ମାମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ- କଲିକତା

Calcutta

TELEGRAPHIC ADDRESS.

"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୨ ୦ ୯ |
| ଅଧିକମୂଲ୍ୟ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୫ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଖର୍ଚ୍ଚ ୫୦ ଠାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟରେ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳସାହିତ୍ୟ ପ୍ରେସରେ ଶ୍ରୀ ଉଇଲିୟମ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



ଅବସର ଶ୍ରୀ ନାନକ ଜଣେ ପେନସନ ପ୍ରାପ୍ତ ଷ୍ଟେସନମାଷ୍ଟର ରେଲ ଷ୍ଟେସନଠାରେ ଯାଇଥିଲେ, ଟିକଟ ଅଣି ଦେବା କାରଣ ଟଙ୍କା ଦେବାର ନେଇଥିବାରୁ ଷ୍ଟେସନ ଡପୋଷ୍ଟ ନେଟିଭ ପୁଲିସ ଅଦାଲତରୁ ଛଅମାସ ଶ୍ରମଯୁକ୍ତ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ !—ଅତ୍ୟାଗ୍ରହ ଭଲ ନୁହଁ ଏସ୍ ?

ପାରସ୍ୟର ସତ ଭୂମିସ୍ତା ପଛରେ ସମ୍ପୂର୍ଣ୍ଣରୂପେ ଅର୍ପିତ ହୋଇଥିବାର ସମ୍ବାଦ ମିଳଇ । କ୍ଷେତ୍ରର ସମ୍ରାଟ ଏବ ଶାହ ଏକତ୍ରେ ଭୋଜନ କରିଥିଲେ ଏବ ସେହି ଭୋଜନରେ ସମ୍ରାଟ ନିଜେ ଶାହଙ୍କର କୁଶଳ କାମନା କରିଥିଲେ ।

## ଯାଜପୁର-ସମ୍ବାଦ ।

ରଥଯାତ୍ରା ସମୟରେ ଯାତ୍ରୀମାନଙ୍କ ସହିତ ଏଠାରେ ହଇଜା ପ୍ରବେଶ କରି କେତେଦିନ ପରେ ଧୀରେ ଧୀରେ ଅନ୍ତର ହୋଇଥିଲା । ପୁନର୍ବାର କେତେକ ଦିନ ହେଲା ଉପସ୍ଥିତ ହୋଇ ଗ୍ରାମବାସୀମାନଙ୍କୁ ଉଦ୍‌ବ୍ୟସ୍ତ କରୁଅଛି, ପ୍ରତ୍ୟହ ପ୍ରାୟ ୨।୩।୪ ଣ. ଲୋକ ଏହି ରୋଗରେ ମୃତ୍ୟୁମୁଖରେ ପତିତ ହେଉଅଛନ୍ତି ।

ଏଠା ହାଇସ୍କୁଲ ଗୃହରେ ଗତ ସୋମବାରଠାରୁ ମାଇନର ଭର୍ଣ୍ଣାକ୍ୟୁଲର ଓ ଅପରପ୍ରାଇମେରୀ ପରୀକ୍ଷାମାନ ଆରମ୍ଭ ହୋଇଅଛି ମାଇନରରେ ୬ ୦ ଣ ଭର୍ଣ୍ଣାକ୍ୟୁଲରରେ ୬ ୮ ଣ ଓ ଅପରପ୍ରାଇମେରୀରେ ୬ ୩୮ ଣ ଛାତ୍ର ପରୀକ୍ଷା ଦେଉଅଛନ୍ତି ।

ଏବର୍ଷ ଯଥାସମୟ ମେଘ ବରଷା ହେଉଥିବାରୁ କୃଷକ ପକ୍ଷରେ ବିଶେଷ କୌଣସି ବ୍ୟାଘାତ ହୋଇ ନାହିଁ ଅଛି ଏକମାତ୍ର ଏହିଠାରୁ ସୁପାଳକ ହେଲେ ସାଧାରଣର ଦୁଃଖ ମୋଚନ ହେବ ।

ଟାଉନମଧ୍ୟରେ ଗୋରୁମାନଙ୍କର ଦୌରାତ୍ମ୍ୟ ଅତ୍ୟନ୍ତ ବୃଦ୍ଧି ହୋଇଅଛି ଏଣୁକରି ଗୋରୁପଣରେ ସେବେ ଗୁରୁ ଅଛନ୍ତି ଏଥିମଧ୍ୟରେ ଯେତେ ଗୁଡ଼ାଏ ଗୋରୁ ହୋଇ ଯାଇଅଛି ତହିଁମଧ୍ୟରୁ କୌଣସି ଏକଜଣର ଧରା ହୋଇ ନାହିଁ । ଟାଉନ ଚୌକିଦାରମାନେ ଅଇନର ୨ ୩୮ ଧା ଅନୁସାରେ ଅସାମୀ ଧରିବାକୁ ଯେତେ ତତ୍ପର; ପଶୁରେ ସେହି ସତ୍ତ୍ୱ କରି ଗୋରୁ ଧରିବାପକ୍ଷରେ ଯଦି ସେହିପରି ତତ୍ପର ହୁଅନ୍ତେ ତେବେ ଗୋରୁ ଉପଦ୍ରବ ଏତେଦୂର ହୁଅନ୍ତା ନାହିଁ ।

ଅନୁକାର ମୋଟଗୁଡ଼ାକ ଏକଷ୍ଟଲାବୁ ମେ ୧୧ ଇ, ସରୁ ମେ ୯ ଇ ଓ ନୂଆ ଶଅଳିଧାନର ଗୁରୁତ ମେ ୧୨ ଇ ଦରରେ ବିକ୍ରୟ ହେଉଅଛି ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ
ମହୋଦୟ ସମୀପେଷୁ

ମହାଶୟ !

ଗତ ମାସର ଗତ ତା ୧୫ ରିଖରେ ଚର୍ଚ୍ଚିକା ମି, ଇ ସ୍କୁଲର ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ସ୍କୁଲ ଗୃହଟି ପତ୍ର ପୁଷ୍ପ ଓ ଚନ୍ଦ୍ରାତପ ଇତ୍ୟାଦିଦ୍ୱାରା ଯଥୋଚିତ ସୁସଜ୍ଜିତ କରା ଯାଇଥିଲା । ମାନନୀୟ ଶ୍ରୀଯୁତ କଟକ ଡିଷ୍ଟ୍ରିକ୍ଟ କଲେକ୍ଟର ମହୋଦୟ ସଭାପତିର ଆସନ ଗ୍ରହଣ କରନ୍ତେ ସମବେତ ଛାତ୍ରଗଣ ଭକ୍ତି ଓ ସମ୍ମାନ ସହକାରେ ପୁଷ୍ପମାଳା ଅର୍ପଣ କଲେ ଏବ ସେ ଅତି ସାନନ୍ଦରେ ତାହା ଗ୍ରହଣ କଲାରୁ ସଭାପତି ମହୋଦୟଙ୍କ ଶୁଭାଗମନ ଉପଲକ୍ଷେ ଗୋଟିଏ ଇଂରାଜୀ କବିତା ପାଠ ହୋଇଥିଲା । ହେଡ୍‌ମାଷ୍ଟର ମହାଶୟ ବାର୍ଷିକ ବିବରଣୀ ପାଠ କଲା ପରେ ଛାତ୍ରମାନେ ଯଥାକ୍ରମେ ଇଂରାଜୀ, ଓଡ଼ିଆ, ସଂସ୍କୃତ ଓ ଉର୍ଦ୍ଦୁ କବିତାମାନ ଆବୃତ୍ତି କରି ସଭାପତି ଓ ସଭ୍ୟବୃନ୍ଦଙ୍କର ମନୋମୁଗ୍ଧ କରିଥିଲେ । ସଭାପତି ସ୍ୱହସ୍ତରେ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କଲା ପରେ ବ୍ୟାୟାମର ଉପକାରିତା ସମ୍ବନ୍ଧରେ ଗୋଟିଏ ଅତି ସୁନ୍ଦର ବକ୍ତୃତା ଦେଇଥିଲେ । ଏହି ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ମାତ୍ର ବାଳିକା ଅଧ୍ୟୟନ କରୁଥିବାର ଦେଖି ସ୍ତ୍ରୀ ଶିକ୍ଷା ବୃଦ୍ଧିର ଦୃଷ୍ଟାନ୍ତ ସ୍ୱରୂପ ତାହାକୁ ଗୋଟିଏ ରୌପ୍ୟ-ମୁଦ୍ରା ପ୍ରଦାନ କରିଥିଲେ । ତଦନ୍ତର ଛାତ୍ରମାନଙ୍କର ଡ୍ରିଲ ଓ ଜିମନାଷ୍ଟିକ କ୍ରୀଡ଼ା ଦେଖି ଆନନ୍ଦିତ ହୋଇ ଭଲ ଜିମନାଷ୍ଟିକ ଦେଖାଇଥିବା ଛାତ୍ରଟିକୁ ଗୋଟିଏ ଟଙ୍କା ପୁରସ୍କାର ଦେଲେ ଏବଂ ଛାତ୍ରମାନଙ୍କୁ ଗୋଟିଏ ( Foot-Ball ) ଦେବା ନିମନ୍ତେ ପ୍ରତିଶ୍ରୁତ ହେଲେ । ପରିଶେଷରେ ମାନ୍ୟବର ସବ୍‌ଡେପୁଟି କଲେକ୍ଟରଙ୍କୁ ଫୁଟବଲ ଖେଳ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିଦେବାର ଆଦେଶ ଦେଇ ଏବଂ ଦୁଇ ଦିନ ସ୍କୁଲ ବନ୍ଦ କରି ବିଦାୟ ଗ୍ରହଣ କରିଥିଲେ । ସାହେବ ମହୋଦୟଙ୍କର ଉଦାରଭାବ ଦେଖି ସମସ୍ତେ ଧନ୍ୟବାଦ ଦେଉଅଛନ୍ତି । ଇତି ।

Bhikari Charan Das
Second Master
Charchika M. E. Schoo

---

ମହାଶୟ !

ଏହି ଭାଗଲପୁର ନଗରୀରେ ପ୍ରତିବର୍ଷ ପ୍ରାରମ୍ଭାଗମେ କଲେଜ ଉଦ୍‌ଘାଟନ ହେବା ଦିନରୁ ପ୍ରାୟ ଗ୍ରୀଷ୍ମାବକାଶ ଆରମ୍ଭ ହେବା ପର୍ଯ୍ୟନ୍ତ ପ୍ରତି ସପ୍ତାହ ଶନିବାର ଦିନର ସନ୍ଧ୍ୟାରେ ଗୋଟିଏ ଲେଖାଏ ବକ୍ତୃତା ହୁଏ । ଏହା ଛାତ୍ରମାନଙ୍କର ଓ ଭଦ୍ରବ୍ୟକ୍ତିମାନଙ୍କର ବାଞ୍ଛା ଓ ଚେଷ୍ଟାର ଅବ୍ୟବହିତ ଫଳ ଅଟେ । କଲେଜ ଉଦ୍‌ଘାଟନ ହେଲାକ୍ଷଣି ଛାତ୍ରମାନେ ସହରର ସମସ୍ତ ଲବ୍ଧବିଦ୍ୟ ଯୋଗ୍ୟ ଅଧ୍ୟାପକ ଓ ଭଦ୍ରଲୋକଙ୍କର ନିକଟକୁ ଯାଇ ସେମାନଙ୍କୁ ବକ୍ତୃତା ପ୍ରଦାନ କରିବା ନିମନ୍ତେ ଅନୁରୋଧ କରନ୍ତି । ଏହି ଭଦ୍ରଲୋକ ଓ ଅଧ୍ୟାପକଗଣ ସ୍ୱ ସ୍ୱ ବିଷୟ ନିର୍ବାଚନ କରି ସ୍ୱ ସ୍ୱ ସମୟ ନିର୍ଦ୍ଦିଷ୍ଟ କରନ୍ତି । ସମୟବିଶେଷେ କଲିକତା, ଡୁମରାଉଁ ଓ ଗୟାପୁର ଆଦି ପାର୍ଶ୍ୱବର୍ତ୍ତୀ ପ୍ରଦେଶରୁ ଲବ୍ଧପ୍ରତିଷ୍ଠ ଲୋକେ ବହୁକଷ୍ଟ ସହ୍ୟକରି ଏଠାକୁ ଆସି ବକ୍ତୃତା ଦେବାକୁ ସ୍ୱୀକୃତ ହୁଅନ୍ତି । ପ୍ରୋକ୍ତ ବକ୍ତୃତାର ବିଷୟ ଓ ବକ୍ତାଗଣଙ୍କର ନାମ ଏବ ତାରିଖ ଉଲ୍ଲିଖିତ ହୋଇ ଗୋଟିଏ ତାଲିକା କଲେଜ ଛାତ୍ରମାନଙ୍କଦ୍ୱାରା ପ୍ରକାଶିତ ହୁଏ । ଏହି ତାଲିକା ଛାତ୍ରମାନେ ସହରର ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ନିକଟକୁ ପ୍ରେରଣ କରି ସମସ୍ତଙ୍କୁ ବକ୍ତୃତାରେ ଅନୁଗ୍ରହପୂର୍ବକ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରନ୍ତି । ନିର୍ଦ୍ଦିଷ୍ଟ ସମୟରେ ବକ୍ତୃତାପ୍ରକୋଷ୍ଠ ଭଦ୍ରବ୍ୟକ୍ତି ଓ ଛାତ୍ର ସମ୍ପ୍ରଦାୟରେ ପରିଶୋଭିତ ହୁଏ, ଓ ସମସ୍ତେ ପ୍ରଗାଢ଼ ବୃଦ୍ଧ ସହିତ ବକ୍ତୃତାକୁ ଶ୍ରବଣ କରି ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବୃତ୍ତ ହୁଅନ୍ତି । ସୁବିଧା ଦେଖି ମଧ୍ୟପ୍ରଦେଶର ମାନ୍ୟବର ଚିଫ୍‌କମିଶନର ମଧ୍ୟ ଓ ଅନ୍ୟାନ୍ୟ ସାହେବଗଣ ଶୁଭାଗମନ କରି ଛାତ୍ର ଓ ଭଦ୍ରମଣ୍ଡଳୀର ଉତ୍ସାହ ବର୍ଦ୍ଧନ କରନ୍ତି । ଏଥିରେ ଯେ ଉପକାର ସାଧିତ ହେଉଅଛି ତାହା କେହି ପ୍ରତିବାଦ କରିବେ ନାହିଁ । ସମସ୍ତେ ନିର୍ଦ୍ଦିଷ୍ଟ ସମୟରେ ଏକସ୍ଥାନରେ ଏକତ୍ରିତ ହୋଇ ଏକତାପାଶରେ ବଦ୍ଧ ହେଲେ ଆବଦ୍ଧ ହୁଅନ୍ତି; ପରସ୍ପରେ ସହାନୁଭୂତିର ଭାବ ଉଦ୍ରେକ ହୁଏ । ବିଜ୍ଞ ଲୋକଙ୍କ ପକ୍ଷେ ନିଜର ଅଧ୍ୟୟନ ଓ ଅଧ୍ୟବସାୟର ଫଳରେ ଜନସାଧାରଣଙ୍କୁ ଅଂଶଭାଗୀ କରିବାର ଏହା ଗୋଟିଏ ପ୍ରଶସ୍ତ ମାର୍ଗ । ପୋଲିସ କମିଶନର ପ୍ରେସିଡେଣ୍ଟ ସ୍ୱରୂପ ନିର୍ବାଚିତ ହୋଇ ଯାଉଥିବାରୁ ତାହାଙ୍କ କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥାଇ ମଧ୍ୟ ସେଦିନ ନିଜର ମହାର୍ଘ ସମୟ ଖର୍ଚ୍ଚ କରି ବକ୍ତୃତାପ୍ରକୋଷ୍ଠକୁ ମହାମାନ୍ୟବର ମଧ୍ୟପ୍ରଦେଶର ଚିଫ୍‌କମିଶନର ପରମାଦର ଶ୍ରୀ ଫ୍ରେଜର ସାହେବ ସ୍ୱୟଂ ଶୁଭାଗମନ କରି ବାଗ୍ମିତାପୂର୍ଣ୍ଣ ହୃଦୟସ୍ପର୍ଶୀ ବଚନରେ ବ୍ୟକ୍ତ କଲେ କି " ହେ ସଭ୍ୟବୃନ୍ଦ ? ବକ୍ତାମାନଙ୍କୁ ଶୁଣିବାକୁ ନିମନ୍ତ୍ରଣ ପାଇଥିବାରୁ ମୋର ହୃଦୟକ୍ଷେତ୍ର ଆନନ୍ଦରେ ପ୍ଲାବିତ ହୋଇଅଛି କିନ୍ତୁ ଦୁଃଖର ବିଷୟ ଯେ କୌଣସିରେ ଥିବାରୁ ଅନେକ ସମୟ ମୁଁ ବକ୍ତାଙ୍କୁ ବଞ୍ଚିତ ହୁଏଁ । ହେ ଛାତ୍ରବୃନ୍ଦ ! ମୋର ସ୍ମରଣ ହେଉଅଛି ଯେ ମୁଁ ମଧ୍ୟ ବାଲ୍ୟକାଳରେ ବକ୍ତୃତା ଶ୍ରବଣାର୍ଥ ବଡ଼ ଉତ୍ସାହସହକାରେ ଯାଉଥାଇଁ । ବୟୋବୃଦ୍ଧ ବିଜ୍ଞଲୋକଙ୍କ କଥା ମନୋଯୋଗପୂର୍ବକ ଶ୍ରବଣ କରି ମୋର ଯେ ପ୍ରଭୂତ ଉପକାର ହୋଇଅଛି ତାହା ବର୍ଣ୍ଣନ କରିବା ଅନାବଶ୍ୟକ । ଅତଏବ ମୋର ଏକାନ୍ତ ଅଭିଳାଷ ଯେ ତୁମ୍ଭେମାନେ ନିୟମିତରୂପେ ବକ୍ତୃତା ଶ୍ରବଣ କରି ଉପକୃତ ହୁଅ ଓ ମୋର ଆଶା ଅଛି ଯେ ମୁଁ ପ୍ରତ୍ୟାବର୍ତ୍ତନ କଲା ସମୟକୁ ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ଜନସାଧାରଣେ ଏପରି ବାକ୍‌ଶକ୍ତି ଓ ବୁଦ୍ଧିଶକ୍ତି ପ୍ରୟୋଗ କରୁଥିବ" । ନାଗପୁର ମଧ୍ୟପ୍ରଦେଶର ରାଜଧାନୀ, କଟକ ଓଡ଼ିଶାର । ଭାଗପୁର ବହୁଜନାକୀର୍ଣ୍ଣ, କଟକ

Digitized by srujanika@gmail.com

ମଧ୍ୟ । ନାଗପୁରରେ କଲେଜ ଅଛି, କଟକରେ ମଧ୍ୟ । ନାଗପୁରରେ ବହୁଲୋକ ଅଛନ୍ତି ; କଟକରେ ମଧ୍ୟ ଅନେକ ଶିକ୍ଷିତ ଓ ପଣ୍ଡିତଜନ ଅଛନ୍ତି । ( ଏପରି ତୁଳନାରେ କଟକ ଉତ୍କର୍ଷ ବରଂ ଅଧିକ ହୋଇପାରେ । ) ପ୍ରଭେଦ କେବଳ ଏତକ ଯେ ନାଗପୁରରେ ମହାରାଷ୍ଟ୍ର ଓ କଟକରେ ଓଡ଼ିଆ ! ଉତ୍କଳ କଲେଜ ଘଣ୍ଟାଘରିବାଦୀ ଓ ଉଦ୍ୟମଶୀଳଙ୍କ ପକ୍ଷେ ଏହା ଅଳ୍ପ ଲଜ୍ଜାର କଥା ନୁହେ । ବିଶେଷତଃ ଅମ୍ଭେମାନେ ପାଶ୍ଚାତ୍ୟ ଦେଶକୁ ଅନୁକରଣ କରିବାକୁ ବସି ଥାଇଁ ; ସେମାନଙ୍କ ଠାରୁ ଅମୃତାନନ୍ଦ ଗ୍ରହଣୀୟ, ଅସାର ବର୍ଜନୀୟ । କଲିକତାରେ ପ୍ରତ୍ୟହ ବକ୍ତୃତା ଯାହା ଶୁଣିବା ହୋଇ ଜନସାଧାରଣଙ୍କୁ ଅଳ୍ପ ସମୟମଧ୍ୟରେ ଅନେକ ସମ୍ବାଦ ପ୍ରଦାନ କରୁଅଛି, ଅନେକ ଯୁବକଙ୍କୁ ସନ୍ମାର୍ଗେ ପ୍ରବୃତ୍ତ କରାଉଅଛି । ଅତଏବ ହେ ଶ୍ରୀର କଟକକଲେଜଛାତ୍ରଗଣ ! ହେ ପୂଜ୍ୟ କଟକ-ଅଧିବାସିଗଣ ! ସବିନୟେ ପ୍ରାର୍ଥନା ଯେ ଏବିଷୟ ଟିକିଏ କୃପାଦୃଷ୍ଟିରେ ଦେଖନ୍ତୁ ଯେମନ୍ତ କି କଟକ କଲେଜ ହଲରେ ଅନତାରୁ ପ୍ରତିସପ୍ତାହରେ ବକ୍ତୃତା ହେବାର ନିୟମ ପ୍ରତିଷ୍ଠିତ ହେବ ।

ଶ୍ରୀ ନୀଳକଣ୍ଠ ପୂଜାହାରୀ ।

## ବିଜ୍ଞାପନ ।

ସନ ୧୯୦୬ ମସିହା ଡିସେମ୍ବର ମାସରେ ବୋମ୍ବାଇ ହତା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ ( ହାଟ ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ତ୍ରିବେଦୀ
ଜେନେରଲ ସେକ୍ରେଟରୀ
ଇଣ୍ଡିଷ୍ଟ୍ରିଆଲ ଏକ୍‌ଜିବିସନ

## ଏହାଠି ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିଶ୍ଚୟ ଅତି ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଉ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବିନା ଜ୍ୱାଳା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବାଜନ କର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର ଯୋଡ଼ା ନେଲେ କେତାକ ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରଣ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରାମତାରକ ସେନ ।
ଦେଖ ଉତ୍କଳପ୍ରେସ, ବାଲେଶ୍ୱର

## ବିଜ୍ଞାପନ ।

**ପ୍ରାଥମିକ ଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ଗ୍ରନ୍ଥର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଦୁଇଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଭର୍ଣ୍ଣାକୁଲର, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପଞ୍ଚଶତାଧିକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବିଷ୍ଟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ତୃତୀୟପାଠର ବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳାକୃଷ୍ଟ ପ୍ରଶ୍ନମାନ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଳବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପଦ୍ୟାକାରରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମ୍ଭଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ସେଖ ମହମ୍ମଦ ମଜରୁଦ୍ଦୀନ
ହେଡ଼ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ିଲ୍‌ସ୍କୁଲ କଟକ

## ବିଜ୍ଞାପନ



### ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ । ଏଲଡ, ଭି ଲଣ୍ଡର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ମସଲାରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ " ଇନ୍ଦୀବର ଶୋଭନା " ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଚିରକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲଣ୍ଡ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହି ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଙ୍କ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୲ ଟଙ୍କା । ଡାକମାସୁଲ ଓ ପ୍ୟାକିଂ ଖରଚ ୧ ଶିଶିରେ ଟ ୦ ।୵, ୨ ଶିଶିରେ ଟ ୦ ।୵ ଅଣା, ଡଜନକୁ ଟ ୦ ୳ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—" ଲଣ୍ଡ ଏଣ୍ଡ କୋମ୍ପାନୀ " ୧୧୫ ନମ୍ବର କାଷ୍ଟନସି ବୋଷ ଲେନ୍ ଷ୍ଟ୍ରିଟ, କଲିକତା ।

### ସର୍ବପ୍ରକାର ଖଜୁ, ଘା, ଚର୍ମ-ବାଧି ପ୍ରଭୃତି ଆରୋଗ୍ୟ ପକ୍ଷେ ଅବ୍ୟର୍ଥ ।

### " ଓ୍ୟାର ସାର କାର "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇ ଯାଏ । ଅଥଚ ଯାହା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଟଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ :—"ଡ଼ବଲ୍ୟୁ, ମେଜର ଏଣ୍ଡ କୋମ୍ପାନୀ ",—କଲିକତା ।

Split by PDF Splitter

Digitized by srujanika@gmail.com

## ବିଜ୍ଞାପନ ।

## ଫଲେନ ପରିଚୀୟତେ

ଚଉଧୁରୀ ବଜାର ଶ୍ରୀଉତ୍କଳ ବୈଦ୍ୟ ଚନ୍ଦ୍ରଶେଖରଙ୍କର

**ଅନ୍ନପୂର୍ଣ୍ଣା**

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସବୁପ୍ରକାର ଔଷଧାଦ ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

### ବ୍ରାହ୍ମୀ ଘୃତ

ଆଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି କେବଳ ଛାତ୍ରମାନଙ୍କର ଅତୀବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ଥାନ-ମେଧାବିଶିଷ୍ଟ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚାର ହୋଇ-ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣର ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨ ୧

### ଶୁକ୍ରବର୍ଦ୍ଧକ ବଟିକା

ଏହି ଔଷଧ ବୀର୍ଯ୍ୟ ଦୁର୍ବଳତାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ଅପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୯ ମାତ୍ର ।

### କଳ୍ପତରୁ ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାର-ଦ ଦୋଷଜନିତ ଶରୀରରେ କାଳ ଓ ନାଲ ଦାଗ; ଖୋଟକୋଷ୍ଠି ଓ ବାତ ରକ୍ତ ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୯ ମାତ୍ର ।

ଏକଥରେ ତିନିଶିଶି ନେଲେ ଟ ୪୧ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଉତ୍କଳ ବୈଦ୍ୟ ଚନ୍ଦ୍ରଶେଖର
କଟକ } ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ ।

---

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସବୁପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନ-ପୁର, ପାଟଣା, ତାଳଚେର, ମୟୂରଭଞ୍ଜ,ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର,ଢେଙ୍କାନାଳ, ରାଜାମାନଙ୍କ ନିକଟରେ ତଦନ୍ତ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଚୋଗା, କଂଖାପ, ଯାତ୍ରା, ସଙ୍ଗୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଜରିଆ କାମର ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତର କାରିଗରୀ ପ୍ରଭୃତି ବରାଦ ଅନୁସାରେ ତିଆର କରାଇ ଦେଉଁ । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ ଯେଉଁ ଠିକଣାରେ ଓ ଉପାୟରେ ( ଅର୍ଥାତ୍ ଡାକରେ ବା ରେଲରେ ) ପଠାଇ-ବାକୁ ହେବ ଲେଖିବା ଅବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରିତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

---

## ବିଜ୍ଞାପନ ।

### ଏଇଚ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

### ଦାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଦାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ — ଏଇଚ, ଦେ
ହୋମିଓପ୍ୟାଥିକ, ଡାକ୍ତର ଔଷଧାଳୟ
ବାଲେଶ୍ୱର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।।

| | |
|---|---|
| ନୀତିଶିକ୍ଷା ( ନୂତନ ଛାପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଭାଗବତଗୀତା ୨ୟ ଭାଗ | ଟ ୦ । |
| ମସ୍ତିଷ୍କ ବଳ ଯୁକ୍ତି | ଟ ୦୵୨ |
| ପ୍ରବନ୍ଧ ଅକ୍ଷୟଚନ୍ଦ୍ର ବା କାଦମ୍ବରୀ ଉପନ୍ୟାସ (ଗଦ୍ୟ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦ ୵ |
| ବୈରାଗ୍ୟଗୀତା | ଟ ୦ ୵ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ ୵ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

---

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟରତ୍ନ

## ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନିଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ଆଠଅଣା ମୂଲ୍ୟରେ ପାଇବେ । ପରେ ପ୍ରକୃତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

କାଲୀଗଳି } ଶ୍ରୀ ଶଶିଭୂଷଣ ରାୟ
କଟକ }
୨୨।୭।୧୯୦୨ } ପ୍ରୋପ୍ରାଇଟର—ରାୟପ୍ରେସ

Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼୍‌ଲିଭରଅଏଲ, ଫଷ୍ଫୋଫାଇଲ ଗେଲିନ୍ସ ଡ୍ୟାନଚିନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବିହୀନ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼୍‌ଲିଭର ଅଏଲ, ପ୍ରଭୃତି ଔଷଧ ସମ୍ବନ୍ଧରେ ରୋଗ ଗୃହିରହେ !

ଯଥିକି ଉପଶମ ଦେଖାଇ ପ୍ରକଟଯ୍ୟ, ସମୟରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ । ଚେତେବେଳେ ତାହା ସାମୟିକ ଶାନ୍ତ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଭିନ୍ନ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ତ୍ରାରମାଥିନ ।

ତାହାର ସଂପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେର ଆସେ ନାହିଁ । ସୁତରାଂ ବାରମ୍ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି କେତୁରୁ ଏସିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ !

ସ୍ତ୍ରାରମାଥିନ କଣ ?

କେତେକଜଣ ସୁବିଜ୍ଞ ପ୍ରେଷ୍ଠ ଚିକିତ୍ସକଙ୍କର ୨ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜାନ୍ତବର ତୈଳାଂଶ ସଂଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏକ ମାତ୍ରା ଔଷଧ ଏକ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ତ୍ରାରମାଥିନର ଶକ୍ତି ଭିନ୍ନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମୁତ୍ରରେ ଅଳ୍ପ ବା ଅଧିକ ସ୍ରାବ, ଟୋପା ଟୋପା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହୀନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ଫୁଲା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠକାଠିନ୍ୟ ପ୍ରଭୃତି ଆନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତତ୍ସାତ ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାରଦ ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରଦ ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ତମ୍ବା ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ସ୍ଥାନେ ସାଦା ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ ପୁନଃ ବାଘି ପଡ଼ିବା, ଦେହରେ କଥ ବା ବ୍ରଣ ବାହାରିବା ଶରୀର ଫିକାଶିଆ ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ, ହେତୁନାଇ ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଛାତି ଜଳିବା, ଓ ହୃତ୍‌କମ୍ପ, ସହଜ ଓ ସାମାନ୍ୟ ଥଣ୍ଡାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍‌ଫୁସ୍‌ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍‌ପିଣ୍ଡ ବା ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ କେତୋଟି ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ତ୍ରାରମାଥିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱୟଂସିଦ୍ଧ ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ୍‌ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ତ୍ରାରମାଥିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

☞ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com
Split by PDF Splitter

Split by PDF Splitter

REGISTERED No. C. 81. 

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

ଖ ୩୭ ଶ | ସ ୪୦ ଖ୍ୟା

CUTTACK, SATURDAY THE 4th October 1902.

ତା ୧୯ ନ ଆଶ୍ୱିନ ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ଟ ୩୯ | ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

## ନୂତନ ନାଟକ ।

ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ

ପ୍ରଣୀତ

## ଯୁଗଧର୍ମ ନାଟକ !

କଟକ ପ୍ରିଣ୍ଟିଂକୋମ୍ପାନିଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ

ମୂଲ୍ୟ ॥୦ ।

## WANTED.

1. A Teacher for the Kendrapara H. E. School on Rs 20 per mensem none but F. A's need apply.

2 Two Teacher for the same Institution on Rs. 15 and 12 per mensem respectively. Only those who have passed the Entrance Examination need apply.

Applications will be received up to the 20th instant.

Kendrapara 1st October 1902 } J. S. Davidson Secretary

## ADVERTISEMENT.

Wanted a Head Master for the Olmara M. E. School in the Mourbhunj State, at a Salary of Rs. 26 to 30. He must have passed the F. A. Examination.

Olmara is three miles from the Dantan Railway station, B. N. R.

Applications will be taken up to the 4th October 1902.

Baripada the 12th Septr. 1902 } R. D. Chukerbutty *Superintendent of Education* Mourbhunj State.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## ବିଜ୍ଞାପନ ।

## ସହଜ ଇଂରାଜୀ ଶିକ୍ଷା

## EASY GUIDE TO TRANSLATION.

BY

BISWANATH MISRA.

( ସଂଶୋଧିତ ଓ ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ )

ମୁଦ୍ରଣ ପ୍ରାୟ ଶେଷ ହୋଇଅଛି ।

ଅକ୍ଟୋବର ମାସର ପ୍ରଥମ ସପ୍ତାହରେ

ପ୍ରକାଶିତ ହେବ ।

SOLE AGENT—B. B. MUKHERJEE, BOOK AGENT, CUTTACK.

## NOTICE.

Wanted a Mahafiz strong in English and Uriya on a salary of Rs 20 per mensem. Preference will be given to an Uriya. Copies of testimonials and certificates of good moral character should accompany the application which will be received up to 15th October 1902.

Manager's office Pal lahera Dated the 15th September 1902 } M. Yusuf Offg. Manager

## ବିଜ୍ଞାପନ ।

ଆମ୍ଭର ଜମିଦାରୀ ଦରଡ୍ଡାଗୌର, ସାରଥାଗୌର, ମୂଲଦ'ଗୌର ଏହି ତିନି ପରଗଣାର ଓ ଲଙ୍ଗଲେଶ୍ୱର ପରଗଣାର ଅନ୍ତର୍ଗତ ତାଯୁ ମହାଲର ତହସିଲଦାରମାନଙ୍କ ଉପରେ ଜଣେକ ନାଏବ ଆବଶ୍ୟକ । ମାସିକ ବେତନ ଟ ୧୨ ବାରଟଙ୍କା । କାର୍ଯ୍ୟଦକ୍ଷତାନୁସାରେ ବେତନ ବୃଦ୍ଧି ହେବ । ତାହାଙ୍କର ପ୍ରଧାନ କାର୍ଯ୍ୟ ସାହାଡ଼ା କଚେରୀରେ ହାଜର ରହି ଲକ୍ଷ୍ମଣନାଥ ସଦର କଚେରୀରୁ ଉକ୍ତ ତହସିଲଦାରମାନଙ୍କଠାରୁ ପ୍ରେରିତ ଆଦେଶାନୁସାରେ ସେମାନଙ୍କୁ କାର୍ଯ୍ୟାନୁବର୍ତ୍ତୀ କରି ଓ ସେମାନେ ଟଙ୍କା ଆଦାୟର ଶୈଥିଲ୍ୟ ନ କରନ୍ତି କିମ୍ବା ଅତ୍ୟାଚାର ନ କରନ୍ତି ତାହା ଦୃଷ୍ଟି ରଖିବା । ବିସ୍ତାରିତ ବିବରଣ ପତ୍ରଦ୍ୱାରା ଜ୍ଞାତବ୍ୟ । ତହବିଲର ଦାୟୀ ହେବାକୁ ହେବ ନାହିଁ କିନ୍ତୁ କାର୍ଯ୍ୟର କବୁଲିୟତ୍ ଦେବାକୁ ହେବ । ଏକମାସ ପର୍ଯ୍ୟନ୍ତ ପ୍ରଶଂସାପତ୍ରସହ ଆବେଦନ ଗ୍ରହଣ କରାଯିବ । ଇତି ।

ତା ୨୯।୯।୦୨ } Harendra Narayan Roy Mohasaya, *Zemindar,*

ଲକ୍ଷ୍ମଣନାଥ ପୋଃ ଅଃ

ଗଡ଼ ଲକ୍ଷ୍ମଣନାଥ

Digitized by srujanika@gmail.com

## ବିଜ୍ଞାପନ ।

# ଫଳେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି ଦାସ କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗୀମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

### ବ୍ରାହ୍ମୀ ଘୃତ

ଅଜକାଲି ଛାତ୍ର ସମାଜ ମଧ୍ୟରେ ସ୍ମରଣ ଶକ୍ତିର ଅଭାବ ହୋଇଥାଏ, ସ୍ମରଣ ଶକ୍ତି ଯେ କେବଳ ଛାତ୍ରମାନଙ୍କର ଅଭାବ ପ୍ରିୟ ପଦାର୍ଥ ଏପରି ନୁହେ ଏହା ବ୍ୟକ୍ତି ମାତ୍ରେହିଁ ପ୍ରୟୋଜନୀୟ; ବ୍ରାହ୍ମୀଘୃତ ଗୋଟିଏ ସ୍ମରଣ ଶକ୍ତି ବର୍ଦ୍ଧକ ମହୌଷଧ, ସ୍ନାନ-ମେଧାବହିଷ୍ଠ ବାଳକମାନଙ୍କର ଏବଂ ଅଧିକ ଅଧ୍ୟୟନଶୀଳ ଛାତ୍ରମାନଙ୍କ ପକ୍ଷରେ ଏହା ବିଶେଷ ଉପଯୋଗୀ, ଏହାଦ୍ୱାରା ଚିତ୍ତ ଚାଞ୍ଚଲ୍ୟ ଦୂର ହୁଏ ମସ୍ତିଷ୍କ ପୋଷଣ କରେ ଚକ୍ଷୁର ତେଜ ବୃଦ୍ଧି ହୁଏ ଏବଂ ସମସ୍ତ ଶରୀରରେ ବଳ ସଞ୍ଚିତ ହୋଇ-ଥାଏ । ଯେଉଁମାନଙ୍କର ସାମାନ୍ୟ କାରଣରୁ ରାଗ ହୋଇ ମସ୍ତକ ଗରମ ହୁଏ ଏବଂ ଏକ ବିଷୟରେ ମନ ସ୍ଥିର ନ ଥାଏ ରାତିରେ ନିଦ୍ରା ହୁଏ ନାହିଁ ଦୁଃସ୍ୱପ୍ନ ହୁଏ ଇତ୍ୟାଦି ଲକ୍ଷଣରେ ଏହା ସଦ୍ୟ ଫଳପ୍ରଦ ।

ଏକଶିଶିର ମୂଲ୍ୟ ଟ ୨୲

### ଶୁକ୍ରବର୍ଦ୍ଧକବଟିକା

ଏହି ଔଷଧ ବୀର୍ଯ୍ୟ ସ୍ତମ୍ଭନକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁ ଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡିବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

### କଲ୍ୟତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଯତ, ପାର-ଦାଦି ଦୋଷଜନିତ ଶରୀରରେ କଳାଚିହ୍ନ ଓ ଚକ୍ରାକାର ଦାଗ; ଘୋଟକୋପୃଷ୍ଠି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକକେ ତିନଟି ଶିଶି ନେଲେ ଟ ୪୲ ଙ୍କା ଲାଗେ ।

| | |
|---|---|
| ଚୌଧୁରୀ ବଜାର<br>କଟକ | ଶ୍ରୀ ଛକଡ଼ି ଦାସ କବିରତ୍ନ<br>ଅନ୍ନପୂର୍ଣ୍ଣା<br>ଆୟୁର୍ବେଦୀୟ ଔଷଧାଳୟ । |

---

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା, ସୋନ-ପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ଖଲଗିର, ହିନ୍ଦୋଳ, ଆଠଗଡ଼, ଖାଙ୍ଗପୁର, ତଇଲାକୋଣା, ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭ ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଜୋପି, ଗେଞ୍ଜା, କଂଖାପ, କାମ୍ରା, ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରହାଦ ଶତଭ ଅଙ୍ଗୁସ୍ତ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ଢାଲ ତାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଗୋଲାନାଥ
ଭୁଞ୍ଜଭଙ୍ଗ ଫାଟକ ବନାରସ ସିଟି

---

## ବିଜ୍ଞାପନ ।

### ଏଟଲ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

### ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ।୵ ଅଣା ।

ପ୍ରାପ୍ତିସ୍ଥାନ — ଏଲ, ଦେ
ହୋମିଓପ୍ୟାଥିକ, ଦାତବ୍ୟ ଔଷଧାଳୟ
ବାଲେଶ୍ୱର ।

---

## ବିଜ୍ଞାପନ ।

### ନୂତନ ପୁସ୍ତକ ।।

| | |
|---|---|
| କଥିଶିକ୍ଷା ( ନୂତନ ଛାପା ) | ଟ ୦ ।୵ |
| ପଦ୍ମପୁରାଣ | ଟ ୧ |
| ଜାମରତ୍ନଗୀତା ୨ୟ ଭାଗ | ଟ ୦। |
| ମନ୍ତ୍ରାବଳୀ ସ୍ତବ | ଟ ୦।୬ |
| ପ୍ରବନ୍ଧ ଅଷ୍ଟ୍ରଡକ୍ ବା ଜାଦମ୍ବରୀ ଉପନ୍ୟାସ (ଖନ୍ଦ) | ଟ ୦ ୲୵ |
| ଭକ୍ତି-ସଙ୍ଗୀତ | ଟ ୦ / |
| ବୈତନ୍ତଗୀତା | ଟ ୦ ୲ |
| ସପ୍ତାଙ୍ଗଯୋଗସାର ଟୀକା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ମିଳିବ ।

---

## ବିଜ୍ଞାପନ ।

ଉତ୍କଳର ଅମୂଲ୍ୟକୀର୍ତ୍ତି

# ରାଧାନାଥଗ୍ରନ୍ଥାବଳୀ

ପ୍ରକାଶିତ ହୋଇଅଛି

ମୂଲ୍ୟ ତିନଟଙ୍କା

ଯେଉଁମାନେ ଆଗାମୀ ଶ୍ରୀ ଶ୍ରୀ ଦୁର୍ଗାପୂଜା ପୂର୍ବରୁ ପୁସ୍ତକ କ୍ରୟ କରିବେ ସେମାନେ ପ୍ରତିଖଣ୍ଡ ଦୁଇଟଙ୍କା ବାରଅଣା ମୂଲ୍ୟରେ ପାଇବେ । ପରେ ପୂର୍ବୋକ୍ତ ମୂଲ୍ୟ ରହିବ ।

ଡାକମାସୁଲ ଓ ଭିଃ ପିଃ ଖରଚ ସ୍ୱତନ୍ତ୍ର ।

| | |
|---|---|
| ଚାଲିଗଞ୍ଜ<br>କଟକ<br>୨୨।୭।୧୯୦୭ | ଶ୍ରୀ ଶଶିଭୂଷଣ ଘୋଷ<br>ପ୍ରୋପ୍ରାଇଟର—ସତ୍ୟପ୍ରେସ |

Split by PDF Splitter
Digitized by srujanika@gmail.com

# ଉତ୍କଳଦୀପିକା।

ଦୁର୍ଗାପୂଜା ଏବଂ ଲକ୍ଷ୍ମୀପୂଜା ଉପଲକ୍ଷରେ ଆସନ୍ତା ତା ୨ ରିଖ ସୋମବାରଠାରୁ ତା ୧୨ ରିଖ ଶୁକ୍ରବାର ପର୍ଯ୍ୟନ୍ତ କଲେକ୍‌ଟରୀ ଫଉଜଦାରୀ ଓ ଅନ୍ୟାନ୍ୟ କଚେରୀମାନ ବନ୍ଦ ହେବ। ଦେବାନୀ କଚେରୀମାନ ଗତ ବୁଧବାରଠାରୁ ବନ୍ଦ ହୋଇଅଛି। କଟକପ୍ରିଣ୍ଟିଂ କମ୍ପାନୀଙ୍କର କାର୍ଯ୍ୟାଳୟ ଏହି ପର୍ବମାନଙ୍କ ଉପଲକ୍ଷରେ ଦଶ ଦିନ ଅର୍ଥାତ୍ ଆସନ୍ତା ମଙ୍ଗଳବାରଠାରୁ ଚଳିତ ମାସ ତା ୧୩ ରିଖ ଶନିବାର ପର୍ଯ୍ୟନ୍ତ ବନ୍ଦ ହେବ ଏବଂ ତା ୧୫ ରିଖ ସୋମବାର ଦିନ ଫିଟିବ। ସୁତରାଂ ଆମ୍ଭେମାନେ ଦୁଇ ସପ୍ତାହ ନିମନ୍ତେ ପାଠକମାନଙ୍କଠାରୁ ବିଦାୟ ଗ୍ରହଣ କଲୁଁ। ପଶ୍ଚାତ୍ ଚଳିତମାସ ତା ୨୦ ରିଖ ଶନିବାର ଉତ୍କଳଦୀପିକା ପାଠକମାନଙ୍କୁ ଭେଟି ନିଯୁକ୍ତ ସେବାରେ ନିଯୁକ୍ତ ହେବ।

---

କଲିକତା ବିଶ୍ୱବିଦ୍ୟାଳୟର ଅଧୀନ ଏଣ୍ଟ୍ରାନସ ଫାର୍ଷ୍ଟଆର୍ଟସ ବି, ଏ, ଏମ, ଏ, ଏବଂ ବି, ଏଲ, ପରୀକ୍ଷାମାନଙ୍କର ସନ ୧୯୦୮ ସାଲର ପାଠ୍ୟପୁସ୍ତକର ତାଲିକା ଗତ କଲିକତାଗେଜେଟରେ ବାହାରିଅଛି। ତହିଁରେ ଦେଖିଲୁଁ ଯେ ସନ ୧୯୦୮ ସାଲର ଏଣ୍ଟ୍ରାନ୍‌ସ ପରୀକ୍ଷା ନିମନ୍ତେ ଇଂରାଜୀଭାଷା ଛଡା ଅନ୍ୟ ସମସ୍ତ ଭାଷାର ପାଠ୍ୟପୁସ୍ତକର ନାମ ଲେଖାଅଛି। ଏଣ୍ଟ୍ରାନ୍‌ସ ପରୀକ୍ଷା ସକାଶେ କୌଣସି ଇଂରାଜୀ ପୁସ୍ତକ ନିର୍ଦ୍ଦିଷ୍ଟ ନ ହେବା ବିଷୟକ ବିଶ୍ୱବିଦ୍ୟାଳୟ ସମିତିଙ୍କର ପ୍ରସ୍ତାବ ସେହି ବର୍ଷରୁ ପ୍ରଚଳିତ ହେବ କି?

---

ଗତ ସପ୍ତାହରୁ ବର୍ଷାକାଳ ଶେଷ ହୋଇ ଶରତ୍‌କାଳର ଲକ୍ଷଣମାନ ପୂର୍ଣ୍ଣ ମାତ୍ରାରେ ପ୍ରତ୍ୟକ୍ଷ ହୋଇଅଛି। ଏବର୍ଷ ଜାନୁୟାରୀ ମା ୧ ସରେ ଓଡ଼ିଶାର ତିନିଜିଲ୍ଲାରେ ନିମ୍ନଲିଖିତ ପରିମାଣରେ ବୃଷ୍ଟି ହୋଇଅଛି ଯଥା—

କଟକରେ ୪୮.୦୬ ରୁ ୫୪.୦୯ ଇଞ୍ଚ

ବାଲେଶ୍ୱରରେ ୫୦.୧୯ ରୁ ୪୬.୬୯ ଇଞ୍ଚ

ପୁରୀରେ ୪୬.୦୦ ।/ ୫୧.୮୬ ଇଞ୍ଚ।

ପ୍ରଥମଲିଖିତ ଅଙ୍କ ବାର୍ଷିକ ହାରାହାରି ପରିମାଣ ଅଟେ। ଅର୍ଥାତ୍ କଟକ ଓ ପୁରୀର ବୃଷ୍ଟି ପରିମାଣ ହାରାହାରି ଅଙ୍କରୁ ଅଧିକ ଏବଂ କେବଳ ବାଲେଶ୍ୱରରେ କିଛି ଊଣାପଡିଅଛି। ମୋଟରେ ଫସଲ ଏପର୍ଯ୍ୟନ୍ତ ଭଲ ଏବଂ ଏଣିକି ଆଉ ଦୁଇ ଏକଥର ବୃଷ୍ଟି ହେଲେ ଏବଂ ପବନର ବଳ ନ ହେଲେ ଫସଲର ଚିନ୍ତା ଦୂର ହେବ।

---

ଗତ ସପ୍ତାହରେ ହୋଇଥିବା ମାଇନର ପ୍ରଭୃତି ବୃତ୍ତି ପରୀକ୍ଷାର ପ୍ରଶ୍ନାବଳୀ ସମ୍ବନ୍ଧରେ ଦୁଇଖଣ୍ଡ ପ୍ରେରିତପତ୍ର ପାଇ ତହିଁ ମଧ୍ୟରୁ ଏକ ଖଣ୍ଡ ଅଦ୍ୟ ପ୍ରକାଶ କଲୁଁ। ସ୍ଥାନାଭାବ ହେତୁ ଅନ୍ୟ ଖଣ୍ଡ ଉପେକ୍ଷିତ ହେଲା। ଦୁଇ ପତ୍ରର ଗୂଢାର୍ଥ ପ୍ରାୟ ଏକ ଅଟେ—ଅର୍ଥାତ୍ ଛପା ଭ୍ରମ, ପ୍ରଶ୍ନ ଭ୍ରମ ଏବଂ ଅଧିକନ୍ତୁ ଯେଉଁ ପାଟୀଗଣିତ ପୁସ୍ତକରୁ ପ୍ରଶ୍ନ ଦିଆ ଯାଇଥିଲା ସେ ପୁସ୍ତକରେ ଭ୍ରମ। ପତ୍ରପ୍ରେରକମାନଙ୍କର ପ୍ରାର୍ଥନା ଯେ ପରୀକ୍ଷକମାନେ ପୁସ୍ତକ ଲିଖିତ ଭ୍ରମପୂର୍ଣ୍ଣ ଉତ୍ତର ଉପରେ ନିର୍ଭର ନ କରି କିମ୍ବା ପରିଶ୍ରମ କରି ଅଙ୍କ କଷି ଛାତ୍ରମାନଙ୍କର ଉତ୍ତରର ମୂଲ୍ୟ ନିରୂପଣ କରିବେ ଏବଂ ଓଡ଼ିଶାର ସ୍କୁଲସମୂହର ଇନସ୍ପେକ୍ଟର ମହାଶୟଙ୍କୁ ପ୍ରାର୍ଥନା ଯେ ଭବିଷ୍ୟତରେ ଏପରି ଭ୍ରମ ନିବାରଣର ସଦୁପାୟ ଅବଲମ୍ବନ କରିବେ। ଏ ପ୍ରାର୍ଥନାମାନ ନ୍ୟାୟସଙ୍ଗତ ଅଟେ ଏବଂ ଆମ୍ଭେମାନେ ଏଥି ପ୍ରତି କର୍ତ୍ତୃପକ୍ଷଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରୁଅଛୁଁ।

---

ଆସନ୍ତା ଜାନୁଆରୀମାସରେ ସମ୍ରାଟଙ୍କର ଅଭିଷେକୋତ୍ସବ ଏ ନଗରରେ କି ରୂପେ ଅନୁଷ୍ଠିତ ହେବ ତହିଁର ବିଚାର ନିମନ୍ତେ ଗତ ବୁଧବାର ସକାଳ ଘ ୮ ଘଣ୍ଟା ବେଳେ ରେଭେନ୍‌ସା କଲେଜ ଗୃହରେ ଗୋଟିଏ ସଭା ହୋଇଥିଲା। ମାନ୍ୟବର କମିଶନରସାହେବ ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ। କଲେକ୍ଟର ପ୍ରଭୃତି ନ ୪ ଣ ଇଉରୋପୀୟ ଏବଂ ପ୍ରାୟ ନ ୩୦ ଣ ଦେଶୀୟ ଭଦ୍ରଲୋକ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ କଲେକ୍ଟର ସାହେବ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ବୁଝାଇଦେଇ ଗୋଟିଏ ସାଧାରଣ କମିଟି ନିଯୁକ୍ତ କରିବାର ପ୍ରସ୍ତାବ କଲେ। ତାହା ଧାର୍ଯ୍ୟ ହୋଇ ସ୍ଥିର ହେଲା ଯେ କମିଟିର ଉଦ୍ଦେଶ୍ୟ ବିଜ୍ଞାପନ ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯିବ ଏବଂ ଆସନ୍ତା ନବେମ୍ବରମାସ ତା ୧୦ ରିଖରେ ସଭା ହୋଇ ଉତ୍ସବର ଅନୁଷ୍ଠାନ ପତ୍ର ପ୍ରସ୍ତୁତ ହେବ ଏବଂ ତାହା କାର୍ଯ୍ୟରେ ପରିଣତ କରିବା କାରଣ କାର୍ଯ୍ୟ ନିର୍ବାହ କମିଟି ନିଯୁକ୍ତ ହେବ। ଏଠାରେ ଦରବାର ହେବ କି ନାହିଁ ଏଥିମଧ୍ୟରେ ଶ୍ରୀଯୁକ୍ତ କମିଶନରସାହେବ ଗବର୍ଣ୍ଣମେଣ୍ଟଙ୍କ ସହିତ ପରାମର୍ଶ କରି ସେ ସଭାରେ ଜଣାଇବେ।

---

ଓଡ଼ିଶାର ବନ୍ଦରମାନଙ୍କର ସନ ୧୯୦୧-୧୯୦୬ ସାଲର ଆୟ ବ୍ୟୟ ସର୍ବସାଧାରଣଙ୍କର ଗୋଚରାର୍ଥେ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି। ତହିଁରୁ ନିମ୍ନଲିଖିତ ଅଙ୍କମାନ ସଙ୍କଳିତ ହେଲା। ଯଥା;

| | ଆୟ | ବ୍ୟୟ |
|---|---|---|
| ବାଲେଶ୍ୱର | ଟ ୩୬୦୫ | ଟ ୯୮୭୦ |
| କଟକ | ଟ ୮୭୬୫ | ଟ ୪୮୧୬ |
| ପୁରୀ | ଟ ୧୫୩୩ | ଟ ୭୬୪ |
| ମୋଟ | ଟ ୧୩,୬୭୩ | ଟ ୧୫,୪୫୦ |

ଗତବର୍ଷର ତହବିଲ ବାକି ଟ ୧୦,୩୮୭ ଟଙ୍କା ଥିଲା। ତହିଁରୁ ଏ ବର୍ଷର ଅଧିକା ବ୍ୟୟ ଟ ୬୦୮୭ ଟଙ୍କା ଯାଇ ତହବିଲ ବାକି ଟ ୮,୩୦୦ ରହିଅଛି। ଆୟ ମଧ୍ୟରେ ଜାହାଜର ବନ୍ଦରୀ ମାସୁଲ ପ୍ରଧାନ ଏବଂ ତାହେ ଆୟ କେବଳ ଟ ୮୭ ଟଙ୍କା ହୋଇଥିଲା। ବ୍ୟୟ ମଧ୍ୟରେ କଚେରୀ ଖର୍ଚ୍ଚ ବନ୍ଦର ଅଫିସର ଓ ଅମଲାଙ୍କର ବେତନ ଓ ଗସ୍ତ ଖର୍ଚ୍ଚ ଏବଂ ବୋଟଖଲାସି ଓ ମରାମତି ଖର୍ଚ୍ଚ ପ୍ରଧାନ ଅଟେ ଓ ଶେଷବାଲରେ ଅଧିକ ହେବାରୁ ବାଲେଶ୍ୱର ବନ୍ଦର ଖର୍ଚ୍ଚ ଅନ୍ୟାନ୍ୟ ବନ୍ଦରଠାରୁ ଅଧିକ ହୋଇଅଛି।

---

ବିଗତ ଲୋକସଂଖ୍ୟା କାର୍ଯ୍ୟ ସମାପ୍ତି ରିପୋର୍ଟରୁ କେତେକ କୌତୁକଜନକ କଥାମାନ ପ୍ରକାଶ ପାଇଅଛି। ପାଠକଙ୍କ କୌତୁକାର୍ଥେ, ନିମ୍ନେ ଉଦ୍ଧୃତ କରୁଅଛୁଁ। ଜନ ସାଧାରଣଙ୍କ ମଧ୍ୟରୁ ନିଯୁକ୍ତ ହୋଇଥିବା ସଂଖ୍ୟାକାରୀ ଜଣେ କେତେ ଉପଯୁକ୍ତ ଥିଲେ ତହିଁରୁ ଜଣା ଯିବ। ମାନ୍ଦ୍ରାଜ ବିଭାଗରେ ଜଣେ ସଂଖ୍ୟାକାରୀ ଠାକୁରମାନଙ୍କୁ ମଧ୍ୟ ଗଣନାରେ ଆଣି ଏହିପରି ଲେଖିଥିଲା କି ଗଣେଶ ଦେବତା, ପୁରୁଷ ହିନ୍ଦୁଧର୍ମ ଜିବାହିତ, ବୟସ ୧ ୬୦୦ ବର୍ଷ, ଗ୍ରାମବାସିଙ୍କ ଦତ୍ତ ଭୋଗରେ ପ୍ରତିପୋଷଣ। ଅନ୍ୟ ଜଣେ ମୃତ ବାବାଜୀର ସମାଧିକୁ ଗଣନାରେ ଆଣିଥିଲା। ଅନ୍ୟ ଜଣେ ଆପେ ଗଜମୂର୍ଖ ବୋଲି ପରିଚୟ ଦେଇଥିଲା। ଅନ୍ୟ ଜଣେ ଲୋକସଂଖ୍ୟା ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ରିପୋର୍ଟ କଲା କି ମୁଁ ସର୍ବଦା ମୋହ ଇଲାକା ଗଣନା କାର୍ଯ୍ୟରେ ଭ୍ରମଣ କରୁଥିବାରୁ ହୁଏତ ମୋହ ଗ୍ରାମର ସଂଖ୍ୟାକାରୀ ମନିତ ଶିଘ୍ର ହେବ ଏ ହେତୁ ମୋହର ବସ୍ତ୍ରାଦି ବିବରଣ ଲେଖି ପଠାଇ ପ୍ରାର୍ଥନା କରୁଅଛି କି ମୋହଠାରୁ ଏହା ପଠାଇ ଦିଆଯାଉ। ଆଉ ଜଣେ ରିପୋର୍ଟ କଲା କି ମୋହର ସ୍ତ୍ରୀ ଅନେକ ଦିନୁ ପଳାଇ ଯାଇଅଛି ଖୋଜି ତାକୁ ପାଇଲି ନାହିଁ। ଅତଏବ ସମସ୍ତ ସଂଖ୍ୟାକାରୀଙ୍କୁ ଆଦେଶ ହେଉ ଯେ ସେମାନେ ତାହା ପ୍ରତି ଦୃଷ୍ଟି ରଖିବେ ଓ ଗଣନାରେ ଆଣିବେ। ଏ ସମସ୍ତ ସଂଖ୍ୟାକାରୀ ସେହି ମାନ୍ଦ୍ରାଜ ବିଭାଗର ଅଟନ୍ତି। ବଙ୍ଗ ବିଭାଗରେ ଜଣେ ସଂଖ୍ୟାକାରୀ ଗୃହପାଳିତ ପଶୁମାନଙ୍କୁ ଗୃହସ୍ଥ ଜନସ୍ୱରୂପ ଗଣନା କରିଥିଲା। ଧନ୍ୟ ଏମାନଙ୍କ

Split by PDF Splitter

Digitized by srujanika@gmail.com

ବୁଦ୍ଧି ! ପ୍ରଭାତରେ ଏ ସବୁ ଧର୍ମ ଘଟ ସଂଶୋଧିତ ହେଲା । ଏଥରର ପ୍ରଭାତ ଠିକ ହୋଇଥିଲା ନଚେତ୍ ଅନେକ ଗଣ୍ଡଗୋଳ ଉଠି ଯାଇଥାନ୍ତା ।

---

ଗତ ସପ୍ତାହରେ ଓଡ଼ିଶାର ମାନ୍ୟବର କମିଶନର ଶ୍ରୀଯୁକ୍ତ ଗୁପ୍ତ ସାହେବ କୃଷ୍ଣବାଲି ପରିଦର୍ଶନାର୍ଥେ ଯାଇ ସେଠାରୁ ଫେରନ୍ତା କନକା ଓ ଆଳି ଭ୍ରମଣ କରି କେନ୍ଦ୍ରାପଡ଼ାର କଚେରୀମାନ ପରିଦର୍ଶନ କରି ଗତ ଶନିବାର ସକାଳେ ଏ ନଗରରେ ପ୍ରବେଶ ହେଲେ । କୃଷ୍ଣବାଲିରେ ଗତମାସ ତା ୨୨ ରିଖରେ ଥିଲେ । ସେ ଦିନ କନକାର ରାଜା ସେଠାରୁ ତାହାଙ୍କୁ ଆମନ୍ତ୍ରଣ କରି ଆଣିବାରୁ ସନ୍ଧ୍ୟା ପ ୧୧ ଘଣ୍ଟା ବେଳେ ଗଡ଼ା ମୁକାମରେ ପ୍ରବେଶ ହେଲେ । ବାଟରେ ଦୁଇ ପାର୍ଶ୍ୱ ପତାକା ଓ ତୋରଣାଦିରେ ସୁସଜ୍ଜିତ ଏବଂ ଦୀପମାଳାରେ ସୁରଞ୍ଜିତ ହୋଇଥିଲା ଏବଂ ଆତସବାଜୀର ମଧ୍ୟ ଅଭାବ ନ ଥିଲା । ରାଜାଙ୍କ ନୂଆ ବଙ୍ଗଳାରେ ବିଶ୍ରାମ କରି ସାହେବ ମହୋଦୟ ପରଦିନ ପ୍ରାତଃକାଳରେ ଡାକ୍ତରଖାନା, ଉଦ୍ୟାନ ଓ ରାଜଭବନ ପରିଦର୍ଶନାନ୍ତେ ସଭାଗୃହରେ ଉପସ୍ଥିତ ହୋଇ ଇଂରାଜୀ ଏବଂ ସଂସ୍କୃତ ବିଦ୍ୟାଳୟମାନଙ୍କର ପୁରସ୍କାର ବିତରଣ କଲେ ଏବଂ ଗୋଟିଏ ସୁନ୍ଦର ଉପଦେଶପୂର୍ଣ୍ଣ ବକ୍ତୃତା ପ୍ରଦାନ କଲେ । ପରେ ମାନେଜରଙ୍କ ଅଫିସ ଦେଖି ଦିବା ପ ୨ ଘଣ୍ଟା ବେଳେ ଆଳିକୁ ଯାତ୍ରା କଲେ । ଆଳିର ରାଜା ମଧ୍ୟ ସଡ଼କ ଓ ରାଜବାଟୀ ଯଥୋପଯୁକ୍ତରୂପେ ସୁସଜ୍ଜିତ କରିଥିଲେ ଏବଂ ବାଣ୍ୟଧିକ୍ୟ ଦ୍ୱାରା କମିଶନର ସାହେବଙ୍କର ଶୁଭାଗମନ ଘୋଷିତ ହେବାରୁ ରାଜା ନଗରକୂଳରୁ ତାହାଙ୍କୁ ଯାଇ ରାଜବାଟୀରେ ବିଧିମତେ ଅଭ୍ୟର୍ଥନା କରିଥିଲେ । ବାଦ୍ୟ, ଭାଟ, ଗ୍ରାମବାସିଙ୍କର ହରିବୋଲ ଏବଂ ହୁଳହୁଳିରେ ନଗର ପରିପୂର୍ଣ୍ଣ ହୋଇଥିଲା । ସେହି ସ୍ଥାନରେ ସ୍କୁଲ ଆଦି ନ ଥିବା ବିଷୟ ରାଜାଙ୍କଠାରୁ ଅବଗତ ହୋଇ ସାହେବ ମହୋଦୟ ତାହାଙ୍କୁ ସଦୁପଦେଶ ପ୍ରଦାନ କଲେ । ଆଶା କରୁଅଛି ଏହି ଅଭାବମାନ ଶୀଘ୍ର ଦୂରୀଭୂତ ହେବ ଏବଂ ସାହେବ ମହୋଦୟଙ୍କର ଶୁଭାଗମନର ଅନ୍ୟାନ୍ୟ ଶୁଭଫଳ ଅଚିରେ ଦେଖାଯିବ ।

---

ମେଜଷ୍ଟ୍ରେଟ ଉତ୍ପାତ ।

ବାଲେଶ୍ୱରରେ ଯେଉଁ ପଲ୍ଲୀଘଟିତ ମୋକଦ୍ଦମା ଚାଲୁଥିବା କଥା ଗତ ସପ୍ତାହରେ ଜଣାଇଥିଲୁଁ ତାହା ଗତ ତା ୨୫ ରିଖରେ ନିଷ୍ପତ୍ତି ହେବା ଏବଂ ଆସାମୀ ପଲ୍ଲୀଦାସ କାର୍ଯ୍ୟବିଧିର ଧା ୨୫୩ ର ଅନୁସାରେ ଖଲାସ ହେବାର ସମ୍ବାଦ ପାଇଅଛୁଁ । ନିଷ୍ପତ୍ତିର ମର୍ମ ଅବଧି ଜାଣି ପାରି ନ ଥିବାରୁ ପ୍ରକାଶ କରି ପାରିଲୁ ନାହିଁ । ମାତ୍ର ଏହି ଅଭିନବ ମୋକଦ୍ଦମାର କାର୍ଯ୍ୟ ସମ୍ବନ୍ଧରେ ଗୋଟିଏ ଅଭିନବ ଘଟନାର କଥା ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଅଛୁଁ । କଥାଟି ଏହି କି ଗତମାସ ତା ୨୩ ରିଖରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ନ ୧୪ ଣ ସାକ୍ଷୀର ଜୋବାନବନ୍ଦୀ ନେଇ ସେମାନଙ୍କୁ ବିଦାୟ ଦେଇ ଦଣ୍ଡବିଧି ଆଇନ ଅନୁସାରେ କୌଣସି ଅପରାଧ ହୋଇଅଛି କି ନା ସେଥିର ବାଦାନୁବାଦ ଉଭୟ ପକ୍ଷଠାରୁ ଶୁଣିବା କାରଣ ଅପରଦିନ ଅର୍ଥାତ୍ ତା ୨୪ ରିଖ ଧାର୍ଯ୍ୟ କଲେ । ସେଦିନ ଅନ୍ୟାନ୍ୟ କାର୍ଯ୍ୟରେ ବିଳମ୍ବ ହେବାରୁ ତହିଁ ଆରଦିନ ତା ୨୫ ରିଖ ଧାର୍ଯ୍ୟ କଲେ ମାତ୍ର ଆସାମିମାନଙ୍କର ଚରିତ୍ର କଦାଚିତ୍ ସନ୍ଦେହଯୁକ୍ତ ବୋଧ ହେବା ହେତୁରେ ସେମାନଙ୍କୁ ହାଜତକୁ ପଠାଇ ଦେଲେ । ତା ୨୫ ରିଖରେ ସବାଲ ଜବାବ ପରେ ଆସାମିଙ୍କୁ ଉପର ଲିଖିତମତେ ଖଲାସ ଦେଲେ । ଆସାମୀ ଅଦ୍ୟାବଧି ସାମାନ୍ୟ ଅର୍ଥାତ୍ ଟ ୪୦ ଙ୍କା ଜାମିନରେ ଥିଲା ଅଭିଯୋଗ ହେବାର ତେଣିକି ଆଉ ଅଧିକ ଅପରାଧ ଘଟନା ହୋଇଅଛି କି ନା ତାହା ବିଚାରାଧୀନ ଥିଲା ଏବଂ ସେଥିର ସିଦ୍ଧାନ୍ତ ନ ହେଉଣୁ ଆସାମୀ ପ୍ରତି ଏମନ୍ତ କି ଗୁରୁତର ସନ୍ଦେହ ହାକିମଙ୍କ ମନରେ ଉଦୟ ହେଲା ଯେ ସେ ଏକପକ୍ଷ ସକାଶେ ତାହାକୁ ହାଜତ କଷ୍ଟ ଓ ଅପମାନ ଦେଇ ଅସ୍ଥିର ହୋଇ ପାରିଲେ ନାହିଁ ? ଜଣେ ଭଦ୍ରଲୋକର ଏପରି ଅପମାନ ଦେଖି ଲୋକେ ଅତ୍ୟନ୍ତ ଭୀତ ଓ ବିରକ୍ତ ହୋଇଅଛନ୍ତି । ଶୁଣିଲୁଁ ସେହି ତା ୨୫ ରିଖ ସକାଳେ ଆସାମୀ ପକ୍ଷରୁ ଜଏଣ୍ଟ ମାଜିଷ୍ଟ୍ରେଟ ସାହେବଙ୍କର ନିକଟରେ ଜାମିନର ଆବେଦନ ହୋଇଥିଲା ମାତ୍ର ଆଇନାନୁସାରେ ତାହାଙ୍କର କ୍ଷମତା ନ ଥିବାରୁ ସେ ହସ୍ତକ୍ଷେପ କରିବାରୁ କାନ୍ତି କଲେ ମାତ୍ର ସ୍ୱାଭାବିକ ନ୍ୟାୟପରାୟଣତା ଗୁଣଦ୍ୱାରା ଚାଳିତ ହୋଇ କର୍ତ୍ତୃପକ୍ଷ ଡ଼ିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କଠାରୁ କୈଫିୟତ ତଲବ କରିଥିଲେ । ଆମ୍ଭେମାନେ ଏହାନ୍ତ ଆଶା କରୁଁ କି ଆସାମୀ ମୂଳ ମୋକଦ୍ଦମାରୁ ଖଲାସ ପାଇଲା ବୋଲି ପ୍ରଜାବତ୍ସଳ ଶ୍ରୀଯୁକ୍ତ ଲାଟ ସାହେବ ଏହି ଅପମାନଜନକ କାର୍ଯ୍ୟର ସୁବିଚାର କରିବାକୁ କ୍ଷାନ୍ତ ନ ହୋଇ ତହିଁର ଉଚିତ ପ୍ରତିକାର ପ୍ରଦାନ ପୂର୍ବକ ଲୋକଙ୍କୁ ଏପ୍ରକାର ଭବିଷ୍ୟତ ବିପଦରୁ ରକ୍ଷା କରିବେ ।

---

ପୁସ୍ତକ ପ୍ରାପ୍ତି ସ୍ୱୀକାର ।

କଲିକତା ।—ଶ୍ରୀ ଅପର୍ଣ୍ଣାପିଣ୍ଡାଙ୍କଦ୍ୱାରା ବିରଚିତ ଏବଂ ପାରଲାଖେମୁଣ୍ଡି ଯନ୍ତ୍ରାଳୟରେ ମୁଦ୍ରିତ । ଏ ପୁସ୍ତକ ପେ ୧୬ ଙ୍କ ଫର୍ମାର ପୃ ୧୪ ସ୍ଥାନ ଅଧିକାର କରିଅଛି । କଲିକତା ବାସ୍ନୀ ଗୋଟିଏ ପଣ୍ଡିତା ଏବଂ ସ୍ୱାଧୀନା ରମଣୀର ଦକ୍ଷିଣଠାରୁ ହରିଦ୍ୱାର ପର୍ଯ୍ୟନ୍ତ ଭ୍ରମଣ ବୃତ୍ତାନ୍ତ ଏବଂ ଭବାନୀ ଭକ୍ତିକୁ ପତି ବିୟୋଗ ପରେ ହିମାଳୟ ପର୍ବତରେ ଯୋଗାଭ୍ୟାସରେ ନିରତା ହେବାର ବର୍ଣ୍ଣନା ଏଥିରେ ସନ୍ନିବେଶିତ ହୋଇଅଛି । ଏଥିର ଭାଷା ସରଳ ଏବଂ ଦକ୍ଷିଣରେ ଛାପା ହୋଇଥିଲେହେଁ ପଢ଼ିଲେ ଭାଷାଦୁଷ୍ଟ ନୁହଇ । ବିଶେଷତଃ ଶ୍ରୀଯୁକ୍ତ ମଧୁସୂଦନ ରାଓ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ଏହାକୁ ସଂଶୋଧନ କରିଅଛନ୍ତି । ଏ ପୁସ୍ତକ ପ୍ରକାଶ କରିବାର ଉଦ୍ଦେଶ୍ୟ ଗ୍ରନ୍ଥକାର ଭୂମିକାରେ ଏହିପରି ଲେଖିଅଛନ୍ତି କି "ଭାରତବାସୀ ବିଶେଷତଃ ଓଡ଼ିଆମାନେ ଅଧୁନା ସଂସ୍କୃତ ହିନ୍ଦୁ ମତାବଲମ୍ବନ ପୂର୍ବକ କାଳ ଯାପନ କଲେ ସର୍ବ୍ବ ଜଗତରେ ଉଚ୍ଚ ସ୍ଥାନ ପ୍ରାପ୍ତ ହେବେ ।"

ଦକ୍ଷିଣରେ ସ୍ତ୍ରୀମାନଙ୍କର ସ୍ୱାଧୀନତା ଥିଲେହେଁ ଲେଖକଙ୍କର ବର୍ଣ୍ଣନାନୁରୂପ ସ୍ୱାଧୀନତା ଦେଖିବା ଅନେକ ବିଳମ୍ବ ଅଛି । ବର୍ତ୍ତମାନ ସମୟରେ ଲେଖକଙ୍କ ସମ୍ମୁଖରେ ଏପରି ସ୍ୱାଧୀନା ରମଣୀର ଚିତ୍ର ରଖିଦେବା ବରଂ ଅନର୍ଥ ଜାତର ହେତୁ ହେଉଅଛି । କଥାପ୍ରସଙ୍ଗରେ ଲେଖକ ତୀର୍ଥ ସ୍ଥାନମାନଙ୍କର ଦୁଷ୍ଟ ପଣ୍ଡା ଓ ଅଧିକାରମାନଙ୍କର ପାଶବ ଚରିତ୍ର ଦେଖାଇ ଦେଇ ଭଲ କରିଅଛନ୍ତି ଏବଂ ଜାଗାଯୁ ସମିତି ଓ ମହାମାୟାଠାରୁ ନିବୃତ୍ତିକୁ ଏବଂ ବଳ୍କଳର ବାର୍ତ୍ତା ନିଷେଧ କରିବାକୁ ଯତ୍ନ କରିଅଛନ୍ତି । ମୂଳରେ ପୁସ୍ତକଟି ମନ୍ଦ ହୋଇ ନାହିଁ । ଏବଂ ଯେଉଁମାନେ ପଢ଼ିବେ ସେମାନଙ୍କର ଶ୍ରମ ବିଫଳ ହେବ ନାହିଁ ଓ ଅନେକ ସ୍ଥାନର ଅନେକ ତତ୍ତ୍ୱ ଦେଖିବେ ।

ସାଥୀ ।—ଶ୍ରୀ ଅନଙ୍ଗମୋହନ ଚକ୍ରବର୍ତ୍ତୀଙ୍କ କର୍ତ୍ତୃକ ବିରଚିତ ଏବଂ କଟକ ସ୍ୱସ୍ତି ପ୍ରେସରେ ମୁଦ୍ରିତ । ଏ ପୁସ୍ତକ ପେ ୧୬ ଙ୍କ ଫର୍ମାର ପୃ ୧୦୬ ସ୍ଥାନ ଅଧିକାର କରିଅଛି । ଗ୍ରନ୍ଥକାର ଏଥିରେ କଲ୍ୟାଣମଙ୍ଗଳ ଶଙ୍କରାଚାର୍ଯ୍ୟ, ରଘୁନାଥ ଗୋସ୍ୱାମୀ ପ୍ରଭୃତି କେତେକ ବିଖ୍ୟାତ ଭକ୍ତଙ୍କର ସଂକ୍ଷିପ୍ତ ଜୀବନୀ ଦେଇଅଛନ୍ତି । ଏଥିର ଭାଷା ମନ୍ଦ ନୁହେ ମାତ୍ର ସ୍ଥାନେ୨ ବଙ୍ଗଳା ବାକ୍ୟ ବିନ୍ୟାସ ରହିଥିବାର ଦେଖା ଯାଏ । ପୁସ୍ତକଟି ପାଠ କଲେ ଭକ୍ତି ରସର ଉଦ୍ରେକ ହେବା ପ୍ରତି ସନ୍ଦେହ ନାହିଁ । ଭରସା କରୁଁ ଏ ପୁସ୍ତକ ସର୍ବ୍ବସାଧାରଣରେ ଆଦୃତ ହେବ ଏବଂ ଲେଖକ ଉତ୍ସାହାନ୍ୱିତ ହେବେ ।

Digitized by srujanika@gmail.com

Split by PDF Splitter



ଗୁଳୁଚ୍ଛ ।—ବାବୁ ନନ୍ଦକିଶୋର ବଳ ବି, ଏ, ଙ୍କ ପ୍ରଣୀତ ଏହା ଖଣ୍ଡେ କବିତା ପୁସ୍ତକ । ଡେ ୧୬ ଖା ଫର୍ମାର ଏହା ପୃ ୬୦ ଷ୍ଠା ଅଧିକାର କରିଅଛି । କବିତା କ୍ଷେତ୍ରରେ ନନ୍ଦକିଶୋର ବାବୁ ସୁପରିଚିତ ଏବଂ ଏଥିରେ ତାଙ୍କର ପୂର୍ବରୁ କବିତା ଲେଖିବାର ଖ୍ୟାତି ଅକ୍ଷୁଣ୍ଣ ରହିଅଛି । ସବୁ କବିତା ମଧ୍ୟରୁ ଆମ୍ଭମାନଙ୍କୁ 'ଆକାଶ' ବିଷୟକ କବିତାଟି ଭଲ ଲାଗିଲା । କବିତାମାନଙ୍କରେ ପ୍ରକୃତ କବିତା ଥିବାର ଦୃଷ୍ଟ ହେଉଅଛି ଏବଂ ଲେଖକ ଯେ କାଳେ ସୁକବି ହେବେ ତହିଁରେ ସନ୍ଦେହ ନାହିଁ ।

ସମ୍ରାଟ ଚରିତ—ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ସମ୍ପାଦିତ ଏବଂ ଖଲିକୋଟ ଯନ୍ତ୍ରାଳୟରେ ମୁଦ୍ରିତ । ଏ ପୁସ୍ତକର କଳେବର ପୃ ୧୬ ଷ୍ଠା । ଏଥିରେ ସମ୍ରାଟଙ୍କର ଖଣ୍ଡିଏ ଚିତ୍ର ଦିଆ ଯାଇ ଅଛି ଏବଂ ତାହାଙ୍କର ଜନ୍ମ ସମୟରୁ ଅଭିଷେକ ପର୍ଯ୍ୟନ୍ତ ଜୀବନର ସଂକ୍ଷିପ୍ତ ଘଟଣା ବର୍ଣ୍ଣିତ ହୋଇଅଛି । ସେହି ଅଭିଷେକ ଉତ୍ସବ ଉପଲକ୍ଷରେ ଏହା ଉପହାର ସ୍ୱରୂପ ପ୍ରଣୀତ ହେବାର ଜଣାଯାଏ ।

ସଂସ୍କୃତ ବ୍ୟାକରଣ ୧ମ ଭାଗ—ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଶର୍ମାଙ୍କଦ୍ୱାରା ପ୍ରଣୀତ ଏବଂ ମୟୂରଭଞ୍ଜର ଯନ୍ତ୍ରାଳୟରେ ମୁଦ୍ରିତ, ମୂଲ୍ୟ ଟ ।୵ । ଗ୍ରନ୍ଥକାରଙ୍କର ବିଜ୍ଞାପନରୁ ପ୍ରକାଶ ଯେ ସ୍ୱର୍ଗୀୟ ବିଦ୍ୟାସାଗର ମହାଶୟଙ୍କର ଉପକ୍ରମଣିକାର ଉତ୍କଳ ଅନୁବାଦ ଅପ୍ରାପ୍ତ ହେବାରୁ ସର୍ବାଧିକାରୀଙ୍କର ଅନୁମତିସହିତ ଏହା ସଂକଳିତ ହୋଇଅଛି । ସୁତରାଂ ଏଥିର ଅଧିକ ପରିଚୟ ଆବଶ୍ୟକ ନାହିଁ, ଏହାର କାଗଜ ଓ ଛପା ଭଲ ଏବଂ ଅଳ୍ପ ସ୍ଥାନରେ ସାମାନ୍ୟ ମୁଦ୍ରାଭ୍ରମ ଛଡ଼ା ଅନ୍ୟ କିଛି ତ୍ରୁଟି ଦେଖିଲୁଁ ନାହିଁ । ଏହାଦ୍ୱାରା ବାସ୍ତବରେ ଗୋଟିଏ ଅଭାବ ଦୂର ହୋଇଅଛି ଏବଂ ଆମ୍ଭେମାନେ ଆଶାକରୁଁ ଯେଉଁମାନେ ସଂସ୍କୃତ ପଢ଼ିବାକୁ ଇଚ୍ଛା କରନ୍ତି ସେମାନେ ଏହା ଅଗ୍ରେ ପାଠ କରିବେ ।

---

### ରେଭେନସା କଲେଜରେ ପୁରସ୍କାର ବିତରଣ ।

ଏ ନଗରସ୍ଥ ରେଭେନସା କଲେଜ ଏବଂ କଲିଏଟ ସ୍କୁଲର ବାର୍ଷିକ ପୁରସ୍କାର ସଭା ଗତ ସୋମବାର ସକାଳ ଘ ୮ଟା ସମୟରେ ହୋଇଥିଲା । ସଭା ଗୃହ ଏବଂ ହଲ ଅନ୍ୟାନ୍ୟବର୍ଷ ପରି ଏବଂ ତହିଁରୁ ଅଧିକ ସୁସଜ୍ଜିତ ହୋଇଥିଲା । ନିମନ୍ତ୍ରିତଙ୍କ ମଧ୍ୟରୁ କେବଳ ଶ୍ରୀଯୁକ୍ତ ଇୟଙ୍ଗ ହେବେଲସ୍ ପାଦରି ସାହେବମାନେ ଏବଂ ଦେଶୀୟ ହିନ୍ଦୁ ମୁସଲମାନ ଭଦ୍ରଲୋକ ପ୍ରାୟ ଜ ୪୦ ଜଣ ଉପସ୍ଥିତ ହୋଇଥିଲେ । ଓଡ଼ିଶାର ଶିକ୍ଷାବିଭାଗ କମିଶନର ଶ୍ରୀଯୁକ୍ତ ଗୁପ୍ତ ସାହେବ ସଭାପତିର ଆସନ ଅଧିକାର କରିଥିଲେ । ପ୍ରଥମେ କଲେଜର ପ୍ରିନ୍ସପଲ ମହାଶୟ ଭୂତପୂର୍ବ ପ୍ରିନସିପଲ ବାବୁ ଜ୍ଞାନଶରଣ ମଜୁମଦାରଙ୍କର ଅକାଳମୃତ୍ୟୁ ଏବଂ ତହିଁରେ କଲେଜର ଯେଉଁ କ୍ଷତି ହୋଇଥିବାର ଦୁଃଖର ସହିତ ପ୍ରକାଶ କରି ସନ ୧୯୦୬।୦୭ ସାଲର ବାର୍ଷିକ ବିବରଣୀ ପାଠକଲେ । ତହିଁର ସଂକ୍ଷେପ ମର୍ମ ଏହି କି କଲେଜର ଛାତ୍ର ୧୩୧ ଠାରୁ ୧୫୩ କୁ ଏବଂ ଆୟ ଟ ୬,୨୮୬ ଠାରୁ ଟ ୬,୭୩୫ ୯ କାକୁ ବୃଦ୍ଧି ହୋଇଅଛି ସୁତରାଂ ସରକାରୀ ବ୍ୟୟ ଗତବର୍ଷ ଟ ୧୪,୨୩୦ ୯ କା ସ୍ଥଳେ ଏବର୍ଷ ଟ ୧୩,୪୩୫୯ କା ହୋଇଅଛି । ଏଫ,ଏ, ପରୀକ୍ଷାରେ ଜ ୩୬ ଜଣ ଏବଂ ବି,ଏ,ରେ ଜ ୭ ଜଣ ପାସ କରିଅଛନ୍ତି । ଗତବର୍ଷର ଅଙ୍କ ଯଥାକ୍ରମେ ୧୪ ଓ ୫ ଥିଲା । ମୁସଲମାନ ଛାତ୍ର ଜ ୧୦ ଜଣ ମଧ୍ୟରୁ ଏକଜଣ ବି,ଏ, ଏବଂ ଜ ୨ ଜଣ ଏଫ,ଏ, ପାସ କରିଅଛନ୍ତି । କଲେଜର ଗୃହରେ ବର୍ତ୍ତମାନ ସ୍ଥାନ ହେଉ ନାହିଁ । ଘର ବଢ଼ାଇବା କାରଣ ଗବର୍ଣ୍ଣମେଣ୍ଟ ଏଥର ଦଶ ହଜାର ଟଙ୍କା ମଞ୍ଜୁର ଏବଂ ଆଉ ଟ ୧୮୦୦୦ ୯ କା ଦେବାକୁ ଅଙ୍ଗୀକାର କରିଅଛନ୍ତି ମାତ୍ର ଲୋକ ଦ୍ୱାରା ଅନ୍ତତଃ ଆଉ ଟ ୩୦,୦୦୦ ୯ କା ସଂଗ୍ରହ ହେବା ଆବଶ୍ୟକ । ଏହି କଲେଜ ଓଡ଼ିଶାରେ ଉଚ୍ଚଶିକ୍ଷାର ଏକମାତ୍ର ଉପାୟ ଥିବାରୁ ରଜା, ଜମିଦାର ଏବଂ ଅପର ବଦାନ୍ୟ ବ୍ୟକ୍ତିମାନେ ମନୋଯୋଗୀ ହେଲେ ଏହି ଅଭାବ ପୂର୍ଣ୍ଣ ହେବା ବଡ଼ କଥା ନୁହେ । ମୁସଲମାନ ଛାତ୍ରାବାସ ଆଦୌ ନାହିଁ ଏବଂ ଏଠା ମୁସଲମାନ ସମାଜ ଚାନ୍ଦାଦ୍ୱାରା ଦୁଇହଜାର ଟଙ୍କା ସଂଗ୍ରହ କରିବା ଯତ୍ନବାନ୍ ଥିବାର ଅବଗତ ହୋଇ ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ତହିଁର ଅର୍ଦ୍ଧେ ଅର୍ଥାତ୍ ଏକ ହଜାର ଟଙ୍କା ଦେବାକୁ ସମ୍ମତ ହୋଇଅଛନ୍ତି । ମାତ୍ର ତେତିକ ଯଥେଷ୍ଟ ନୁହେ । ଅଧିକ ଟଙ୍କା ସଂଗ୍ରହର ଚେଷ୍ଟା କରିବା ସମାଜର ଉଚିତ ହେଉଅଛି । ସରକାର ମଧ୍ୟ ତଦନୁସାରେ ଅଧିକ ଦାନ ଦେବେ । ହିନ୍ଦୁ ଛାତ୍ରାବାସରେ ମଧ୍ୟ ସ୍ଥାନ ନଅଣ୍ଟ ହୋଇଅଛି । ବର୍ତ୍ତମାନ୍ ଜ ୬୦ ଜଣ ଛାତ୍ରର ସ୍ଥାନ ଅଛି ମାତ୍ର ଶତାଧିକ ପ୍ରାର୍ଥୀ ଅଛନ୍ତି । ବର୍ତ୍ତମାନ ଛାତ୍ରାବାସ କେଉଁଝର ମହାରାଜାଙ୍କର ପ୍ରଧାନ ଏବଂ ଅନ୍ୟ ଭଦ୍ର ଲୋକଙ୍କର ସାମାନ୍ୟ ସାହାଯ୍ୟରେ ପ୍ରସ୍ତୁତ ହୋଇଅଛି । ଅନ୍ୟାନ୍ୟ ରଜାମାନେ ତାହାଙ୍କର ସାଧୁ ଉଦାହରଣର ଅନୁସରଣ କଲେ ଏ ଅଭାବ ମେଣ୍ଟିଯିବ । ପରିଶେଷରେ ମୁନସି ମହମ୍ମଦ ମଜହର ଗୋ ୩ ଟା ପଦକ ସ୍ୱୟଂ ସଙ୍କେଶ୍ୱରଚନ୍ଦ୍ର ବାହାଦୁର ଅନେକ ଗୁଡ଼ିଏ ପୁସ୍ତକ ଆଉ ଜଣେ ନାମ ଅପ୍ରକାଶ୍ୟ ଭଦ୍ରଲୋକ ବ୍ୟାୟାମ ଶିକ୍ଷାର ଉତ୍ସାହାର୍ଥେ କେତେକ ପୁସ୍ତକ ପୁରସ୍କାର ଦେବାର ଏବଂ ଶ୍ରୀଯୁକ୍ତ ଗୁପ୍ତ ସାହେବ ଆଗାମୀ ବର୍ଷ ନିମନ୍ତେ ଟ ୨୦ ୯ କା ପୁରସ୍କାର ଦେବାର କୃତଜ୍ଞତା ସହିତ ସ୍ୱୀକାର କରି ରିପୋର୍ଟପାଠ ଶେଷ କଲେ । ତହୁଁ ଶ୍ରୀଯୁକ୍ତ ହେଡ଼ମାଷ୍ଟର ମହାଶୟ କଲେଜ ଅନ୍ତର୍ଗତ ସ୍କୁଲର ବାର୍ଷିକ ରିପୋର୍ଟ ପାଠ କଲେ । ତହିଁର ସଂକ୍ଷେପ ମର୍ମ ଏହି କି ଛାତ୍ରସଂଖ୍ୟା ୩୧୪ରୁ ୩୬୦କୁ ଉଠିଅଛି ଏବଂ ତହିଁ ମଧ୍ୟରେ ମୁସଲମାନ ସଂଖ୍ୟା ୨୬ କୁ ୩୯ ହୋଇଅଛି । ଜ ୩୩ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଜ ୨୧ ଜଣ ଏଣ୍ଟ୍ରାନ୍ସ ପାସ କରିଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଜ ୩ ଜଣ ମୁସଲମାନ ଅଟନ୍ତି ।

ତଦନ୍ତର ଏକ ୨ ଜଣ ଛାତ୍ରଙ୍କୁ ଡାକି ସଭାପତି ମହୋଦୟ ପୁରସ୍କାର ଦାନ କଲେ । ମାତ୍ର ତାହାକୁ କି ବିଷୟରେ ପୁରସ୍କାର ଦିଆଗଲା ପ୍ରକାଶ ହେଲା ନାହିଁ । ଏ କାର୍ଯ୍ୟ ଶେଷକରୁ ସଭାପତି ମହାଶୟ ଏକ ଦୀର୍ଘ ବକ୍ତୃତା ପ୍ରଦାନ କଲେ ତାହା ତାହାଙ୍କର ଅନ୍ୟାନ୍ୟ ବକ୍ତୃତା ପରି ଅତି ମନୋହର ପାଣ୍ଡିତ୍ୟପୂର୍ଣ୍ଣ ଓ ଶିକ୍ଷାପ୍ରଦ ହୋଇଥିଲା । ସେହି ଇଂରାଜୀ ବକ୍ତୃତା ଅବଲମ୍ବନ ଏହି ପ୍ରବନ୍ଧ ତଳେ ପ୍ରକାଶ କଲୁଁ । ସଂକ୍ଷେପରେ ତାହା ଏହି କି ସେ ଉଚ୍ଚ ଶିକ୍ଷାର ଉନ୍ନତି କରି ଏବଂ ଓଡ଼ିଶାର ମୁସଲମାନମାନଙ୍କର ସଂଖ୍ୟା ଅଳ୍ପ ହେଲେହେଁ ସେମାନଙ୍କୁ ଯଥୋଚିତ ଉତ୍ସାହ ଓ ଅଧ୍ୟବସାୟ ସହିତ ଉଚ୍ଚଶିକ୍ଷା ଲାଭରେ ଯତ୍ନବାନ୍ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରି କହିଲେ କି ଶିକ୍ଷା ଓ ସାମାଜିକତା ସଭ୍ୟତାର ପ୍ରଧାନ ଅଙ୍ଗ ଅଟେ । ଏହି ଦୁଇର ପରସ୍ପର ସମ୍ବନ୍ଧ ଅର୍ଥାତ୍ ଏକର ଉନ୍ନତିରେ ଅନ୍ୟର ଉନ୍ନତି ଏବଂ ଉଭୟର ପରିବର୍ଦ୍ଧନରେ ସଭ୍ୟତାର ବୃଦ୍ଧି । ମନୁଷ୍ୟର ଆଦିମ ଅବସ୍ଥାରେ କ୍ଷୁଦ୍ର ୨ ଦଳର ପ୍ରାଦୁର୍ଭାବ ଥିଲା । କ୍ରମେ ସେ କ୍ଷୁଦ୍ରତା ବୃହତ୍ ଦଳରେ ପରିଣତ ହୋଇ ଆସୁଅଛି ଏବଂ ବାଷ୍ପ ଓ ବିଦ୍ୟୁତ କଳ ସାହାଯ୍ୟରେ ସଭ୍ୟତାର ବୃଦ୍ଧି ସଙ୍ଗେ ଐକ୍ୟତାର ବାର୍ତ୍ତା ବିଶେଷ ପ୍ରସାର ହେଉଅଛି । ଏଥିର ପୋଷକତାରେ କେତେଗୁଡ଼ିଏ ସୁନ୍ଦର ଐତିହାସିକ ଉଦାହରଣ ଦେଖାଇ ସେ କହିଲେ ପାଣ୍ଡିତ୍ୟ ପ୍ରକାଶ କରିବା ଅଭିପ୍ରାୟରେ ଏ ପ୍ରସଙ୍ଗର ଅବତାରଣା କରୁ ନାହାନ୍ତି । ମାତ୍ର ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ମନାନ୍ତର ଥିବାର ଅବଗତ ହୋଇ ଏ କଥା କହିବାକୁ ପ୍ରବୃତ୍ତ ହୋଇଅଛନ୍ତି । ବଙ୍ଗାଳୀମାନେ ଓଡ଼ିଆଙ୍କୁ ତୁଚ୍ଛ ମନେ କରନ୍ତି ଏବଂ ଓଡ଼ିଆମାନେ ବଙ୍ଗାଳୀଙ୍କ ପ୍ରତି ଈର୍ଷାଭାବାନ୍ୱେଷଣ କରନ୍ତି । ଏମନ୍ତ ଭାବ

Digitized by srujanika@gmail.com

marked by further amalgamation. The history of nearly every country furnishes a clear record of the process. Great Britain is no longer distracted by tribal feuds nor divided into small kingdoms, as was the case before. The people are now proud to be the subjects of one sovereign and to be regarded as one nation. There is only one recognized language in the whole island, instead of a variety of dialects, and although enthusiasts occasionally appear who, as in Wales, fancy themselves the descendants of the ancient Druids and would perpetuate their unpronounceable speech, or as in Scotland, preserve the Gaelic if they could, the people as a whole have learnt to bow to the inevitable and to accept the English as the dominant tongue, merely retaining in some cases their national brogues as a mild protest against the innovation.

In recent times immense strides have been made in the direction of unification concurrently with the spread of education and the devolpment of Physical Science, for steam and electricity have done much to annihilate distance and time and to bring the peoples and countries together, and distinctions based on birth, creed, language or even on geographical reasons are fast disappearing. In Europe the numerous German principalities have combined under one Government since the Franco—Prussian war a little over thirty years ago, and their scattered peoples now constitute the great German nation. In America the Stars and Stripes give shelter to comers from all parts of the world. Russia has got the whole of Northern and Central Asia in her grasp. But the country which has done most, because she is the most civilized, to advance cosmopolitanism is, as you all know, England, for has she not got within her embrace, French Canada, Equatorial Africa, the whole of Australasia and last though not least, the great Continent of India. Within her enormous area, extending over all parts of the globe are various nations and peoples of diverse creeds and languages, and whom the fostering care and the puissant civilization of the mother country is gradually moulding into a united entity.

It is needless to multiply examples. To the thoughtful student what do these facts and phenomena indicate? Do they not conclusively demonstrate that the destiny of man is towards a common humanity, and that he is working surely, if slowly, to attain that ideal. Individuals form into a family, families combine into a tribe, tribes go to constitute races and nations, the number of which last has a constant tendency to diminish; even as the springs unite into a stream, streams into a rivulet, rivulets into larger rivers which again ultimately disappear in the all embracing ocean. Viewed in this light universal brotherhood is not a mere dream of the visionary but is the ultimate goal of civilization.

I have made these few observations, gentlemen, not with a view to inflict an academic discourse upon you but for introducing what I have now to say in regard to the state of tension which, I am sorry to understand, exists between the people of Orissa and immigrants from other places, especially Bengalis. The complaint is that the Bengali treats the Urya with superciliousness, or at best, with condescension, which is naturally resented by the latter. I am not prepared to say that the charge is altogether groundless. I have lived in Orissa for many years and may fairly lay claim to an intimate knowledge of the country and the people, whom I love so well. I appreciate the virtues of the Urya and am not also blind to his weaknesses. I can say honestly that the attitude of superiority so often assumed by the Bengali is altogether wrong. Orissa has every reason to be proud of her exquisite scenery, of her hills, rivers lakes and sea, of her past glories the remains of which still excites the admiration of the beholder, of her celebrated fanes which are the most venerated in all India, and of her history which is a record of no mean achievements. In all these respects Bengal would come off a very poor second. In manners, customs and physiognomy the Bengali and the Urya approach each other most closely. The language of each is derived from the same stock, and if the excellence of a dialect is judged by the degree of its affinity with the parent tongue, then the Urya will unquestionably carry the palm. In one matter Bengal has had an advantage, for it came into contact with English civilization half a century earlier. But this adventitious circumstance should not make the Bengali look down upon the Urya. The points of difference between the Urya and the Bengali are not greater nor more diverse than those between the English and the Scotch, and yet the two latter, notwithstanding previous quarrels, are now one nation and respect one another. There is no reason therefore, prima facie why the Urya and the Bengali should not get on together. Their good relations should not be disturbed by conceit on the one side and petty jealousy and suspicion on the other. They should receive fair and equal treatment and they should join hand in hand for the amelioration of their common country and working out their common destiny. If in the one matter of western progress the Urya, through no fault of his, is some what backward and therefore temporarily needs a helping hand and receives it, the Bengali should not call it partiality. Equal treatment of one's own sons does not mean that the younger boy who is not yet out of his teens should be dealt with in the same way as his elder brother who has attained majority, completed his education and is out in the world? On the contrary, it is simple fairness that the yonger son should be trained and brought up with care until he is fit to look after himself. It is thus that the Urya must for sometime to come receive a certain amount of differential treatment which his state of pupilage demands. In this noble work of reconciliation we have a right to count upon the cordial and active co-operation of the educated members of both communities, whether they be traders or landed proprietors, members of learned professions or servants of Government. In this matter the teachers of the various schools occupy an unique position, as from the nature of their duties they can do much to make or mar it. It behoves them, therefore, to rise to a due sense of their responsibility and by both precept and example do all they can to cultivate good feeling between Urya and

Digitized by srujanika@gmail.com

ଆଉ ମଧ୍ୟ ଉକ୍ତ ପାଟୀଗଣିତର ଦଶମିକ ଲଘୁକରଣ ତତ୍ତ୍ୱୀୟ ଉଦାହରଣର ଯେଉଁ ଅଙ୍କଟି କଷା ଯାଇଅଛି ତାହା କଷିବାରେ ଭୁଲ ଅଛି।

୧୮୯୫ ମସୀହାର ପୂର୍ବୋକ୍ତ ପ୍ରଶ୍ନ ପାଟୀଗଣିତରୁ ଯେଉଁ ୧ମ ନମ୍ବରଟି ଅର୍ଥାତ୍ ଶତକଡ଼ା ଟ ୪୧ ଅଣା ହିସାବରେ ଟ ୩୦ ଙ୍କାର ୩ ମାସର ସୁଧ ହେବ, ତାହାର ଶତକଡ଼ା ମାସିକ ହାର ସୂତ୍ରରେ ଯେଉଁ ଉତ୍ତର ଟ ୪୬ ହୋଇଅଛି ତାହା ଭୁଲ। ପ୍ରକୃତ ଉତ୍ତର ଟ ୪୧୧୬ ଗଣ୍ଡା ଅଟେ।

ଅତଏବ ପରୀକ୍ଷକ ମହାଶୟ ସମସ୍ତ ପ୍ରଶ୍ନର ଉତ୍ତର କଲେ ଠିକ ହେଉ ବହି ଫଳମାନଙ୍କ ଉପରେ ନିର୍ଭର ନ କରି ପରୀକ୍ଷାର୍ଥୀମାନଙ୍କ ଉତ୍ତର କାଗଜରେ ନମ୍ବର ଦେବାକୁ ଅନୁଗ୍ରହ ପ୍ରକାଶ କରିବେ। ଇତି।

ବଶମ୍ବଦ
ଶ୍ରୀ ବନମାଳୀ ପଣ୍ଡା

## ମୂଲ୍ୟ ପ୍ରାପ୍ତ।

| | | |
|---|---|---|
| ଶ୍ରୀବାବୁ କୃଷ୍ଣଚରଣ ପଧାନ | କେନ୍ଦ୍ରାପଡ଼ା | ୫ ୩ ୧ |
| ସଏଡ଼ କାଦର | ସେରଗଡ଼ା ବାଗବାଟ | ୫ ୩ ୧ |
| ଅଧିକାରୀ ହରେକୃଷ୍ଣ ଦାସ | ମଲପୁର | ୫ ୧ ୧ |
| ଶ୍ରୀବାବୁ ଚନ୍ଦ୍ରମଣି ଚଉଧୁରୀ | କଟକ | ୫ ୧ |
| „ ଶ୍ରୀଚରଣ ମହାପାତ୍ର | ସାକ୍ଷୀଗୋପାଳ | ୫ ୩ |
| „ ଜମେଦାର ଯୋଷି | କଟକ | ୫ ୩ |
| „ ପ୍ରେମ ସାହୁ | „ | ୫ ୩ |
| „ ମଦନ ଚାନ୍ଦ | ଭଦ୍ରବାସା | ୫ ୧ |
| „ ଶେଖ ମହର ଲତିଫ | ଧନ୍ଦ | ୫ ୩ |
| ଶ୍ରୀ ବାବୁ ଅର୍ଜୁନ ବେହେରା | ଜଗତପୁର | ୫ ୨ |
| ସେକ୍ରେଟରୀ ଲେଖାଲଚନ୍ଦ୍ର ସାହିତ୍ୟ | ଚାନ୍ଦବେର | ୫ ୩ |

# ବିଜ୍ଞାପନ




କେତେଗୁଡ଼ିଏ ରୋଗ ଦୂରୀଭୂତ କରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼ଲିଭରଅଏଲ, ଫସ୍ଫୋଫାଇଲ ଗେଇନ୍ସ ଡ୍ୟାନଚନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଆଶାକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ। ରୋଗବିମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ। ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ।

## କିଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଗୁପିରହେ!

ସାମୟିକ ଉପଶମ ଦେଖାଇ ପୁନରାୟ ସମୟରେ ଋତୁ ବିଶେଷରେ ପ୍ରବଳାକାର ଧାରଣ କରେ। ତେଣେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଭିନ୍ନ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ। କଡ଼ା ନିୟମର ଅଧୀନରେ ରହିବାକୁ ହୁଏ। କିନ୍ତୁ

## ଷ୍ଟାରମାଟିନ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ। ସୁତରାଂ ବାରମ୍ବାର ଋତୁ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି କଡ଼ା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ। ସେହି ହେତୁରୁ ଏସିଆ, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି। ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି। ଏରୂପ ବିକ୍ରୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଚୂଡ଼ାନ୍ତ ପ୍ରମାଣ!

## ଷ୍ଟାରମାଟିନ କଣ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜନ୍ତୁର ତୈଳାଂଶ ସହ ଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏହାର ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ।

ଷ୍ଟାରମାଟିନର ଶକ୍ତି ତିନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ହୃତ୍‌ପିଣ୍ଡ ବା ଫୁସ୍ଫୁସ୍ ସମ୍ବନ୍ଧୀୟ ପୀଡ଼ା—

୧। ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ, ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ସ୍ରାବ, ଟୋପା୨ ମୂତ୍ର ପଡ଼ିବା, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ରନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ରକ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ଫୋଲା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଆନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ।

୨। ପାରା ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରାର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର ବାଳଉପୁଡ଼ିବା ହାତ ଗୋଡ଼ ଓ ଅସ୍ଥିରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡ଼ିବା, ଦେହରେ ଚକା୨ ଦାଗ, ହାତ ଓ ଗୋଡ଼ର ତଳାରେ ସ୍ଥାନେ୨ ଧଳା ବା କଳାହେବା, କିମ୍ବା ଚମଡ଼ା ଉଠିବା ପୁନଃ୨ ବାଘି ପଡ଼ିବା, ଦେହରେ ବଥ ବା ବ୍ରଣ ବାହାରିବା ଶରୀର ପିତାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଆରୋଗ୍ୟ ପକ୍ଷରେ ଅମୋଘ।

୩। କ୍ଷୟକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତକଣିକା ପଡ଼ିବା, ମୁଖରୁ ଓ ନାସିକାରୁ ରକ୍ତପଡ଼ିବା, ଛାତିରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ ବେଦନାର ପ୍ରଦାହ, ଆହାରରେ ଅରୁଚି, ଓ ବିସ୍ୱାଦ, ଖଡ଼ ଜଳିବା, ଓ ଡୁଡୁଲମ୍ଫ, ସହଜ ଓ ସାମାନ୍ୟ ପରିଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସ୍‌ର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍‌ପିଣ୍ଡ ବା ଫୁସ୍ଫୁସ୍ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ।

Split by PDF Splitter



ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ନେ-ତୋଷ୍ଟୀ ଜେନ୍ସର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କିମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସହଜେ, ସୁଲଭରେ, ସ୍ୱଚ୍ଛନ୍ଦତାରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ, କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଗ୍ନିର ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ୍‌ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡ଼ାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧୧ ଏକ ଟଙ୍କା । ଡଜନ ଟ ୧୦୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦।୵ ତିନି ଶିଶିରେ ଟ ୦।୵ ଓ ୬ ଶିଶିରେ ଟ ୧ ଓ ଡଜନ ଟ ୧।

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

*Manager*
Spermatine Depot
No. 22 Baranasi
Ghose's street
Calcutta.

ମାନେଜର
ସ୍ପାରମାଟିନ ଡିପୋ
ନ ୨୨ ନମ୍ବର ବାରାଣସୀ
ଘୋଷ ଷ୍ଟ୍ରିଟ
କଲିକତା

# ଏହାଇ ଯାଦୁର

## ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ ନିତାନ୍ତ ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବିନା ଜ୍ୱାଳା ଯନ୍ତ୍ରଣାରେ ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ । ଭାରତବର୍ଷର ସର୍ବତ୍ର ସର୍ବଜନ କର୍ତ୍ତୃକ ଏହା ଅସ୍ତ୍ରହସ୍ତକାରେ ବ୍ୟବହୃତ ଧୂଆ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକତ୍ରରେ ୬ ଛ ବା ୧୨ ବାର ଗୋଟା ନେଲେ କେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଦରକାର ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରାମତାରକ ସେନ ।
ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର

# ବିଜ୍ଞାପନ ।

**ପ୍ରାଥମିକ ଅଙ୍କଶିକ୍ଷା**—ମାନ୍ୟବର ଡାଇରେକ୍ଟର ମହୋଦୟଙ୍କ ଅନୁମୋଦିତ, ଓ ନିମ୍ନ ପ୍ରାଇମେରୀ ବୃତ୍ତି ପରୀକ୍ଷାର ପାଠ୍ୟରୂପେ ନିର୍ଦ୍ଧାରିତ । ଏଥିରେ ଅତି ସହଜରେ ଛାତ୍ରମାନଙ୍କୁ ଅଙ୍କ ଶିକ୍ଷା ଦେବାର ପ୍ରକୃଷ୍ଟ ପ୍ରଣାଳୀ ଅବଲମ୍ବିତ ହୋଇଅଛି । ଥରେ ପୁସ୍ତକଟିକୁ ଆଦ୍ୟୋପାନ୍ତ ପାଠ କଲେ କୌଶଳଗୁଡ଼ିକ ଓ ସୁନ୍ଦର ଉପକାରିତା ସହଜରେ ଉପଲବ୍ଧ ହେବ । ମୂଲ୍ୟ ଚାରିଅଣା ମାତ୍ର ।

**ପ୍ରାଥମିକ ଅଙ୍କଶିକ୍ଷାର ଆଦର୍ଶ ପ୍ରଶ୍ନାବଳୀ**—ଭର୍ଣ୍ଣାକୁଲର, ଅପରପ୍ରାଇମେରୀ ଓ ନିମ୍ନପ୍ରାଇମେରୀ ପରୀକ୍ଷାର୍ଥୀମାନଙ୍କର ଏକାନ୍ତ ପାଠୋପଯୋଗୀ । ଏଥିରେ ପରୀକ୍ଷଣାଧିକ ସୁନ୍ଦର ଅଙ୍କପ୍ରଶ୍ନ ଓ ସେଥିର ଉତ୍ତର ସନ୍ନିବେଶିତ ହୋଇଅଛି । ମୂଲ୍ୟ ଟ ୦। ମାତ୍ର ।

**ତୃତୀୟପାଠର ବ୍ୟାଖ୍ୟା**—ପୂର୍ବବର୍ତ୍ତୀ ସଂସ୍କରଣ ଅପେକ୍ଷା ଏଥିରେ ନୂତନ ଅନେକ ଗୁଡ଼ିଏ କୌତୂହଳୋଦ୍ଦୀପକ ପ୍ରଶ୍ନପାଠ ସନ୍ନିବେଶିତ ହୋଇ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ ସୁପାଠ୍ୟ ହୋଇଅଛି । ମୂଲ୍ୟ ଟ ୦।୵ ମାତ୍ର ।

**ବାଳବନ୍ଧୁ**—ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ପ୍ରଚଳିତ ଶବ୍ଦମାନଙ୍କର ପ୍ରତିଶବ୍ଦମାନ ପର୍ଯ୍ୟାୟକ୍ରମରେ ଲିଖିତ ହୋଇଅଛି । ମୂଲ୍ୟ ଟ ୦୵ ମାତ୍ର ।

ଉଲ୍ଲିଖିତ ପୁସ୍ତକମାନ ଓଡ଼ିଶାର ପ୍ରସିଦ୍ଧ ବୁକ୍‌ଏଜେଣ୍ଟମାନଙ୍କ ନିକଟରେ ମିଳିପାରିବ । ଯେଉଁମାନେ ନଗଦ ମୂଲ୍ୟରେ ଆମ୍ଭଠାରୁ ଉକ୍ତ ପୁସ୍ତକମାନ କିଣିବେ ସେମାନେ ଆଶାତୀତ କମିଶନ ଲାଭ କରିବେ ।

ଶେଖ ମହଜରୁଦ୍ଦୀନ
ହେଡ୍‌ମାଷ୍ଟର, ଗବର୍ଣ୍ଣମେଣ୍ଟ ମିଡ଼ିଲ୍‌ସ୍କୁଲ କଟକ

# ବିଜ୍ଞାପନ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେମୀ ଯୁବତୀର ପ୍ରିୟ ଉପହାର, ଅତି ଅପୂର୍ବ । ଏଇତ, ଡି ଗୁପ୍ତଙ୍କ ଅଭିନବ ଆବିଷ୍କାର

## "ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ଅଳ୍ପ ପରିମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବର୍ଜ୍ଜିତ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଇର, ଧଣିଆ-ଗୁଣ୍ଡ, ଗୁଜରାଟି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଗୁପ୍ତ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଙ୍କ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦। ଅଣା, ଡଜନ ଟ ୨୲ ଟଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।୵, ୬ ଶିଶିରେ ଟ ୦।୵ ଅଣା, ଡଜନକୁ ଟ ୦୵ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"ଗୁପ୍ତ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାରାଣସି ଘୋଷର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର ଯକ୍ଷ, ଘା, ଚର୍ମ-ବ୍ୟାଧି ପ୍ରଭୃତି ଆରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।

## "ଓ୍ୱାର ସାଲ କାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମଲମ୍ପଟ୍ଟି ପରି ଆରୋଗ୍ୟ ହୋଇ ଯାଏ । ଅଥଚ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧୲ କା ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଅଣା । ପ୍ରାପ୍ତିସ୍ଥାନ :—"ଡବଲିଉ, ମେଜର ଏଣ୍ଡ କୋମ୍ପାନୀ",—କଲିକତା ।

Digitized by srujanika@gmail.com

## ବିଜ୍ଞାପନ ।

ସନ ୧୯୦୨ ମସିହା ଡିସେମ୍ବର ମାସରେ ବୋମ୍ବାଇ ତଥା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଜିନିଷ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଭୂଃଖିସିହ
ଜେନେରଲ ସେକ୍ରେଟରୀ
ଇଣ୍ଡିଆନଇଣ୍ଡଷ୍ଟ୍ରିଆଲ ଏକଜିବିସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ଭଣ୍ଡାରିଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମଳଅ,
କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## "ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିକଷ୍ଟ୍ୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳଢେକ୍କାର (ଖଟଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାକାର ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ କାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗନିର୍ମୁକ୍ତ କରି ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା । ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଦୁଇ ଅଣା । ଔଷଧ୍ୟ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — TRADE MARK — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋ ସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨୪ ମାତ୍ର ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିକ୍ରୀପିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କେବଳ—

ଇଲେକ୍ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ଡଜନ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼୨ ହାସପାତାଲରେ ଉପଯୁକ୍ତ ରୋଗିକୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଆସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକେ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରରେ ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ— ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଟୁଗଣ୍ଠି ଫୁଲିବା କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଅଣ, କୁଳ, ଗରମି ଓ ପାରର ଘା, ନାଳ ଓ ନାଲିର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାରା ଗରମିର-ଶାଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଯନ୍ତ୍ରଣାଦି ପୁଣି ପାରା ଓ ଗରମିବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁଷ୍କବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ— ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ— ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,— ତଥା ସ୍ନାୟବୀୟ ଶୁକ୍ରବ୍ୟାଧି— ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର ନାଳର ଶୁକ୍ର ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Split by PDF Splitter
Digitized by srujanika@gmail.com

ସ୍ୱପ୍ନାବସ୍ଥାରେ ବା ଅଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଝାଡ଼ା ମଳ ବେଗରେ ସାର୍ଯ୍ୟ ନିର୍ଗତ ହୁଏ ସେଥିରୁ ବା ଅତ୍ୟନ୍ତ ସହବାସ ହେଉ ଧାରଣ-ଶକ୍ତି ହୀନ, ମୁଣ୍ଡ ଘୂରାଇବା, ଚକ୍ଷୁର ଅନ୍ଧାର ହେବା, କାର୍ଯ୍ୟରେ ପ୍ରବୃତ୍ତି, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ିଯିବ ।

ଇଲେକ୍ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂସ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ପଡ଼ି କ୍ଷୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍ଟ୍ରୋ ସାଲସା" କୁମ୍ଭ ସେଭଳି ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ହିଁ ଆଜଯାଏ ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବା ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି ; ସେମାନଙ୍କର ଓ ଅସଂଖ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲିଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟ୍ରୀ କରାଯାଇଅଛି ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍ଟ୍ରୋ ସାଲସାର :—ଆବିଷ୍କର୍ତ୍ତା— ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତବର୍ଷର ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;— "ଡବଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

ଏହି ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଅର୍ଦ୍ଧ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମତାଗ୍ରାହୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଔଷଧ ପତ୍ରରେ ଅନୁକରଣରୁ ସାବଧାନ

W. MAJOR & CO'S MEDICAL LABORATORY CALCUTTA
TRADE MARK

ଆମର ଔଷଧରେ ଏହି ଚିହ୍ନ ଅଛି

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାପଣ୍ଡିତ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅଦ୍ଭୁତ ;—

"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ଡାକ୍ତର ବୈଦ୍ୟମାନେ ଯେଉଁ ରୋଗ ଅସାଧ୍ୟ ହୋଇ ବର୍ଣ୍ଣନା କରିଅଛନ୍ତି ଏହି ମହୌଷଧ ସେହି ରୋଗକୁ ନଷ୍ଟ କରେ !

ଇଲେକ୍ଟ୍ରୋ ସାଲସା—ନବୋଦ୍ଭାବିତ ଉପାୟରେ ରାସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କିମ୍ବା ପ୍ରଭାବ ଦେଖାଏ ଏବଂ ପ୍ରତ୍ୟେକଥର ଔଷଧ ସେବନମାତ୍ରେ ମନରେ ହୁଏ ଯେମନ୍ତ ସର୍ବାଙ୍ଗରେ କୌଣସି ବୈଦ୍ୟୁତିକ କିମ୍ବା ସ୍ନାୟବୀୟ ହୋଇ-ଗଲା ! ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅମ୍ଭମାନଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ଉତ୍ପତ୍ତି ବୈଦ୍ୟୁତିକ ଶକ୍ତି ହିଁ ପ୍ରକୃତିର ଜୀବନ । ଜଗତର ପ୍ରତ୍ୟେକ ଜୀବର ପ୍ରକୃତ ଦେହ ସଞ୍ଚାଳନା । ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଗଲା ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଣ ?

ପାଶ୍ଚାତ୍ୟ ଶାସ୍ତ୍ର ତତ୍ତ୍ୱଜ୍ଞ ପଣ୍ଡିତମାନେ କହନ୍ତି, କାରଣ ସ୍ନାୟବୀୟ ଦୁର୍ବଳତାରେ ଓ ସ୍ନାୟୁ ଜନ୍ୟ ଅବସ୍ଥାରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତି ହ୍ରାସ ହୋଇ ଧାତୁଦୌର୍ବଲ୍ୟ ବହୁମୂତ୍ର ସହିତ ବହୁ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ସ୍ନାୟୁପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରମଧ୍ୟରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ସୁସ୍ଥ ହେବାକୁ ସମର୍ଥ । ମାତ୍ର ଔଷଧ ସମସ୍ତଙ୍କ ଏପରି ଶରୀରର ସମତା ରକ୍ଷା କରି ନ ପାରେ । ତଡ଼ିତର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଦ୍ଭୁତ ସାମଞ୍ଜସ୍ୟ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ରାସାୟନିକ ବ୍ୟାପାର ବା ତାଡ଼ିତଶକ୍ତି ଅବସ୍ଥାର କରିଛନ୍ତି ଏବଂ ଯେଉଁ ଦେହରେ ତାହାର କାର୍ଯ୍ୟକ ପ୍ରୟୋଗ କରନ୍ତି ତାହା, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ରୋଗରେ ଆଶ୍ଚର୍ଯ୍ୟ ଅବସ୍ଥା ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ଚିକିତ୍ସକ ସମାଜର ଏବେ ଅଜ ବୁଝାଇ ଦେବାକୁ ହେବ ନାହିଁ । ଅଥଚ ଏ ଶରୀରରେ ପ୍ରାରମ୍ଭରେ ମଣିଷର ମହାଶକ୍ତି ଶକ୍ତି ହାସ ଡାକ୍ତର ମେଜର ତାଡ଼ିତଶକ୍ତି ଯେଉଁ ପ୍ରୟୋଗାର୍ଥ ତାହାକୁ ଚିରସ୍ଥାୟୀ ଭାବରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଷ୍ଟି କରି ଛଡ଼ାଉଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଚିକିତ୍ସାର୍ଥ ଅଦ୍ୱିତୀୟ ସର୍ବ ନରେ ପରୀକ୍ଷା କରଗରେ ନୂତନ ଯୁଗ ଅଣି ଦେଉଅଛନ୍ତି !!

ଅଜ ବାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣଦାୟକ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଜ ବାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାଶକ୍ତିକୁ ଏହି ବୈଦ୍ୟୁତିକ ସଞ୍ଜୀବନୀ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଗୌରବଜନକ ଯୌବନଶକ୍ତି ଓ ନଷ୍ଟସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ଦୂଷିତ ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମି, କାଶିରୋଗ, ଗାତ୍ରବେଦନା, କାଛୁ, କୁଣ୍ଡିଆ, ଗଣ୍ଡମାଳ, ପ୍ରମେହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଶୁକ୍ର ତରଳିବା, ମୂତ୍ର କ୍ଷରିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଅବଶ୍ୟ ଦୂରହିଁ ହେବ । ବିଶେଷ ବିବରଣ ପୁସ୍ତିକା ଲେଖିଲେ ପାଇବେ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧୦, ୩ ଶିଶିର ଟ ୪୮, ୬ ଶିଶିର ଟ ୯।, ଡଜନର ଟ ୨୧ ଟଙ୍କା ପଠାଇବାର ଡାକମାସୁଲ ଓ ପ୍ୟାକିଂ ପ୍ରତି ଶିଶିରେ ଟ ୦।୫, ୩ ଶିଶିରେ ଟ ୦ ୫, ୬ ଶିଶିରେ ୮/, ଡଜନରେ ଟ ୧।୫ ।

ଅମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା
TELEGRAPHIC ADDRESS:
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ମୂଲ୍ୟ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ସର୍ବ ୪୦ ଧାଡ଼ିରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ସହର ତଲାବନା ପ୍ରିଣ୍ଟିଙ୍ଗ କମ୍ପାନିର ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C, 81.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖ ୩୭ ଶ
ସ ୪୧ ସଂଖ୍ୟା

CUTTACK, SATURDAY THE 25th October 1902.
ତା ୧୦ ଖ କାର୍ତ୍ତିକ ସନ ୧୩୦୯ ସାଲ ଶନିବାର

ଅଗ୍ରୀମ ୫ ୩୧
ପଶ୍ଚାଦେୟ ୫୬୧

## ବିଜ୍ଞାପନ।

## ନୂତନ ନାଟକ।

ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ
ପ୍ରଣୀତ

## ଯୁଗଧର୍ମ ନାଟକ !

କଟକ ପ୍ରିଣ୍ଟିଂକୋମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ
ମୂଲ୍ୟ ଟ ୦ ୫

## NOTICE.

WANTED 3 Teachers for the Kendrapara H. E. School on Rs 20, 15 & 12 per mensem respectively. None but those who have passed the Entrance Examination need apply. In filling up the 1st post preference will be given to one who has passed the F. A.

Application will be received by the Secretary up to 10th November next. The candidates selected will be required to executer an agreement to stay for 2 years at least.

KENDRAPARA H. E. School
22-10-02

*Md.* Jameiuddin
Headmaster
for *Secretary*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ।

## ସହଜ ଇଂରାଜୀ ଶିକ୍ଷା

# EASY GUIDE

## TO TRANSLATION.

BY
BISWANATH MISRA.

( ସଂଶୋଧିତ ଓ ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ )
ମୁଦ୍ରିଣ ହୋଇଅଛି।
ମୂଲ୍ୟ ଟ ୦ ୫ ଅଠଅଣା ମାତ୍ର

SOLE AGENT—B. B. MUKHERJEE,
BOOK AGENT, CUTTACK.

## ବିଜ୍ଞାପନ।

ଏଗର୍ ହେଙ୍କ ଅଏଣ୍ଟମେଣ୍ଟ।
ବା
ଯାଦୁର ଔଷଧ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନା ଜ୍ୱାଳାରେ ସବୁ ପ୍ରକାର ଯାଦୁ ଅସ୍ତମ ହୁଏ। ଏଥିରେ ପାରଦ କମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା।

ପ୍ରାପ୍ତିସ୍ଥାନ ଏଇଚ, ଦେ
ହୋମିଓପ୍ୟାଥିକ, ଡାକ୍ତର୍ବ୍ୟ ଔଷଧାଳୟ
ବାଲେଶ୍ୱର।

## ଏହାଛ ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଛିହିଁ ଯତ୍ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ। ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଦୁ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବିନା ଜ୍ୱାଳା ଯନ୍ତ୍ରଣାରେ ଶୀଘ୍ର ସଂପୂର୍ଣ୍ଣ ଆରୋଗ୍ୟ ହେବ। ଭାରତବର୍ଷର ସର୍ବାଂଶ ସର୍ବଜନ କର୍ତ୍ତୃକ ଏହା ଆଗ୍ରହସହକାରେ ବ୍ୟବହୃତ ପୂର୍ବ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରଶଂସିତ। ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ। ସମଶ୍ରେଣୀର ଯେତେ ଔଷଧ ବାହାରିଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକଥରେ ୬ ଛ ବା ୧୨ ବାର କୋଟା ନେଲେ କେତାର ବିଶେଷ ଲାଭ ଅଛି। ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ କାହାର କେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପତ୍ରସହ ପ୍ରେରିତ ହୁଏ।

ଏକମାତ୍ର ପ୍ରାପ୍ତିସ୍ଥାନ;—
ଶ୍ରୀ ରାମଚାରଣ ସେନ।
କେଳ ଉତ୍କଳପ୍ରେସ, ବାଲେଶ୍ୱର

Digitized by srujanika@gmail.com

## ଉତ୍କଳଦୀପିକା ।

ମା ଅନ୍ନମୟୀ ବର୍ଷକ ନିମନ୍ତେ ବିଦାୟ ଗ୍ରହଣ କଲେ । ଅମ୍ଭେମାନେ ନିଜ ପ୍ରଥାନୁଯାୟୀ ପାଠକ ପାଠିକା, ଅନୁଗ୍ରାହକ ଓ ଅନୁଗ୍ରାହିକାମାନଙ୍କୁ ଯଥାବିଧି ଅଭିବାଦନ କରୁଅଛୁଁ । ଆଶା କରୁଁ ସମସ୍ତେ ଅମ୍ଭମାନଙ୍କ ପ୍ରତି ପୂର୍ବବତ୍ ସ୍ନେହ, ଅନୁଗ୍ରହ ଓ ଦୟା ପ୍ରକାଶ କରି ଅମ୍ଭମାନଙ୍କୁ ଉତ୍ସାହିତ କରିବାକୁ କୁଣ୍ଠିତ ହେବେ ନାହିଁ । ଅମ୍ଭେମାନେ ଏହି ଆଶା ରଖି ସ୍ୱକାର୍ଯ୍ୟରେ ପ୍ରବୃତ୍ତ ହେଲୁଁ ।

---

ଏଥର ପୂଜା ଅତି ସମାରୋହରେ ସମ୍ପନ୍ନ ହୋଇଅଛି । ଆକାଶ ନିର୍ମଳ ଥିଲା । ମେଘ ଖଣ୍ଡେ୨ ସ୍ଥାନେ୨ ଦୃଶ୍ୟ ହୋଇଥିଲେ ସୁଦ୍ଧା ପର୍ବ ପ୍ରତି କୌଣସି ବ୍ୟାଘାତ କରି ନାହିଁ । ଦର୍ଶକମାନେ ଅତି ଆନନ୍ଦ ସହ ଜଗଜ୍ଜନନୀଙ୍କ ଦର୍ଶନ କରିଅଛନ୍ତି । ସହରରେ ଲୋକଙ୍କ ସମାଗମ ଅଧିକ ହୋଇଥିଲା । ନଦୀରେ ପାଣି ଯିବାର ବାଟ ବହିଲା ସ୍ଥାନମାନଙ୍କରେ ହେବାରୁ ସନ୍ନିକଟସ୍ଥ ଗ୍ରାମର ଲୋକମାନେ ପ୍ରତ୍ୟହ ଆସିବାରେ ତ୍ରୁଟି କରି ନ ଥିଲେ । ବିଶେଷତଃ ଏ ବର୍ଷ ସହରର ଦେବୀମାନେ ପାଞ୍ଚ ଦିନ ରହିବାରୁ ଦର୍ଶକ ସଂଖ୍ୟା ଅଧିକ ହୋଇଥିଲା ଓ ବୃଷ୍ଟିର ଭୟ ନ ଥିବାରୁ ଅବାଳ ବୃଦ୍ଧ ସମସ୍ତେ ଅକ୍ଲେଶରେ ମା'ଙ୍କ ଦର୍ଶନ ଲାଭ କରିଅଛନ୍ତି । ମାତ୍ର ବର୍ଷା ନ ହେବାରୁ ଲୋକଙ୍କର ଛାତି ଭାଙ୍ଗିଲାଣି ପଡ଼ିଥିଲା ।

---

ବଙ୍ଗରେ ବଡ଼ଲାଟଙ୍କର ଭ୍ରମଣ ଜନ୍ୟ ନିମ୍ନଲିଖିତରୂପେ ଆଗାମୀ ନବେମ୍ବର ତା ୨୦ ରିଖଠାରୁ ଜାନୁୟାରୀ ତା ୧୦ ରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି ଯଥା, ପ୍ରଥମ ଶ୍ରେଣୀର ଗାଡ଼ି ଘଣ୍ଟାକୁ ଟ ୩୧ ଙ୍କା ଓ ସମସ୍ତ ଦିନକୁ ଟ ୪୦୧ ଙ୍କା ୨ୟ ଶ୍ରେଣୀର ଗାଡ଼ି ଘଣ୍ଟାକୁ ଟ ୩୧ ଙ୍କା ଓ ସମସ୍ତ ଦିନକୁ ଟ ୩୦୧ ଙ୍କା ଓ ଶଗଡ଼ ଗାଡ଼ି ପ୍ରତି ଘଣ୍ଟାକୁ ଟ ୧୫ ଙ୍କା ଓ ସମସ୍ତ ଦିନକୁ ଟ ୧୬୧ ଙ୍କା ।

---

ଡ୍ୟୁକ୍ ଓ ଡଚେସ୍ ଅବ କନେଟ ଚଳିତ ମାସ ତା ୩୦ ରିଖ ଦିବସ ଜାହାଜରେ ଚଢ଼ିବେ । ଜିବ୍ରାଲ୍ଟର ଓ ଅସ୍ୱାନ ପ୍ରଭୃତି ସ୍ଥାନ ପରିଦର୍ଶନ କରି ଦିଲ୍ଲୀ ଦରବାରରେ ଯୋଗ ଦେବେ । ମାର୍ଚ୍ଚମାସ ପର୍ଯ୍ୟନ୍ତ ଭାରତବର୍ଷରେ ଅବସ୍ଥାନ କରିବେ । ଏଥି ମଧ୍ୟରେ ସେମାନେ ଭାରତର ନାନା ସ୍ଥାନ ପର୍ଯ୍ୟଟନ କରି ଦେଖିବେ ।

---

ଜେନେରାଲ ବୋଥା ବୁସେଲ ନଗରରେ ବକ୍ତୃତା ପ୍ରଦାନ ସମୟରେ ପ୍ରକାଶ କରିଥିଲେ ଯେ ସେ ସ୍ୱାଧୀନତା ପୁନଃ ପ୍ରାପ୍ତ ଆଶାରେ ଇଂରେଜଙ୍କୁ ଅତି ନାହାନ୍ତି । ଯୁଦ୍ଧଦ୍ୱାରା ଅବଲୁଣ୍ଠିତ ଓ ବିନଷ୍ଟ ଦ୍ରବ୍ୟର ପୁନଃପ୍ରାପ୍ତିର ସାହାଯ୍ୟ ପ୍ରାର୍ଥନାରେ ତାଙ୍କର ଆଗମନ । ଶାନ୍ତିର ସର୍ତ୍ତ ରକ୍ଷା ଥିବା ପର୍ଯ୍ୟନ୍ତ ସେ ନୂତନ ଦେଶ ପ୍ରତି ବିଶ୍ୱାସୀ ହୋଇ ରହିବେ, ବ୍ରିଟିସମାନେ ଆଉ ଶଙ୍କା ନ କରନ୍ତୁ । ପୁଣି କହିଲେ, ଯେତେବେଳେ "ଅମ୍ଭେ ଦସ୍ତଖତ କରିଅଛୁଁ, ଅମ୍ଭେ ଅମ୍ଭର ଜବାବ ରକ୍ଷିବୁଁ" ।

---

ଲର୍ଡ କେଚନର ଚଳିତ ମାସ ତା ୧୫ ରିଖରେ ବିଲାତରୁ ଯାତ୍ରା କରି ଅଫ୍ରିକାରେ ଇଜିପ୍ଟ ଦେଶରେ ତିନି ସପ୍ତାହ କାଳ ବାସ କରିବେ । ସେଠାରୁ ଖାର୍ଟୁମ ପରିଦର୍ଶନ କରି ଇଜିପ୍ଟ ନାମକ ଜାହାଜରେ ଆରୋହଣ କରି ବୋମ୍ବାଇ ସହରରେ ଆଗାମୀ ନବେମ୍ବର ମାସ ତା ୧୯ ରିଖରେ ଅବତରଣ କରିବେ । ସାର ପାଓ୍ୱାର ପାମର ତା ୨୦ ରିଖ ପର୍ଯ୍ୟନ୍ତ ସିମଲାରେ ଅବସ୍ଥାନ କରି ତତ୍ପର ବୋମ୍ବାଇ ଯାତ୍ରା କରିବେ ଓ ସେଠାରୁ ତା ୨୧ ରିଖରେ ବିଲାତ ଯାତ୍ରା କରିବେ ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କର ହେମନ୍ତିକ ଭ୍ରମଣ ଅଦ୍ୟ ଆରମ୍ଭ ହେବ । ସେ ସାୟଂକାଳରେ ଖାସ ଟ୍ରେନରେ ସିମଲାଠାରୁ ଯାତ୍ରା କରିବେ । ଗ୍ୱାଲିୟର, ରାଜପୁତାନା, ମଧ୍ୟଭାରତ, ଉଦୟପୁର, ଯୋଧପୁର, ବିକାନିର, ଜୟପୁର, ଭରତପୁର ଓ ଅନ୍ୟାନ୍ୟ ଅନେକ ସ୍ଥାନ ପରିଦର୍ଶନ କରି ଆସନ୍ତା ଡିସେମ୍ବର ମାସ ତା ୨ ରିଖ ସକାଳ ସ ୯ ଟା ବେଳେ କଲିକତାକୁ ଶୁଭାଗମନ କରିବେ । କେବଳ ଜୟପୁରରେ ଦି ୩ ନ ସେଠାରେ ବିଧିମତେ ଅଭ୍ୟର୍ଥିତ ହେବେ । ଅନ୍ୟ ସ୍ଥାନମାନଙ୍କରେ ପ୍ରାୟ ଏକଦିନରୁ ଅଧିକ ରହିବେ ନାହିଁ ଏବଂ ଏଥି ମଧ୍ୟରେ ଦୁଇଥର ଦିଲ୍ଲୀ ନଗରରେ ପଦାର୍ପଣ କରିବେ । ଦରବାରର ବନ୍ଦୋବସ୍ତ ଦେଖିବା ତାହାଁର ଉଦ୍ଦେଶ୍ୟ ଅଟେ ।

---

ଗଞ୍ଜାମ ଜିଲା ବରହମପୁର ଅଦାଲତରେ ଶ୍ରୀ ବାଲକୃଷ୍ଣ ମେହେତା ଓ ଅନ୍ୟ ଏକଜଣ ଖଲିକୋଟ ରଜାଙ୍କ ନାମରେ ଟ ୨୧,୮୪୩ ଅସଲ ସୁଦ ସମେତ ପାଇବା ନିମନ୍ତେ ନାଲିସ ଦାଏର କରିଥିଲେ । ଗତ ସେପ୍ଟେମ୍ବର ମାସ ତା ୩୦ ରିଖରେ ମୋକଦ୍ଦମା ଉପସ୍ଥିତ ହୋଇଥିଲା । ରଜାଙ୍କ ପକ୍ଷରୁ କେହି ହାଜର ନ ହେବାରୁ ମୋକଦ୍ଦମା ଏକତରଫା ହୋଇ ବାଦୀଙ୍କୁ ଖରଚଜଡ଼ା ଦଶ ଟଙ୍କା ସୁଦରେ ଅସଲ ଦାବି ଉପରେ ଡିକ୍ରୀ ହୋଇଅଛି । ବୋବିଲି ମହାରାଜା ମଧ୍ୟ ଖଲିକୋଟ ରଜାଙ୍କ ବିରୁଦ୍ଧରେ ଗତ ଜୁଲାଇ ମାସରେ ସାଢ଼େ ତିନି ଲକ୍ଷ ଟଙ୍କାର ଡିକ୍ରୀ ପାଇଥିଲେ । ଟଙ୍କା ଅଦାୟ ନିମନ୍ତେ ଦୁଇ ମାସ ସମୟ ଦିଆ ହୋଇଥିଲା । ସମୟ ଅତୀତ ହୋଇଅଛି, ଟଙ୍କା ଅଦାୟ ନ ହେବାରୁ ଡିକ୍ରୀ ଜାରୀ ନିମନ୍ତେ ଉଦ୍ୟମ ଲାଗିଅଛି ।

---

ପୋଲିସ କମିଶନ ଭିନ୍ନ୨ ସ୍ଥାନରେ ଭିନ୍ନ୨ ତାରିଖରେ ବୈଠକ କରିବେ । ଚଳିତ ମାସର ଆଗାମୀ ତା ୨୮ ରିଖଠାରୁ ତାଙ୍କର ଭ୍ରମଣ ଆରମ୍ଭ ହେବ ।

ଗୌହାଟିଠାରେ ଅକ୍ଟୋବର ତା ୨୮ ରିଖଠାରୁ ନବେମ୍ବର ତା ୧ ରିଖ ପର୍ଯ୍ୟନ୍ତ, ଢାକାରେ ତା ୨ ରିଖଠାରୁ ତା ୭ ରିଖ ପର୍ଯ୍ୟନ୍ତ, କଲିକତାରେ ତା ୮ ରିଖଠାରୁ ତା ୧୩ ରିଖ ପର୍ଯ୍ୟନ୍ତ, ଭାଗଲପୁର ପୋଲିସ ସ୍କୁଲ ଦେଖିବା ନିମନ୍ତେ ତା ୧୪ ରିଖ, କଲିକତାରେ ୧୫ଠାରୁ ୨୫ ପର୍ଯ୍ୟନ୍ତ, କଟକରେ ତା ୨୬ ରିଖଠାରୁ ତା ୨୮ ରିଖ ପର୍ଯ୍ୟନ୍ତ, କଲିକତାରେ ତା ୨୯ ରିଖଠାରୁ ଡିସେମ୍ବର ତା ୧ ରିଖ ପର୍ଯ୍ୟନ୍ତ, ପାଟନା ୨ ଓ ୩, ବନାରସ ୪ ଓ ୫, ଅଲ୍ଲାହାବାଦ ୭ ରୁ ୧୨, ଲକ୍ଷ୍ନୌ ୧୩ ରୁ ୧୭, ଆଗ୍ରା ୧୮ ରୁ ୨୧, ଜବଲପୁର ୨୨ ଓ ୨୩ ରେ ପୋଲିସ କମିଶନର ବୈଠକ ହେବ ।

---

ଉକ୍ତ ପୋଲିସ କମିଶନ ଆସନ୍ତା ଅର୍ଥାତ୍ ନବେମ୍ବର ମାସ ତା ୨୬ ରିଖରେ ଏ ନଗରରେ ଏକ ବୈଠକ କରିବାର ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ସେମାନେ ଏଠାରେ କି କରନ୍ତି କରିବେ ଅମ୍ଭେମାନେ କେତେବେଳେ ଜାଣି ନ ଥିଲୁଁ । ସମ୍ପ୍ରତି ଅବଗତ ହେଲୁଁ ଯେ କମିଶନରମାନେ କେହି ଏକ ବୈଠକରେ କେତେକ ସରକାରୀ ଓ ବେସରକାରୀ ଲୋକଙ୍କର ସାକ୍ଷ୍ୟ ଗ୍ରହଣ କରିବେ । ସରକାରୀ ଲୋକଙ୍କ ମଧ୍ୟରେ ସିଭିଲ ଏବଂ ବାୟକମାସ୍ତର କର୍ମଚାରୀଙ୍କର ନାମ ଲେଖାଅଛି । ଏପରି ଓଡ଼ିଶା ଡିଭିଜନର ଭୂତପୂର୍ବ ସୁପରିଣ୍ଟେଣ୍ଡେଣ୍ଟ ଦକ୍ଷିଣାପୁର ଶ୍ରୀଯୁକ୍ତ ଇଙ୍ଗଲିସ ସାହେବ କମିଶନରମାନଙ୍କର ସଙ୍ଗରେ ରହିବେ ଏବଂ ଆବଶ୍ୟକୀୟ ପରାମର୍ଶ ଦେବେ । ବେସରକାରୀ ନ ୨।୩ ଜଣ ସାକ୍ଷ୍ୟ ଦିଆଯିବ । ସେମାନଙ୍କର ନାମ ଜଣାଯାଇ ନାହିଁ । ଅନୁସନ୍ଧାନ ଏକା ସରକାରୀ ନାଲ କୁଟେ ମାତ୍ର ନାଲି, ପୁରୁଷରାଣୀ କୃପଣ ଷ୍ଟିଡ କ୍ଷେତ୍ରକୁ ଜଳ ଯୋଗାଇବାର ସମସ୍ତ ଉପାୟସମ୍ବନ୍ଧରେ ଅଟେ । ଏକ ଦତରେ ସମସ୍ତ ବୁଝିଦେବା ଉଦ୍ଦେଶ୍ୟ ହୋଇ

ହେଉଅଛି । ବିଶେଷତଃ ବର୍ତ୍ତମାନ ଯେପରି ଜଳର ଅଭାବ ହୋଇଅଛି କମିଶନରମାନେ ମୋଫସଲର ଦୂର ଏକସ୍ଥାନ ବୁଲି ଦେଖିଲେ ତହିଁର ଅବସ୍ଥା ଏବଂ ପ୍ରତୀକାରର ଉଚିତ ବ୍ୟବସ୍ଥା ବୁଝିବାକୁ ଅଧିକତର ସକ୍ଷମ ହୁଅନ୍ତେ ।

---

ଦୁର୍ଗାପୂଜାର ଅବକାଶ ଉତ୍ତାରୁ ଅଦ୍ୟ ପାଠକମାନଙ୍କ ସହିତ ପ୍ରଥମ ଭେଟ । ପାଠକମାନେ ଅବଶ୍ୟ କେହି ବା ସ୍ୱଗ୍ରାମରେ ଏବଂ କେହି ବା ଅନ୍ୟ ଗ୍ରାମ ବା ନଗର ଭ୍ରମଣରେ ବନ୍ଧୁ ବାନ୍ଧବଙ୍କ ସହିତ ଆଳାପ ଆମୋଦ, ନାନାଦୃଶ୍ୟଦର୍ଶନ ଏବଂ ସ୍ୱାସ୍ଥ୍ୟସାଧନ ଇତ୍ୟାଦି ଆନନ୍ଦ ଭୋଗ କରି ଆପଣା ଆପଣା ବିଷୟ କାର୍ଯ୍ୟରେ ପୁନର୍ବାର ଉପସ୍ଥିତ ହୋଇଅଛନ୍ତି । ଆମ୍ଭେମାନେ ସେମାନଙ୍କୁ ଅଦ୍ୟ ଦୁଇଟା ସୁଖର ସମ୍ବାଦ ଦେଇ ସେମାନଙ୍କୁ ଅଧିକ ହର୍ଷ ପ୍ରଦାନ କରିବାକୁ ଆଶା କରିଥିଲୁଁ । ମାତ୍ର ଦୈବ ବିଡ଼ମ୍ବନା ଯୋଗେ ତାହା ଘଟିଲା ନାହିଁ । ବଡ଼ ଦୁଃଖର ବିଷୟ ଅଟେ । ଭାରତବାସିଙ୍କୁ ସେହି ଚିନ୍ତା ପ୍ରାୟ ଛାଡ଼ିବ ନାହିଁ । ତହିଁ ଉପରେ ପ୍ଲେଗର ପ୍ରଭା । ପେଲେଗ କେଉଁ ଗତ ପ୍ରକାଶିତ ସରକାରୀ ସାପ୍ତାହିକ ବିବରଣରୁ ପ୍ରକାଶ ଯେ ସେ ସପ୍ତାହରେ ଉକ୍ତ ରୋଗ ନ ୧୬,୭୧୦ ଜଣଙ୍କୁ ଆକ୍ରମଣ ଏବଂ ନ ୧୦,୧୦୮ ଜଣଙ୍କୁ ନାଶ କରିଅଛି । ଅର୍ଥାତ୍ ରୋଗର ପ୍ରଭା ଉତ୍ତରୋତ୍ତର ବୃଦ୍ଧି ହେଉଅଛି । ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଯଦ୍ୟପି ଦେଢ଼ ଲକ୍ଷର ତଳକୁ ଖସି ଆସିଅଛି ମାତ୍ର ଏ ମାସରେ ଯେପରି ପାଣି ହୋଇଅଛି ତହିଁରୁ ଭୟ ହେଉଅଛି ଯେ ଦୁର୍ଭିକ୍ଷର କୋପ ଶୀଘ୍ର ବୃଦ୍ଧି ହେବ । ବର୍ତ୍ତମାନ, ହୁଅଲଟେନ, ରାୟପୁର, ଝବଲପୁର, ଜୟପୁର, ଇନ୍ଦୋର, ବେଲାର ଏବଂ ଦକ୍ଷିଣ ହାଇଦ୍ରାବାଦରେ ଏପର୍ଯ୍ୟନ୍ତ ନିୟମିତ ପରିମାଣ ବୃଷ୍ଟି ହୋଇ ନାହିଁ ଏବଂ ଓଡ଼ିଶା, ଛୋଟନାଗପୁର ସନ୍ତାଳ ପରଗନା ପ୍ରଭୃତିରେ ଫସଲର ଅବସ୍ଥା ବଡ଼ ସୁନ୍ଦର ହୋଇଥିଲା । ମାତ୍ର ପ୍ରାୟ ତିନି ସପ୍ତାହ ହେଲା ଏକାବେଳେ ବୃଷ୍ଟି ଛାଡ଼ିଯିବା ଏବଂ ଖରା ଅତ୍ୟନ୍ତ ପ୍ରବଳ ହେବାରୁ ଧାନଗଛମାନ ମରି ଯାଉଅଛି ଏବଂ ଚତୁର୍ଦ୍ଦିଗରେ ହା ହାକାର ପଡ଼ିଯାଇଅଛି । ଏମନ୍ତ ସୁନ୍ଦର ଫସଲ ଦୁଇ ଏକ ଅଶ୍ରା ବୃଷ୍ଟି ଅଭାବରୁ ମରିଯିବାର ଦେଖି ହୃଦ ସହି ହେଉ ନାହିଁ । ସମସ୍ତେ ଏହି ଚିନ୍ତାରେ ବ୍ୟାକୁଳ । ଦ ୨।୪ ଦିନରେ ବୃଷ୍ଟି ହେଲେ କିଛି ରକ୍ଷା ହୋଇ ପାରେ । ନତୁବା ମହାବିପଦ । ବିପଦଭଞ୍ଜନ ହରି ଯାହା ବିଚାର କରିବେ । ନୈବେଦନ ହେଲା ମେଘ ପ୍ରଭଞ୍ଜନ ବାହାରୁ ଅଛି; ଏକାଠି ସ୍ଥାନରେ ବୃଷ୍ଟି ହେବାର ଶୁଣା ଯାଉଅଛି । ମାତ୍ର ଏ ସମୟରେ ଚତୁର୍ଦ୍ଦିଗାବୃଷ୍ଟିର ଅତ୍ୟନ୍ତ ପ୍ରୟୋଜନ ।

---

## ପୁରୀରେ ଦୁର୍ଗୋତ୍ସବ ।

ମହାମାୟା ଭଗବତୀଙ୍କ କୃପାରୁ ଏ ବର୍ଷ ପୂଜା ମହୋତ୍ସବ ନିର୍ବିଘ୍ନେ ସମାଧା ହୋଇଅଛି । ବର୍ଷାଦି ପ୍ରତ୍ୟବାୟ ନ ଥିବାରୁ ଜଗଜ୍ଜନନୀଙ୍କ ସେବାରେ ଲୋକେ ଗୃହଧନ ଆଶକ୍ତ ହୋଇ ଦଶହରା ବିସର୍ଜନପରେ ଗୁଣମୟୀଙ୍କୁ ବର୍ଜନ ନିମିତ୍ତ ବିଦାୟ ଦେଲେ ।

ଏକାଦଶୀଦିନ ଅପରାହ୍ନରେ ମୃଣ୍ମୟୀ ପ୍ରତିମାମାନେ ସିଂହଦ୍ୱାର ନିକଟରେ ସମବେତ ହୋଇଥିଲେ ପୂର୍ବ ବର୍ଷପରି କାରୁକାର୍ଯ୍ୟ ପ୍ରଭୃତି ଦେଖି ଓ ବୃହଦାକାର ନାନା ମୂର୍ତ୍ତିମାନ ଉତ୍କୃଷ୍ଟ ହୋଇଥିଲା । ବଡ଼ ଅଖଡ଼ା ରାବଣର କୈଳାସ ପର୍ବତାସୀନ ଶିବମୂର୍ତ୍ତି ଧାରଣ କରିବା ଦୃଶ୍ୟ ରମଣୀୟ ହୋଇଥିଲା । ବାଲିସାହି ଗୋପଲୀଳା ପୁତ୍ତଳିକା ନୃତ୍ୟ ମଧ୍ୟ ଅତୀବ କୌତୁକାବହ ହୋଇଥିଲା । ପ୍ରଧାନ ପ୍ରଧାନ ମୂର୍ତ୍ତିମାନ ରାତି ଘ ୯ ଟା ପର୍ଯ୍ୟନ୍ତ ରହି ଜଳଶାୟୀ ହେଲେ ।

ଗୟାରେ ମହାଲୟା ଅମାବସ୍ୟା ପର୍ଯ୍ୟନ୍ତ ପିଣ୍ଡ ଦାନ କରି ଅନେକ ଯାତ୍ରୀ ଶ୍ରୀ ଜଗନ୍ନାଥଦେବଙ୍କ ଦର୍ଶନାର୍ଥ ଆସନ୍ତି । ଏବର୍ଷ ମଧ୍ୟ ଅଣ୍ଡିନ ଗୟା ଫେରନ୍ତା ଯାତ୍ରୀ ପ୍ରାୟ ଦଶହଜାର ହୋଇଥିଲେ । ପୂର୍ବ ପ୍ରଥାନୁସାରେ ପୂଜା ଶୃଙ୍ଗାରଦିନ ଶ୍ରୀ ଜଉଙ୍କ ସାହାଣ ମେଲା ହୋଇଥିଲା । ପରେ ଯାତ୍ରିମାନେ ଆନନ୍ଦରେ ଦର୍ଶନ ପାଇଥିଲେ । ଏପର୍ଯ୍ୟନ୍ତ କେହି କେହି ଯାତ୍ରୀ ଅବସ୍ଥାନ କରିଅଛନ୍ତି ।

---

## କଟକରେ ଦୁର୍ଗାପୂଜା ।

ଏ ବର୍ଷ ଦୁର୍ଗା ମେଢ଼ ୮ ଗୋଟି ଓ ବାଜେ ପ୍ରତିମା ମେଢ଼ ମୋଟ ୧୦ ଟି ହୋଇଥିଲା । ପ୍ରତିମାର ଅଧିଷ୍ଠମାନେ ନିଜ ନିଜ ସମ୍ଭବାନୁସାରେ ଆପଣା ଆପଣା ମେଢ଼ର ଉତ୍କର୍ଷ ସାଧନ ବିଷୟରେ ତ୍ରୁଟି କରି ନ ଥିଲେ । ବିନୋଦବିହାରୀ, ଚାନ୍ଦନୀ-ଚୌକ, ଚୌଧୁରୀବଜାର ଓ କାଠବଜାରର ପ୍ରତିମାମାନ ପାରମ୍ପର୍ଯ୍ୟ ନିୟମାନୁସାରେ ସଙ୍ଘଟିତ ହୋଇଥିଲା । ଚୌଧୁରୀ ବଜାରର ମେଢ଼ର ସାଜ ସର୍ବୋତ୍କୃଷ୍ଟ ଥିବାର ପ୍ରକାଶ ପାଇଥିଲା । ଏ ବର୍ଷ ବଙ୍ଗାଳୀସାହିର ମାଗୁଣିଙ୍କ ମେଢ଼ ଅନ୍ୟାନ୍ୟ ବର୍ଷଠାରୁ ସାଜ ସଜ୍ଜାରେ ଉନ୍ନତି ଲଭିଥିଲା ।

ବାଜେ ପ୍ରତିମା ମଧ୍ୟରେ ବକ୍ସିବଜାରର ସଦାଶିବଙ୍କର ଶୋଧନ ହରଣର ଦୃଶ୍ୟ ଅତୀବ ମନୋହର ହୋଇଥିଲା । ରାତି ୧୦।୧୧ ଘଣ୍ଟା ସମୟରେ ଜନରବ ଉଠିଲା ଯେ, ସେ ମେଢ଼ ବାହାରିବାର ବନ୍ଦ ହୋଇଗଲା । ତାହା ଶ୍ରବଣ କରି ସାଧାରଣଙ୍କ ମନରେ ଏମନ୍ତ ଗୁରୁତର ଦୁଃଖ ଓ ଉଦ୍‌ବେଗ ଜନ୍ମିଲା ଯେ, ଆଉ କିଛି ଭଲ ଲାଗିଲା ନାହିଁ, ମାତ୍ର ସମସ୍ତ ବାଧା ଅତିକ୍ରମ କରି ଯେତେବେଳେ ଉକ୍ତ ମେଢ଼ ବାହାରି ଆସିଲା ସେତେବେଳେ ସମସ୍ତେ ବ୍ୟଗ୍ର ଚିତ୍ତରେ ହେଇ ଆସିଲା ଆସିଲା ବୋଲି କହି ପରମାନନ୍ଦ ଲାଭ କଲେ । ପ୍ରକୃତରେ ସଦାଶିବଙ୍କ ବୁଦ୍ଧି ଓ ବିବେଚନା ଶକ୍ତି ପ୍ରଶଂସନୀୟ । ପ୍ରତିବର୍ଷ ଜନ-ମନୋହାରୀ ନବ ନବ ଦୃଶ୍ୟ ଦେଖାଇବା ବିଷୟରେ ତାଙ୍କୁ ବଳିବାର ଆଉ କେହି ଦେଖା ଯାଇ ନାହାନ୍ତି ।

ବକ୍ସିବଜାରର ରାମପ୍ରସାଦ ଭଗତ ଓ ଚୌଧୁରୀ ବଜାରର ଏଙ୍କଟରାମସ୍ୱାମୀଙ୍କ ମହାଦେବଙ୍କ ମେଢ଼ର ସାଜସଜ୍ଜା ଉତ୍ତମ ହୋଇଥିଲା । ରାଣୀହାଟର ମହାଦେବ ପ୍ରତିମାର ଗଠନ ଉତ୍ତମ ହୋଇଥିଲା । ପ୍ରତିମାମାନ ବାଲୁ ବଜାରରୁ ଫେରିଲା ବେଳକୁ ରାତି ପାହି ସୂର୍ଯ୍ୟୋଦୟ ହୋଇଗଲା । ତହିଁ ଉତ୍ତାରୁ ନଦୀ ବାଲିରେ ମିଳନ ହେଲା ।

ପାଗ ଭଲ ଥିବାରୁ ଦର୍ଶକମାନେ ଇଚ୍ଛାନୁସାରେ ଯାହା ଦେଖା ସୁଖ ଅକ୍ଲେଶରେ ଭୋଗ କରି ପାରିଥିଲେ ।

ମହତାପ ବା ଚନ୍ଦ୍ରଜ୍ୟୋତି, ଜାଳିବାର ନିଷେଧ ହେବାରୁ ବର୍ଷକୁ ବର୍ଷ ରାତିରେ ମିଳନ ସମୟରେ ଯେରୂପ ମେଢ଼ ସବୁର ସୁନ୍ଦରତ୍ୱ ଓ କାର୍ଯ୍ୟର ଚାତୁର୍ଯ୍ୟ ଦେଖା ଯାଏ ଏ ବର୍ଷ ତାହା ହୋଇ ପାରିଲା ନାହିଁ ;

ତୋପବାଜୀ, ହବେଇ ପ୍ରଭୃତି ଆଗ୍ନେୟକାଣ୍ଡକର ଆତସବାଜୀ ସଦୃଶ ମହତାପ ଅନିଷ୍ଟକାରକ ନ ଥିବାରୁ ତାହା ଜାଳିବା ପକ୍ଷରେ ନିଷେଧ କରିବାର କୌଣସି ନିୟମ ନାହିଁ । କେବେ ନାହିଁକି ପୋଲିସ ଏ ବର୍ଷ ତାହା ବନ୍ଦ କରାଇଲେ ଓ ଯେ ତାହା ଜାଳିବା ନିମନ୍ତେ ଅନୁମତି ଚାହିଁଲେ ତାଙ୍କର ପ୍ରତିମା ମେଢ଼ ମିଳନକୁ ବାହାରିବ ନାହିଁ ବୋଲି କେତେକ ଘଣ୍ଟା ଅଟକ ରଖି ପୁଣି ଛାଡ଼ି ଦେଲେ ଏଥିର କୌଣସି ହେତୁ ବୁଝା ଯାଉ ନାହିଁ ଏଥିଦ୍ୱାରା ଲୋକେ ନିତାନ୍ତ ବ୍ୟତିବ୍ୟସ୍ତ ହୋଇ ଶ୍ରୀଯୁକ୍ତ କମିଶନର ସାହେବ ମହୋଦୟଙ୍କୁ ଜଣାଇବାକୁ ଇଚ୍ଛା କରି ବୁଝିଲେ ଯେ ସାହେବ ମହୋଦୟ ସେତେବେଳେ କଟକରେ ନ ଥିଲେ ସୁତରାଂ ନିରୁପାୟ ହୋଇ ରହିଲେ । ଏପରି ଅସଙ୍ଗତ କାର୍ଯ୍ୟଦ୍ୱାରା ସାଧାରଣଙ୍କ ଧର୍ମ ଓ ଆମୋଦ ପ୍ରମୋଦ ପ୍ରତି ବିଘ୍ନ ଘଟାଇବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ । କର୍ତ୍ତୃପକ୍ଷମାନେ ଏଥିର ଅନୁସନ୍ଧାନ କରି ଭବିଷ୍ୟତକୁ ଯେପରି ଏମନ୍ତ ବାଧା ନ ଘଟେ ତହିଁର ବିହିତ ବିଧାନ କରିବେ କି ? ପୁଲିସର

Split by PDF Splitter
Digitized by srujanika@gmail.com

Split by PDF Splitter



ଅନ୍ୟଥା ହସ୍ତକ୍ଷେପ ପ୍ରତି ଦୃଢ଼ବଧାନ ହେବା ଉଚିତ । ଏମାନଙ୍କର କ୍ଷମତା ଅସୀମ ଏବଂ ଦୁଃଖର ବିଷୟ ତହିଁର ଅପବ୍ୟବହାର ମଧ୍ୟ ଅସୀମ ଅଟେ ।

## ଅଭିଷେକ ଉତ୍ସବ ।

ଚଳିତ ମାସ ତା ୧ ରିଖରେ ଏଠା ରେଭେ-ନ୍ସା କଲେଜରେ ଏହି ଉପଲକ୍ଷରେ ଯେଉଁ ସଭା ହୋଇଥିଲା ତହିଁର ସଂକ୍ଷେପ ବିବରଣ ଏଥି ପୂର୍ବେ ପ୍ରକାଶ କରିଅଛୁଁ ଏବଂ ଏ ସମ୍ବନ୍ଧରେ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ଆଦେଶମାନ ବାହାରିଅଛି ତହିଁର ସଂକ୍ଷେପ ବିବରଣ ପାଠକ-ମାନଙ୍କୁ ଗତମାସ ତା ୧୩ ରିଖର ପତ୍ରିକାରେ ଜଣାଇଅଛୁଁ । ସମ୍ପ୍ରତି ଏ ଜିଲାର ଶ୍ରୀଯୁକ୍ତ କଲେକ୍ଟରସାହେବ ଅନୁଗ୍ରହପୂର୍ବକ ସେହି ସଭାର ବିସ୍ତାରିତ କାର୍ଯ୍ୟ ବିବରଣ ଏବଂ ଗବର୍ଣ୍ଣମେଣ୍ଟଙ୍କ ଆଦେଶର ପ୍ରତିଲିପି ପଠାଇ ସେ ସମସ୍ତ ପ୍ରକାଶ କରିବାକୁ ଅନୁରୋଧ କରିଥିବାରୁ ତଦନୁସାରେ ସଭାର କାର୍ଯ୍ୟାବଳୀ ନିମ୍ନେ ପ୍ରକାଶ କଲୁଁ । ଗବର୍ଣ୍ଣମେଣ୍ଟଙ୍କର ଆଦେଶର ଜ୍ଞାତବ୍ୟ ବିଷୟ ଏଥିପୂର୍ବେ ପ୍ରକାଶ କରିଥିବାରୁ ପୁନର୍ବାର ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

### ସଭାର କାର୍ଯ୍ୟାବଳୀ ।

ଏ ସଭାରେ ସର୍ବ ସମ୍ମତିକ୍ରମେ ଧାର୍ଯ୍ୟ ହେଲା ନିମ୍ନଲିଖିତ ବ୍ୟକ୍ତିମାନେ ସ୍ୱୀକୃତ ହେଲେ ସେ-ମାନଙ୍କୁ ନେଇ ଗୋଟିଏ ସାଧାରଣ କମିଟୀ ଗଠିତ ହେଉ ଓ ଅନ୍ୟ ମେମ୍ବରଙ୍କୁ କମେଟିରେ ମନୋ-ନୀତ କରିବାର ସେମାନଙ୍କର କ୍ଷମତା ଥାଉ । ମେମ୍ବରମାନଙ୍କର ନାମ, ଯଥା;— କମିଶନର କେ ଜି ଗୁପ୍ତ ସାହେବ, ରାୟ ହରବଲ୍ଲଭ ବୋଷ ବାହାଦୁର, ରାୟ ଯଜ୍ଞେଶ୍ୱରଚନ୍ଦ୍ର ବାହାଦୁର, ବାବୁ କମାଇଚରଣ ମିଶ୍ର, ବାବୁ ମଧୁସୂଦନ ଦାସ, ବାବୁ ଜାନକୀନାଥ ବସୁ, ମୌଲବୀ ଅବଦୁସ୍ ସମଦ, ହାଜି ଜାହିର ମହମୁଦ, ମୁନସୀ ଅହେଦ ଉଲ୍ଲା, ସୟଦ ନୁରୁଲହକ, ମୁନ୍‌ସୀ ଗୋଲାମ ମହମ୍ମଦ, ବାବୁ ଜାନକୀମୋହନ ଦାସ, ବାବୁ ସୁଦାମଚରଣ ନାୟକ, ବାବୁ ବିହାରୀଲାଲ ପଣ୍ଡିତ, ବାବୁ ନଗେନ୍ଦ୍ରନାଥ ମିଶ୍ର ଡିଷ୍ଟ୍ରିକ୍ଟ ଇଞ୍ଜିନିୟର; କନିକା, ଆଳି ଓ ମଧୁପୁର ରାଜାମାନେ, ପଟାମୁଣ୍ଡାଇର ନାଏବ, ବାବୁ କୃତ୍ତିବାସ ଚୌଧୁରୀ, ବାବୁ ଗୌରୀଶଙ୍କର ରାୟ, ସି, ଏ ହୁଆଇଟ୍ ସାହେବ ସୁପରି-ଣ୍ଟେଣ୍ଡିଂ ଇଞ୍ଜିନିୟର, ଏମ ଏଚ ଆର୍ନଟ ସାହେବ ଏକଜିକ୍ୟୁଟିବ ଇଞ୍ଜିନିୟର, ଏଚ ବାର୍ଲୋ ସାହେବ ଏକଜିକ୍ୟୁଟିବ ଇଞ୍ଜିନିୟର, ୭ମ ମାନ୍ଦ୍ରାଜ ପଦା-ତିକ ସେନାର କମାଣ୍ଡିଂ ଅଫିସର, ଏଫ ଏଚ ଫସର ସାହେବ କଲେକ୍ଟର, ମେଜର ଜେ ଟି କଲବର୍ଟ ଡାକ୍ତର ସାହେବ, ଏଚ ଏସ ସ୍ମିଥ ପ୍ଲାସ ସାହେବ, ଏଚ ଷ୍ଟାର୍କ, ରେଭେନ୍‌ସା କଲେଜର ଅଧ୍ୟକ୍ଷ, ବି ସି ମିତ୍ର ସାହେବ ଜଜ, ସୟଦ ଅବ୍‌ଦୁଲ ବାରି ସବ୍‌ଜଜ, ବାବୁ ଶ୍ରୀ ଗୋପାଳ ଭଟ୍ଟାଚାର୍ଯ୍ୟ, ବାବୁ ଆନନ୍ଦଲାଲ ବୋଷ, ବାବୁ ଏସ ଏନ ଘୋଷ, ଏମ, ଏସମନ୍ଦ, ପାଦ୍ରୀ ପାଇକ ସାହେବ, ପାଦ୍ରୀ ଏୟଙ୍ଗ ସାହେବ, କେନ୍ଦ୍ରାପଡ଼ା ଓ ଯାଜପୁରର ସବ୍‌ଡିଭିଜନ କର୍ମଚାରୀ, ବାବୁ ନଳିନୀବିହାରୀ ରାଜୁ, ରାୟ ସାହେବ ବେନମାଧବ ମିଶ୍ର ଏକଜିକ୍ୟୁଟିବ୍ ଇଞ୍ଜିନିୟର, ବାବୁ ବାଳକୃଷ୍ଣ ଅଧିକାରୀ, ବାବୁ ଗୌରାଙ୍ଗ ସାହୁ, ବାବୁ ନରସିଂହ ଚରଣ ମହାପାତ୍ର, ବାବୁ ଦୟାନିଧି ପଣ୍ଡା, ବାବୁ ପରମାନନ୍ଦ ମିଶ୍ର, ବାବୁ ଧନେଶ୍ୱର ସାହୁ, ମୁନସୀ ମହମ୍ମଦମନହର, ମୁନସୀ ରଫିଉଦ୍ଦିନ, ବାବୁ ବଳରାମ ଭ୍ରମରବର, ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ, ବାବୁ ଲକ୍ଷ୍ମୀନାରାୟଣ ହରିଚନ୍ଦନ, ବାବୁ ଖୋସାଲଚନ୍ଦ୍ର ମାରୁଆଡ଼ି, ବାବୁ ନଗେନ୍ଦ୍ରନାଥ ରାୟ ଚୌଧୁରୀ, ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ, ବାବୁ ଗୋପୀପ୍ରସାଦ ଭଗତ, ବାବୁ ରାଧାବଲ୍ଲଭ ଭଗତ, ବାବୁ ରାମଲାଲଚନ୍ଦ୍ର ଭଗତ; ବାବୁ ଗୋପାଳପ୍ରସାଦ ଭଗତ, ହାଜି ଇଉସୁଫ ଅହେଦ ମୁଲ୍ଲା, ହାଜି ଯାଫରଖାଁ ମହମ୍ମଦ ଓ ବାବୁ ରାଜେନ୍ଦ୍ରନାଥ ବୋଷ ଲୁକଙ୍ଗର ସବ ମେନେଜର । ଏହି କମିଟି ଚାନ୍ଦା ସଂଗ୍ରହ ଓ କାର୍ଯ୍ୟାବଳୀ ନିର୍ଦ୍ଧାରଣ କରିବା କାରଣ ଗୋ-ଟିଏ ସବକମେଟି ନିଯୁକ୍ତ କରିବ ସକାଶେ ନବେମ୍ବର ମାସର ଆଦ୍ୟ ଭାଗରେ ଅଧିବେଶନ କରିବେ ।

ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ପ୍ରସ୍ତାବ କଲେ କି ଏହି ଅଧିବେଶନର କାର୍ଯ୍ୟାବଳୀ ଏବଂ ଅଭିଷେକ ଉତ୍ସବ ପ୍ରତିପାଳନ ସମ୍ବନ୍ଧୀୟ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଧାରିତ ସାର ମର୍ମର ଓଡ଼ିଆ ଅନୁବାଦ ପ୍ରକାଶ କରିବା କାରଣ ଉତ୍କଳ-ଦୀପିକାର ସମ୍ପାଦକଙ୍କ ନିକଟକୁ ପଠାଯାଉ ।

ବାବୁ ଗୌରୀଶଙ୍କର ରାୟ ଏ ପ୍ରସ୍ତାବ ଅନୁମୋଦନ କଲେ ଏବଂ ସର୍ବସମ୍ମତିରେ ଧାର୍ଯ୍ୟ ହେଲା ।

---

## ଦିଲ୍ଲୀଦରବାରର ଅନୁଷ୍ଠାନପତ୍ର ।

ଦିଲ୍ଲୀ ଦରବାରର ସଂଶୋଧିତ ଅନୁଷ୍ଠାନପତ୍ର ସର୍ବସାଧାରଣଙ୍କର ଜାଣିବା କାରଣ ପ୍ରସ୍ତୁତ ହୋଇଅଛି । ନିମ୍ନେ ତହିଁର ସଂକ୍ଷେପ ବିବରଣ ପ୍ରକାଶିତ ହେଲା ।

ଭାରତୀୟ ଆମନ୍ତ୍ରିତ ବ୍ୟକ୍ତିମାନେ ଅବଶ୍ୟ ଡିସେମ୍ବର ମାସ ତା ୨୭ ରିଖ ଶନିବାର ମଧ୍ୟରେ ଦିଲ୍ଲୀରେ ଉପସ୍ଥିତ ହେବେ ଏବଂ ବିଲାତରୁ ଯେଉଁମାନେ ଆସିବେ ସେମାନେ ସେଦିନ ବମ୍ବେରେ ପହଞ୍ଚି ତହିଁ ଆର ଦିନ ଅର୍ଥାତ୍ ତା ୨୮ ରିଖ ସକାଳେ ସେଠାରେ ପହଞ୍ଚିବେ ଏଥିରୁ ବିଳମ୍ବ ହେବ ନାହିଁ । ସମ୍ରାଟ୍ ପ୍ରତି-ନିଧିଙ୍କ ତେମ୍ବୁ ପୂର୍ବେ ଯେଉଁ ସ୍ଥାନରେ ଲର୍ଡ ଲିଟନଙ୍କର ତେମ୍ବୁ ପଡ଼ିଥିଲା ସେହିଠାରେ ପଡ଼ିଅଛି । ତହିଁର ଚତୁର୍ଦ୍ଦିଗରେ ସ୍ଥାନୀୟ ଶାସନକର୍ତ୍ତା ସୈନ୍ୟାଧ୍ୟକ୍ଷ ପ୍ରଭୃତି ଉଚ୍ଚ କର୍ମଚାରୀ-ମାନଙ୍କର ତହିଁ ସଲଗ୍ନରେ ଦେଶୀୟ ରାଜା ଏବଂ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଏବଂ ତହିଁରୁ କିଛି ଅନ୍ତରରେ ଦେଶୀୟ ଏବଂ ଇଉରୋପୀୟ ସମ୍ପାଦକମାନଙ୍କର ତେମ୍ବୁ ସ୍ଥାପିତ ହୋଇଅଛି । ଦିଲ୍ଲୀରେ ପହଞ୍ଚି ଯେ ଯାହା ତେମ୍ବୁରେ ବସା ଧରି ରହିବେ ।

ସମ୍ରାଟ୍ ପ୍ରତିନିଧି ଗବର୍ଣ୍ଣର ଜେନରଲ ବାହା-ଦୁର ତା ୨୯ ରିଖ ମଙ୍ଗଳବାର ଦିବା ଘ ୧୧୮ ଘଣ୍ଟା ବେଳେ ଖାସ ଟ୍ରେନରେ ଦିଲ୍ଲୀ ସହରରେ ପହଞ୍ଚିବା ମାତ୍ରେ ଦରବାର ସମ୍ବନ୍ଧୀୟ କାର୍ଯ୍ୟାରମ୍ଭ ହେବ ସେଠାରୁ ତେମ୍ବୁ ପର୍ଯ୍ୟନ୍ତ ମା ୭ ମାଇଲ ବାଟ ପ୍ରତିନିଧି ମହୋଦୟ ହସ୍ତିପୃଷ୍ଠରେ ମହା-ସମାରୋହରେ ଗମନ କରିବେ । ଦେଶୀୟ ରାଜ୍ୟାଧିପ ରାଜାମାନେ ହସ୍ତିପୃଷ୍ଠରେ ଅନ୍ୟମାନେ ଘୋଟକ ବା ଘୋଡ଼ାଗାଡ଼ିରେ ଗମନ କରିବେ । ପ୍ରତିନିଧି ମହୋଦୟ ସହଚର ପ୍ରଭୃତିଙ୍କଦ୍ୱାରା ପରିବେଷ୍ଟିତ ହୋଇଥିବେ ପଥର ଦୁଇ-ପାର୍ଶ୍ୱରେ ସୈନ୍ୟଦଳ ଛିଡ଼ା ହୋଇଥିବେ ଏବଂ ଠାବେଠାବେ ଦର୍ଶକମାନଙ୍କ ଦେଖିବା କାରଣ ମଞ୍ଚ ବନାହେବ ।

ତା ୩୦ ରିଖ ମଙ୍ଗଳବାର ଅପରାହ୍ନରେ ପ୍ରତିନିଧି ମହୋଦୟ ଦେଶୀୟ ପ୍ରଦର୍ଶନୀ ଫିଟା-ଇବେ । କେବଳ ଦେଖାଇବା କାରଣ ଯେ ସବୁ ଦ୍ରବ୍ୟ ଉଧାର ଆସିଥିବ ସେ ସବୁ ଛଡ଼ା ଆଉ ସମସ୍ତ ବିକ୍ରୟ ହେବ ଏବଂ ଶୀତକାଳ ଶେଷ-ହେବା ପର୍ଯ୍ୟନ୍ତ ପ୍ରଦର୍ଶନୀ ମୁକୁଳା ରହିବ ।

ତା ୧ ରିଖ ଜାନୁଆରୀ ସନ ୧୯୦୩ ସାଲ ଗୁରୁବାର ମଧ୍ୟାହ୍ନ ବା ଅପରାହ୍ନରେ ଦରବାର ହେବ । ଦରବାର ମଣ୍ଡପ ସହରରୁ ମା ୪ ମାଇଲ ଏବଂ ପ୍ରଧାନ ତେମ୍ବୁରୁ ମା ୨ ମାଇଲ ଅନ୍ତରରେ ପ୍ରସ୍ତୁତ ହୋଇଅଛି । ମହାମାନ୍ୟ ଭାଇସରାୟ ବା ପ୍ରତିନିଧି ମହୋଦୟ ସଇକାଶୀ ପରିଚ୍ଛଦରେ ସଦ ଲବଲରେ ମଞ୍ଚୋପରି ଏବଂ ସ୍ୱଜନବର୍ଗ ଓ ପ୍ରଧାନ ଆମନ୍ତ୍ରିତମାନେ ସମ୍ମୁଖରେ ବସିବେ । ଘୋଷଣାପତ୍ର ପାଠ, ସଲାମୀ ତୋପଧ୍ୱନି, ଇଂରାଜୀ ଏକତାନ ବାଦ୍ୟ, ଭାଇସରାୟଙ୍କର ବକ୍ତୃତା ପ୍ରଭୃତି ଦରବାର କ୍ରିୟାର ପ୍ରଧାନ ଅଙ୍ଗ ହେବ ।

ତା ୨ ରିଖ ଶୁକ୍ରବାର ସନ୍ଧ୍ୟାବେଳେ ଦିଲ୍ଲୀରେ ଏକତ୍ରିତ ହୋଇଥିବା ପ୍ରାୟ ୪୦,୦୦୦ ସୈନ୍ୟର ପରେଡ୍ ହେବ ।

ତା ୩ ରିଖ ଶନିବାର ସ୍ତେଷନାଇ ହେବ ଏବଂ ଦେବାନିୟୁଅମ ନାମକ ଅଟ୍ଟାଳିକାରେ ଭାରତୀୟ ଉପାଧି ଶ୍ରେଣୀର ସଭା ହେବ ।

Digitized by srujanika@gmail.com

Split by PDF Splitter



ବନ୍ଦୋବସ୍ତ କଲେ ତାଙ୍କର ଗାଦଚ୍ଯୁତ ନାହିଁ, ମାତ୍ର ସରକାର ଧ୍ୟାନ ରହିଁଲେ ରହୁବ ନାହିଁ । ତାଂସଭମାନଙ୍କ ବନ୍ଦୋବସ୍ତ ଯାଉଁଲେ ଦେଶୀୟ ସଙ୍ଗୀତ ଯାତ୍ରା ର ତାଂସଭମାନେ ଦେଶକୁ ଲୁଚି ଯାଉଛନ୍ତି ନାହିଁ ତହିଁର ଅବଶ ହେବ କପଣ ?

ଏହା ତାରରେ ଭାରବାର୍ତ୍ତ ପଠାଇବା ସମ୍ବନ୍ଧରେ ସାର୍ବ-ଜାନିକ ସଭାର ଅଧିବେଶନ କମିଟୀ କର୍ତ୍ତୃକ ଗୃହୀତ ହେଇଥିବାର ସମ୍ବାଦ ମିଳଇ । ସତରେ ସମସ୍ତ ଟିକଣା ହୋଇପାରିଲେ ଏହା ଚତୁର୍ଦ୍ଦିଗରେ ଚଳିଯିବ । ନଗରରେ କେତେ ଅର୍ଥ ଦାନ ଲାଗିବ କହିପାରିବେ ।

ଜାପାନଠାରେ ଧର୍ମ ସମ୍ବନ୍ଧୀୟ ଏକ ମହାସଭା ଗତ ମାସରେ ହେବାର ଥିଲା ଏବଂ ତହିଁରେ ଭାରତରୁ ଅନେକ ହିନ୍ଦୁ ନିମନ୍ତ୍ରିତ ହୋଇ ଯିବାର ପ୍ରସ୍ତାବ ହୋଇଥିଲା । ମାତ୍ର ତାହା ଆଗାମୀ ଏପ୍ରେଲ ମାସକୁ ଘୁଞ୍ଚି ଯାଇଅଛି ।

## ମଫସଲ-ସମ୍ବାଦ ।

ମୂଲ୍ଲାମୁନି ପରଗନା ସ୍ଥାନରେ ଏକଅଣ୍ଟା ବୃଷ୍ଟି ହୋଇ ସେହିଦିନଠାରୁ ବର୍ଷା ବନ୍ଦହୋଇଥିବାରୁ ଚତୁର୍ଦ୍ଦିଗରୁ କର୍ଷି ମାନ ହାହାକାର ରବ ଉଠିଅଛି । ପୂର୍ବରୁ ପୂର୍ଣ୍ଣ ବର୍ଷା ଦେଖି କୃଷିମାନେ ଆପଣା ଜମିରୁ ଜଳ କାଟିଦେଇ ଏବେ ବେଳେ ବର୍ଷା ଅଭାବେ ପଶ୍ଚାତ୍ତାପ କରୁଅଛନ୍ତି । ସ୍ଥାନେ ସ୍ଥାନେ ଧାନଗଛମାନ ଶୁଖି ମୃତକଳ୍ପ ହୋଇଯାଇଥିବାର ଶୁଣାଯାଏ । ଦଶହରାପରେ ଗର୍ଭଣାସଂକ୍ରାନ୍ତିରେ ବର୍ଷା ହେବାର ଆଶା ଥିଲା । ଏସବୁ ଅତୀତ ହୋଇଥିବାରୁ ଲୋକଙ୍କ ମନରେ ବିଶେଷ ଆଶଙ୍କା ଉପସ୍ଥିତ ହୋଇଅଛି । ଏବେକ ଯେ ବର୍ତ୍ତମାନ ଶୀତ୍ର-କାଳରୁ ବଳି ବିଶେଷ ଖରା ହେଉଥିବା ଏବଂ ଶୀତ ପ୍ରବେଶ କରି ନ ଥିବାରୁ ବର୍ଷା ହେବାର ସମ୍ପୂର୍ଣ୍ଣ ସମ୍ଭାବନା । କିନ୍ତୁ ଶୀଘ୍ର ବର୍ଷା ନ ହୋଇ ପଛକୁ ହେଲେ କୌଣସି ଉପକାର ହେବ ନାହିଁ । ଏବର୍ଷ ଦେଶାନ୍ତର କୋଣ ଅଗମନର ଏହିକ ଫଳ ?

ଏଠାର ମୁନସଫ ବାବୁ ଅଶୁତୋଷ ବାନୁର୍ଜୀ ଅନ୍ୟତ୍ର ବଦଳି ହେବାରୁ ସର୍ବ ଶ୍ରେଣୀର ଲୋକେ ଦୁଃଖିତ ଅଛନ୍ତି । ମୁନସଫ ବାବୁ ଜଣେ ବହୁଦର୍ଶୀ ଓ ସୁବିଜ୍ଞ ହାକିମ ଥିଲେ ।

କେନ୍ଦ୍ରାପଡ଼ାରୁ ଏବର୍ଷ ପୂଜା ମଧ୍ୟରେ ଏହିପରି ନାଟ୍ୟା-ଭିନୟକାରୀ ଦଳ ଆସି ଜାଙ୍କଡ଼ିଆ ମଠ ଓ ଅନ୍ୟ କେତେକ ସ୍ଥାନରେ ବଂଶବଧ ପ୍ରଭୃତି ନାଟକ ଭଙ୍ଗଭାଷାରେ ଅଭିନୟ କରିଥିଲେ । କିନ୍ତୁ ପୂଜା ଛୁଟିମଧ୍ୟରେ ଅନେକ ଲୋକ ସ୍ଥାନାନ୍ତର ଯାଇଥିବା ଓ ସେମାନେ ନିମନ୍ତ୍ରଣ ହୋଇ ନ ଥିବା ଓ ଅପ୍ରଶସ୍ତ ସ୍ଥାନରେ ଅଭିନୟ ହୋଇଥିବାରୁ ନାଟକର ଅଧାନୁରୂପ ପ୍ରଚାର ହୋଇ ପାରି ନ ଥିଲା ।

କାର୍ତ୍ତିକମାସ ଆରମ୍ଭରୁ ଶୁଭ ବିବାହ ଲଗ୍ନ ମାନ ଯଥାସମୟରେ ବିବାହ ହେଉଅଛି । ସୁଖର ବିଷୟ ।

ଅତିରିକ୍ତ ଗରମ ହେଉଥିବାରୁ ଅନେକଙ୍କୁ ସର୍ଦ୍ଦି, କାଶ, ଜ୍ୱର ବ୍ୟସ୍ତ କରୁଅଛି ।

## ପ୍ରେରିତପତ୍ର

### ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

ମହାଶୟ !

ଗତ ଅଗଷ୍ଟମାସ ତା ୨୭ ରିଖ ଦିବସ ଶ୍ରୀ ଜଗନ୍ନାଥଙ୍କରେ ଶ୍ରୀ କ୍ଷେତ୍ରର ସ୍ୱର୍ଗଦ୍ୱାର ଶବଦାହ ସ୍ଥାନରେ ଗୋଟିଏ ଅଟ୍ଟାଳିକା, ଏବଂ ଗରିବ ଯାତ୍ରିମାନଙ୍କ ସକାଶେ ଗୋଟିଏ ଧର୍ମଶାଳା ନିର୍ମାଣ କରିବା ସକାଶେ ଯେଉଁ ସଭା ହୋଇଥିଲା ଏବଂ ଯେଉଁ ସଭାରେ ଅନେକ ମହନ୍ତ, ସ୍ୱାମୀ ଓ ଭଦ୍ରଲୋକମାନେ ଉପସ୍ଥିତ ଥିଲେ ତାହାର ସାର ମର୍ମ ନିମ୍ନ ଲିଖିତ କତିପୟ ବିଷୟ ଅଟେ ।

୧ମ—ପରମହଂସ ପରିବ୍ରାଜକ ଯତ୍କର ଶ୍ରୀ ମଧୁସୂଦନ ତୀର୍ଥ ସ୍ୱାମୀ ସଭାପତି ପଦରେ ନିଯୁକ୍ତ ହେବା ସର୍ବସମ୍ମତ ହୋଇଥିଲା ।

୨ୟ—ଏହି ଶ୍ରୀକ୍ଷେତ୍ରରେ ଅନେକ ଯାତ୍ରିଙ୍କର ଅବାସ ହେଉଥିବାରୁ ଏବଂ ପ୍ରତ୍ୟେକ ବର୍ଷ ରେଲ ଯୋଗୁଁ ଅନେକ ଯାତ୍ରିଙ୍କର ଆଗମନର ସୁବିଧା ଯୋଗୁଁ ଏବଂ ଯାତ୍ରିମାନଙ୍କଠାରୁ ଅପଥା ଗୃହଭଡ଼ା ନିଆଯାଉଥିବାରୁ ଯାହାକି ଅନେକ ଯାତ୍ରିଙ୍କୁ ପ୍ରତ୍ୟେକ ଥର ଦେବାକୁ ହୁଏ, ଅତଏବ ବହୁ ସଂଖ୍ୟକ ଯାତ୍ରିଙ୍କ ବାସୋପଯୋଗୀ ଗୋଟିଏ ଧର୍ମଶାଳା ସହରର ସ୍ୱାସ୍ଥ୍ୟପ୍ରଦ ଯାଗାରେ ପ୍ରସ୍ତୁତ କରାଯିବ ।

୩ୟ—ପ୍ରତ୍ୟେକ ବର୍ଷ ଅନେକ ଯାତ୍ରିମାନଙ୍କର ଅମଦାନୀ ହେଉଥିବା ଯୋଗୁଁ ଏବଂ ମଧ୍ୟେ ସଂକ୍ରାମକ ରୋଗ ହେଉଥିବା ସକାଶେ, ଏବଂ ସହରର କୌଣସି ଶବଦାହ ସ୍ଥାନରେ ଗୋଟିଏ ଆଚ୍ଛାଦିତ ବାସସ୍ଥାନ ନ ଥିବାରୁ ଏବଂ ସ୍ୱର୍ଗଦ୍ୱାର ଶବଦାହ ଘାଟ ଗୋଟିଏ ମାତ୍ର ପବିତ୍ର ଘାଟ ଥିବାରୁ ଏବଂ ବୃଷ୍ଟି ଯୋଗୁଁ ଶୈତ୍ୟ ଏବଂ ବାଲୁକାମୟ ସ୍ଥାନର ଗ୍ରୀଷ୍ମର ଆଧିକ୍ୟରୁ ରକ୍ଷା କରିବା ସକାଶେ ଗୋଟିଏ ଅଟ୍ଟାଳିକା ସ୍ୱର୍ଗଦ୍ୱାର ଘାଟରେ ନିର୍ମିତ ହେବ ।

୪ର୍ଥ—ନିମ୍ନଲିଖିତ ଭଦ୍ରଲୋକମାନଙ୍କର ସମଷ୍ଟିଦ୍ୱାରା ଯାହାଙ୍କର କ ପରିବର୍ତ୍ତନ ଏବଂ ସଂଖ୍ୟା ବୃଦ୍ଧିର କ୍ଷମତା ଥିବ, ଏପରି ଗୋଟିଏ କମିଟି କରାଗଲା ।

୧ ସ୍ୱାମୀ ମଧୁସୂଦନ ତୀର୍ଥସ୍ୱାମୀ, ୨ ବାବୁ ଶ୍ରୀ ଭିକାରୀ ମିଶ୍ର, ୩ କବିବର ଶ୍ରୀ କୁଳମଣି ଚଉଧୁରୀ, ୪ ଧନପତି ବାନୁର୍ଜୀ, ୫ ଜୟଶଚନ୍ଦ୍ର ଘୋଷ, ୬ ହରିଶଚନ୍ଦ୍ର ବୋଷ, ୭ କେଦାରନାଥ ଦତ୍ତ, ୮ ନନ୍ଦଲାଲ ଘୋଷ, ୯ ସତୀଶଚନ୍ଦ୍ର ବୋଷ, ୧୦ ସଦାଶିବ ମିଶ୍ର, ୧୧ ଜଗବନ୍ଧୁ ପଟ୍ଟନାୟକ, ୧୨ ବଧୂଭୂଷଣ ବାନୁର୍ଜୀ, ୧୩ ଗୁରୁଚରଣ ତର୍କତୀର୍ଥ, ୧୪ ଦୀନବନ୍ଧୁ ମୁଣ୍ଡିଆ, ୧୫ ରାମଚନ୍ଦ୍ର ପ୍ରତିହାରୀ, ୧୬ ଜଗନ୍ନାଥ ପ୍ରତିହାରୀ ।

୫ମ—ନିମ୍ନଲିଖିତ ଭଦ୍ରଲୋକମାନଙ୍କ ଉପରେ ସଭାର ଅଧିକାଂଶ ଭାର ଅର୍ପିତ ହେଲା ।

୧ ଶଙ୍କର ଶ୍ରୀ ମଧୁସୂଦନ ତୀର୍ଥସ୍ୱାମୀ ପ୍ରେସିଡେଣ୍ଟ,

୨ ବାବୁ କେଦାରନାଥ ଦତ୍ତ ସହକାରୀ ପ୍ରେସିଡେଣ୍ଟ

୩ ବାବୁ ବଟୁଭୂଷଣ ବାନୁର୍ଜୀ ସମ୍ପାଦକ,

୪ „ ନନ୍ଦଲାଲ ଘୋଷ ସହକାରୀ ସମ୍ପାଦକ,

୬ଷ୍ଠ—ସ୍ଥିରକଲେ କି ସମସ୍ତ ଧର୍ମ ବ୍ୟକ୍ତିଙ୍କଠାରୁ ଚାନ୍ଦା ଗ୍ରହଣ କରି ଏହି ହିତକାର୍ଯ୍ୟ ସମାଧା ହେବ ଏବଂ ଚାନ୍ଦା ସେକ୍ରେଟରିଙ୍କ ନିକଟ ପଠାଯିବ ଯେ କ ପ୍ରେସିଡେଣ୍ଟଙ୍କ ପାଖକୁ ପଠାଇବେ ।

୭ମ—ସଭା ଉଲ୍ଲୋପଯୋଗୀ ଆବଶ୍ୟକୀୟ ନିୟମାବଳୀ କମିଟିର ଇଚ୍ଛାନୁଯାୟୀ ଗଠିତ ହେବ ଏବଂ ପ୍ରକାଶିତ ହେବ ।

୮ମ—ପାଞ୍ଚଜଣ ପ୍ରଧାନ ମେମ୍ବରଙ୍କଦ୍ୱାରା ଗୋଟିଏ ମଣ୍ଡଳ ହେବ (quorum) ପ୍ରେସିଡେଣ୍ଟଙ୍କ ଅନୁପସ୍ଥିତିରେ ସହକାରୀ ପ୍ରେସିଡେଣ୍ଟ କାର୍ଯ୍ୟ କରିବେ ।

ଶ୍ରୀ ଗଙ୍ଗାଧର ନନ୍ଦ.
ଡାକ୍ତର

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଅନୁଗ୍ରହପୂର୍ବକ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ଢେଙ୍କାନାଳ ରାଜ୍ୟରେ ଧଳପୁର (କୁଞ୍ଜବିହାରପୁର) ନାମରେ ଗୋଟିଏ ବଡ଼ ବ୍ରାହ୍ମଣ ଶାସନ ଅଛି । ଏହା ଢେଙ୍କାନାଳ ଗଡ଼ର ପଶ୍ଚିମ ଓ ଅନୁଗୁଳ ଗଡ଼ର ପୂର୍ବ ଏବଂ ଉଭୟ ସ୍ଥାନର କୋଡ଼ିଏ ମାଇଲ ଅନ୍ତରରେ ଓ ଠିକ ମଧ୍ୟ ସ୍ଥଳରେ ଥାଇ କଟକ-ଅନୁଗୁଳ ରାସ୍ତାର ନିକଟରେ ଅବସ୍ଥିତ । ଏଠାରେ ଗୋଟିଏ ଉନ୍ନତ ଉଚ୍ଚ ପ୍ରାଇମେରୀ ସ୍କୁଲ ଅଛି । ଏହି ଗ୍ରାମ ଓ ଏହାର ନିକଟବର୍ତ୍ତୀ ଦୁଇ ତିନି ମାଇଲ ଗ୍ରାମମାନଙ୍କରୁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ନାନା-ସ୍ଥାନ ଯଥା—ବ୍ରହ୍ମଦେଶ କଲିକତା, ମଧ୍ୟ ପ୍ରଦେଶ ଓ ଓଡ଼ିଶାର ନାନା ଗଡ଼ଜାତ ଏବଂ ଢେଙ୍କାନାଳ ରାଜ୍ୟର ନାନାସ୍ଥାନରେ ସ୍କୁଲ, ଚଟଶାଳ, ପଣ୍ଡିତେଇ, ମୁହୁରିଗିରି, ବୈଦ୍ୟ, ଡାକ୍ତରୀ, ଓ ଅମିନୀ ପ୍ରଭୃତି କାର୍ଯ୍ୟ କରୁଅଛନ୍ତି । ଏହି ଗ୍ରାମର ଉଭୟ ପାର୍ଶ୍ୱରେ ଠିକ ୨ ତିନି ମାଇଲ ପୂର୍ବ ଓ ପଶ୍ଚିମରେ ବାଙ୍ଗୁରିସିଙ୍ଗ ଓ କୋଟଗାଁ ନାମକ ଦୁଇଗୋଟି ଛାତ୍ର ବଙ୍ଗଳାରେ ଦୁଇଗୋଟି ଉଠିଲ ବାକ୍ସ ଉଲ୍ଲିଖିତ ସଡ଼କରେ ଅଛି ଏବଂ ଏହାର ପୂର୍ବ, ପଶ୍ଚିମ, ଉତ୍ତରରେ ତିନିଗୋଟି ସହର ସମାନ ଜନାକୀର୍ଣ୍ଣ ମହାଜନ ଗ୍ରାମ ଯଥାକ୍ରମେ ବାଙ୍ଗୁରିସିଙ୍ଗ, ଶଙ୍ଖପ୍ରସାଦ ଓ ସାଥିଆ ଅବସ୍ଥିତ । ଏଥିମଧ୍ୟରୁ ବାଙ୍ଗୁରିସିଙ୍ଗ ଓ ଶଙ୍ଖପ୍ରସାଦ ତେଲି, ଗୁଡ଼ିଆ, ଥୋରିଆ, ଗୋଳା, ଶୁଣ୍ଢି, ମାଲବାଣି ଆଦି ବେପାରି ମହାଜନ ଜାତିର ବାସ ପୂର୍ଣ୍ଣ । ଶଙ୍ଖପ୍ରସାଦରେ ସପ୍ତାହରେ ଦୁଇଥର ହାଟ ବସେ ଏବଂ ଏଠାରେ ଗୋଟିଏ ଉଚ୍ଚ ପ୍ରାଇମେରୀ ସ୍କୁଲ ମଧ୍ୟ ଅଛି । ଢେଙ୍କାନାଳ ଏବଂ ଅନୁଗୁଳର ଡାକଘରମାନ ଏହି ସବୁ ଗ୍ରାମମାନଙ୍କୁ ୨୦।୨୨।୨୩ ମାଇଲ ଦୂର ହେବାରୁ ଡାକଘରର ଚିଠିମାନ ପ୍ରାୟ ମିଳେ ନାହିଁ ଯେବେ କ୍ୱଚିତ୍ ମିଳେ ତେବେ ଏକମାସ ବା ତହିଁରୁ ଅଧିକ ସମୟରେ ମିଳେ । ମନିଅର୍ଡ଼ର ଇତ୍ୟାଦି ପ୍ରାୟ ଏକ ଦୁଇ ମାସରେ ଫେରିବା ଦେଖାଯାଏ ।

Digitized by srujanika@gmail.com

ଏଥିଯୋଗୁଁ ଶଣ୍ଢିଏ ସଙ୍ଗ ବିଦେଶକୁ ପଠାଇଲେ ପ୍ରାପ୍ତ ବେଉଙ୍ଗ ବା ଲେଜଷ୍ଟ୍ରର ଦ ହଲେ ପନ୍ଥ୍ରୀବା କ୍ଲେଶକର ହୁଏ । ଯେଉଁ ଜାକ ପିଅନ ପତ୍ର ବଣ୍ଟନ କର ଆସେ ତାହାଙ୍କୁ ଅବଶ୍ୟ ବେଲେ ଗୋଳକ ଏବଂ ୨।୪ ପଇସା ଦକ୍ଷିଣା ଦିଆଯାଏ । ଏହି ସବୁ ଅସୁବିଧାରୁ ରକ୍ଷାପାଇ ସ୍ଥାନୀୟ ବାଣିଜ୍ୟାଦିର ଉନ୍ନତି ଏବଂ ଜାହାଙ୍କର ଅନ୍ୟାନ୍ୟ ସମସ୍ତ ଉପକାର ପ୍ରାପ୍ତି ନିମନ୍ତେ ଆମ୍ଭ ଧଳପୁର ଗ୍ରାମର ସ୍କୁଲ ସଲଗ୍ନରେ ଗୋଟିଏ ବ୍ରାଞ୍ଚ ପୋଷ୍ଟ ଅଫିସ ସ୍ଥାପନ ନିମନ୍ତେ ଡାକ ବିଭାଗର ଅଧ୍ୟକ୍ଷ ଏବଂ ଷ୍ଟେଟର ରାଜ ପ୍ରତିନିଧି ସୁଯୋଗ୍ୟ ଏବଂ କାର୍ଯ୍ୟଦକ୍ଷ ମେନେଜରଙ୍କ ସୁଦୃଷ୍ଟି ଆକର୍ଷଣ ନିମନ୍ତେ ଆମ୍ଭେମାନେ ଏହି ନିବେଦନପୂର୍ଣ୍ଣ ପ୍ରାର୍ଥନା ସହିତ ଆଶା କରୁଁ ଯେ ମେନେଜର ମହୋଦୟ ଏହି ଜନହିତକର ମହୋପକାରୀ କାର୍ଯ୍ୟ ସ୍ଥାପନ କରି ରାଜ୍ୟର ବାଞ୍ଛିତ ଉନ୍ନତି ଉତ୍କର୍ଷରେ ଦେଖାଇପାରିବେ । ଏଥିରେ ସ୍କୁଲ ଶିକ୍ଷକଙ୍କ ବେତନ ଟ ୨ ୯ ଙ୍କା ଓ କଣ୍ଟିନଜେନ୍ସ ଟ ୦ । ସୁଦ୍ଧା ମାତ୍ର ଅଧିକ ଖର୍ଚ୍ଚ ପଡ଼ିବ । ଏତଦ୍ଦ୍ୱାରା ରାଜ୍ୟର ମଙ୍ଗଳ ସଙ୍ଗେ ମେନେଜର ମହୋଦୟଙ୍କୁ ଈଶ୍ୱରଙ୍କର ଯଥେଷ୍ଟ ଆଶୀର୍ବାଦ ଲାଭ ହେବ ।

ଆଶୀର୍ବାଦକ

ତା ୧୫।୧୦।୧୯୦୭ } ସମସ୍ତ ଧଳପୁର ମହାଜନ ମଣ୍ଡଳୀ ନିମନ୍ତେ ଶ୍ରୀ ବୃନ୍ଦାବନ ଶତପଥୀ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଯଦୁନାଥ ଦାସ ସୁପରିଣ୍ଟେଣ୍ଡେଣ୍ଟ ନୟାଗଡ଼ | | ଟ ୩ ( |
| „ ରଘୁନାଥ ଘୋଷ | ଜଗନ୍ନାଥପୁର | ଟ ୩ ( |
| „ ତ୍ରିଲୋଚନ ପ୍ର ଦାସ | ରାମପୁର | ଟ ୧ ୮ |
| „ ପୁରୁଷୋତ୍ତମ ଚୌଧୁରୀ | କଟକପୁର | ଟ ୩ ( |
| „ ଅବଦୁଲ କାଦର ମରଚାଣ୍ଟ | ରସୁଲକୁଣ୍ଡା | ଟ ୧ ( |
| „ ରାମ ମିଶ୍ର | ଦଣ୍ଡପଡ଼ା ବଡ଼ମାଳ | ଟ ୨ ( |
| ଗୋବିନ୍ଦ ମହାନ୍ତି ବୋଲମଣ୍ଡପସାହି ପୁରୀ | | ଟ ୩ ( |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

| | |
|---|---|
| କଥିକୈତା ( ନୂତନ ଛପା ) | ଟ ୦ ୬ |
| ପଦ୍ମପୁରାଣ | ଟ ୧ |
| ବାମରତ୍ନଗୀତା ୨ୟ ଭାଗ | ଟ ୦ । |
| ମହୀରାବଣ ଯୁଦ୍ଧ | ଟ ୦/୬ |
| ସ୍ତବକ ଅଶ୍ରୁଭନ୍ତ ବା କାଦମ୍ବରୀ ଉପନ୍ୟାସ (ଗ୍ରନ୍ଥ) | ଟ ୦ ୪ |
| ଭକ୍ତି-ସଙ୍ଗୀତ | ଟ ୦ / |
| ଚୈତନ୍ୟଗୀତା | ଟ ୦ ।/ |
| ଷଡ଼ାଙ୍ଗଯୋଗଶାର ଟୀକା | ଟ ୦ / |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

# ବିଜ୍ଞାପନ




କେତେଗୁଡ଼ିଏ ରୋଗ ଦୂରକରିବାକୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ ନିରାଶ ହୋଇ ତୁମ୍ଭଙ୍କୁ ଛାଡ଼ି ଯାଇଥାଆନ୍ତି, ଯଦି ସାଲସା, କଡ଼ଲିଭରଅଏଲ, ଫସ୍ଫୋଟାଇଲ ଗେଇନ୍ସ ଡ୍ୟାନଟନ ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରିଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗମୁକ୍ତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତିପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

କିଏ ନ ଜାଣେ ସାଲସା, କଡ଼ଲିଭର ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ ଫେରିଥାଏ !

କ୍ଷଣିକ ଉପଶମ ଦେଖାଇ ପୁନରାୟ ସମୟରେ ରୋଗ ବିଶେଷରେ ପ୍ରବଳାକାର ଧାରଣ କରେ । କେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଉକ୍ତ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବହୁ ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

### ଷ୍ଟାରମାଷ୍ଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସ୍ୱତନ୍ତ୍ର ବାରମ୍ବାର ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଆସିଆ, ୟୁରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଜ୍ୱଳନ୍ତ ପ୍ରମାଣ !

### ଷ୍ଟାରମାଷ୍ଟିନ କଣ ?

କେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜନ୍ତୁବର ତୈଳାଂଶ ସଂଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ ବିସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏକ ମାତ୍ରା ଔଷଧ ଏକ ମୋହର ଅପେକ୍ଷା ମୂଲ୍ୟବାନ୍ ଅଟେ ।

ଷ୍ଟାରମାଷ୍ଟିନର ଶକ୍ତି ନିମ୍ନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ ଓ ହୃତ୍‌ପିଣ୍ଡ ବା ସ୍ନାୟୁ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସାମାନ୍ୟ ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୁହୁର୍ମୁହୁ ଅଳ୍ପ ବା ଅଧିକ ସ୍ରାବ, ଟୋପା ମୂତ୍ର ପତନ, ସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୁଣ୍ଡବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱଳା, ସ୍ମରଣ ଶକ୍ତିର ହ୍ରାସତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ବନ୍ଧା, କେଶର ଅକାଳପକ୍ୱତା, ମୁଣ୍ଡର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠବଦ୍ଧତା ପ୍ରଭୃତି ଅନୁସଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ପାର ଓ ଗରମିର ବିଷାକ୍ତତା ବା ବିଷାକ୍ତ ଔଷଧାଦି ବ୍ୟବହାରରେ ଜନ୍ମ ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ଶରୀର ଘା, ନାକ ଓ ମୁଖରେ ଏବଂ ମୁଣ୍ଡରେ ଘା, ମୁଣ୍ଡର

Split by PDF Splitter



ବାଲଉଷ୍କଡିବା ହାତ ଗୋଡ ଓ ଅଙ୍ଗରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡିବା, ଦେହରେ ଚକା ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ସାଦା ବା କଳାହେବା, ଚମ୍ପା ଚମଡା ଉଠିବା ପୁନଃ ବାଘି ପଡିବା, ଦେହରେ ଘାଥ ବା ବ୍ରଣ ବାହାରିବା ଶରୀର ପିପାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ସାବଲୀୟ ପୀଡ଼ା, ଉପସର୍ଗାଦ ଅପେକ୍ଷ୍ୟ ପକ୍ଷରେ ଅମୋଘ ।

୩ । କ୍ଷୟକାଶ, ଦମାକାଶ, ଜିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ଇକ୍ତବମନ, କଣ୍ଠସଙ୍ଗରେ ରକ୍ତକଣିକ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଖଣ୍ଡରେ ବେଦନା, କଫ ଜମିବାର, ସ୍ୱରଭଙ୍ଗ ବେଦନାର ପ୍ରଦାହ, ଅହାରରେ ଅରୁଚ, ଓ ଅଶ୍ୱାଦ, ଶୁଦ୍ଧ ଜଳବା, ଓ ହୃତକମ୍ପ, ସହଜ ଓ ସାମାନ୍ୟ ଶ୍ରମରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦ ହୃତ୍‌ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡା ସମସ୍ତ ଦମନେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ତେ-ଜୋଷ୍ଠୀ ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମିତ୍ତ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କମ୍ପା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇ-ଥାଅ ତେବେ ଏହି ମହୌଷଧ, ସେବନ କରି ଜୀବନ ରକ୍ଷା କର, ସବଳେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘ-ଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର କ୍ଷୟିତ ଅଂଶ ଓ ଅଗ୍ନିର ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ୍‌ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡାରେ ସ୍ପାରମାଟିନ ଅଳେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଥାଏ । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଡଜନ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୫୬ ତିନ ଶିଶିରେ ଟ ୦ ୬୬/ ଓ ୬ ଶିଶିରେ ଟ ୧ ଓ ଡଜନ ଟ ୧୭

ପ୍ରାପ୍ତିସ୍ଥାନ ଓ ପତ୍ରାଦ ପଠାଇବାର ଏକମାତ୍ର ଠିକଣା ।

*Manager*
Spermatine Depot
No. 22 Baranasi
Ghose's street
Calcutta.

ମାନେଜର
ସ୍ପାରମାଟିନ ଡିପୋ
ନ ୨୨ ନର ବାରଣସୀ
ଘୋଷ ଷ୍ଟ୍ରିଟ
କଲିକତା

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ସ୍ୱଜା ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗଡ଼ଗଡ଼ି, ସରାଇକଲା, ସୋନ-ପୁର, ପାଟଣା, ବଡ଼ଖେମ, ମୟୂରଭଞ୍ଜ,କାଳହାଣ୍ଡି ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର,ତାଳଚେର ସ୍ୱଜାମାନଙ୍କ ନିକଟରେ ପଚ୍ଚୁ କଲେ ଆମ୍ଭର ଖାଣ୍ଟି ଚାରିବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସର୍ବଦା ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଟୋପି, ଜେଗା, କଂଶାପ,ବାସ୍ତା, ସଙ୍ଗୀ, ଦୋପଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦ ଗଠିତ ଅଙ୍ଗସ୍ଥ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତର କାରୁକାମ ପ୍ରଭୃତି ବସନ ଅନୁସାରେ ତିଆର କରାଇ ଦେଉଁ । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । ଯେଉଁ ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ଦ୍ରବ୍ୟାର୍ଥ ମଗାଇ-ଲେ ମାଲ ଯେଉଁ ଠିକଣାରେ କ ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡିଆ ମୋହରର ରଖିଅଛୁଁ ସୁତରାଂ ଓଡିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାରସଲରେ ମଧ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାନ୍ନାମାଲ ଖେଲାନାଥ
ଲକ୍ଷ୍ମୀଚଉତ ଫାଟକ ବନାରସ ସିଟି

## ବିଜ୍ଞାପନ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ । ଏଇତ, ତ କୁଣ୍ଡଳର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବର୍ଜିତ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ-କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀ-ବର ଶୋଭନା" ଯୁକ୍ତ ପାନରେ ଖଦିର, ଧଣିଆ-ଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସ-ଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହ-ମାନେ ବ୍ୟବହାର କରୁଥିଲେ; ଦିଲ୍ଲୀର କୁଣ୍ଡ, ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଏହା ସହଜ ହେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଡ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୫ ଙ୍କା । ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୬, ୬ ଶିଶିରେ ଟ ୦ ୫୬ ଅଣା, ଡଜନକୁ ଟ ୦ ୬ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—" କୁଣ୍ଡୁ ଏଣ୍ଡ କୋମ୍ପାନୀ " ୧୧।୫ ନମ୍ବର ବାସ୍ତନପି ଘୋଷର ଷ୍ଟ୍ରିଟ, କଲିକତା

ସର୍ବପ୍ରକାର ଯକ୍ଷ୍ମା, ଘା, ଚର୍ମ-ବାଧି ପ୍ରଭୃତି ଅବ୍ୟର୍ଥ ଔଷଧ ଚର୍ମାନ୍ତ ।
" ଓୟାର ଷାର କ ର "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନଲକ୍ଷିତ୍ତି ପରି ଆରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୬ ଅଣା । ପ୍ରାପ୍ତିସ୍ଥାନ :—"ପ୍ରବଲକ୍ଷ୍ମ ମେଡିକ ଏଣ୍ଡ କୋମ୍ପାନୀ ",—କଲିକତା ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ସନ ୧୯୦୭ ମସିହା ଡିସମ୍ବର ମାସରେ ବୋମ୍ବାଇ ଲଭା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୃଷ୍ଟିସିତ
ଜେନେରଲ ସେକ୍ରେଟରୀ
ଇଣ୍ଡିଆନଇଣ୍ଡଷ୍ଟ୍ରିଏଲ ଏକ୍‌ଜିବିସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ କବିରତ୍ନଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ବଉବାଜାରଷ୍ଟ୍ରୀଟ, ଶିମଳିଆ, କଲିକତା ।

ଏହି ସ୍ଥାନରେ ସମ୍ପ୍ରଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗସମ୍ଭୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ଭିନ୍ନ ପରସ୍ପର ହୋଇ ପ୍ରାପ୍ତ ସମ୍ପ୍ରଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବ ଡାକ୍ତରମାନଙ୍କ ବୁଦ୍ଧିବିଷୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳୋଦ୍ଗାର (ଖଟାଢେକୁ) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ହୃଦସ୍ପନ୍ଦ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦଦୋଷ, ଶରୀରରେ ଚକାକାର ଚିହ୍ନ, କଣ୍ଡୁ, ସ୍ୱପ୍ନଦୋଷ, ଧାତୁର ତରଳତା, ସ୍ମୃତିଶକ୍ତିହ୍ରାସ, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଲୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପଦାଦିର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ବଜୋଦୋଷ ବାଧକବେଦନା, ଗୁଳ୍ମ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଅଠଅଣା ୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା ପ୍ୟାକିଂ ଖରଚ ଏକଅଣା ଏବ ଡାକମାସୁଲ ଗୃର ଅଣା । ଔଷଧ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK
W. MAJOR & CO'S MEDICAL LABORATORY CALCUTTA
TRADE MARK
REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ ! !
ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ–ସେହି
"ଇଲେକ୍‌ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ
ରେଜିଷ୍ଟ୍ରାରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ ! ! !
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ଦେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ଦେବ ନାହିଁ । ଯେହେତୁ—

ଇଲେକ୍‌ଟ୍ରୋ ସାଲସା :—ନିଜ ଗୁଣରେ ଚତୁର୍ଦ୍ଦିଗ ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍‌ଟ୍ରୋ ସାଲସା :—ପ୍ରତ୍ୟହ ଯେଉଁପ ହଜାର୨ ଚିଠି ବିଜୟ ଦେଉଅଛି ଦେଶ ବିଦେଶରୁ ସେହିପରି ରାଶି୨ ଅଯାଚିତ ପ୍ରଶଂସାପତ୍ର ଲାଭ କରୁଅଛି ।

ଇଲେକ୍‌ଟ୍ରୋସଲସା :—ନବେ ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ କିଛୁ ନ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡ଼େ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨.୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରିଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍‌ଟ୍ରୋ ସାଲସା :—ବ୍ୟତୀତ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ରାଜତ୍ୱରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ସ୍ୱଦେଶୀ ବା ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍‌ଟ୍ରୋ ସାଲସା ।—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍‌ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବାରମ୍ବାର ନୂତନ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼୨ ହାସପାତାଲରେ ଉପଯୁକ୍ତ ରୋଗୀଙ୍କ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିୟା, ୟୁରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍‌ଟ୍ରୋ ସାଲସା ସତ୍ୟ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା ! ! ! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏକାଧାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍‌ଟ୍ରୋସଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଅଣ୍ଟୁଗଣ୍ଠି ଫୁଲିବା, କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, ଚୁଲି, ଉପମି ଓ ପାରାର ଘା, ନାଳ ଓ ଜାଙ୍ଘର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପାନ୍ଧ ଗରମିର ସାଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଲକ୍ଷଣାଦି ପୁଣି ପାରା ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପରି ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍‌ଟ୍ରୋ ସାଲସା ।—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ତେଜଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ,ପ୍ରମେହ, ଶୁକ୍ରମେହ, ଧାତୁଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାହି, ପ୍ରସ୍ରାବ ଜଳିବା, ଲୁଗାରେ ଦାଗ ପଡ଼ିବା, ମୂତ୍ର-ନାଳର ଶୂନ୍ୟ ବା ପୂଜ-ରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

Split by PDF Splitter



ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, କମ୍ପା ମଳ ବେଗରେ ଖାର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତ୍ୟଧିକ ସହବାସ ହେତୁ ପୁରୁଷ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚକ୍ଷୁର ଅସ୍ଥିରତା, ଦୌର୍ବଲ୍ୟ ପ୍ରିୟତା, ଚିନ୍ତା କରିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି, ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଉଜ୍ଜ୍ୱଳ କମନୀୟ କାନ୍ତି ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଲ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ କାର୍ଯ୍ୟରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :—ବୃଥା ଭ୍ରମରେ ଧନ କ୍ଷୟ କର ନାହିଁ ! ଅସାର ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ହିଁ ମୂତ୍ର ରୋଗର ପ୍ରକୃତ ଔଷଧ ! ଯେହେତୁ କୋଟିଏ ରୋଗୀ ମଧ୍ୟ ଆଜିଯାଏ ନୈରାଶ୍ୟ ହୋଇ ନାହାନ୍ତି ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତିକା-କାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି । ସେମାନଙ୍କର ଓ ଅନ୍ୟାନ୍ୟ ଦୂର ଦେଶବାସୀ ରୋଗୀଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜେଷ୍ଟରୀ କରାଯାଇଅଛି । ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନ୍ୟୁୟର୍କ ଆମେରିକା । ଭାରତ-ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର୍—"ଡବ୍ଲିଉ, ମେଜର ଏଣ୍ଡ କୋମ୍ପାନୀ," କଲିକତା

☞ ଏହାର ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହାପର ଆଦର୍ଶ "ଟ୍ରେଡ୍‌ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ-ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO.'S MEDICAL LABORATORY CALCUTTA
TRADE MARK

ଆମେରିକା ପ୍ରବାସୀ ବିଶ୍ୱବିଖ୍ୟାତ ତଡ଼ିତ୍ତତ୍ତ୍ୱବିତ୍ ମହାମନା ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଏ ନାହିଁ, ଯାହା ଚିକିତ୍ସକମାନେ ଶେଷ-ରେ ଅସାଧ୍ୟ ବୋଲି ନିର୍ଦ୍ଦେଶ କରୁଅଛନ୍ତି ଏହି ମହୌଷଧ ସେହି ରୋଗରେ ଦିବ୍ୟାସ୍ତ୍ର !

ଇଲେକ୍‌ଟ୍ରୋ ସାଲସା,—ଦୀର୍ଘକାଳର ଅଭ୍ୟାସରେ ଅସ୍ୱାଭାବିକ ଉପାୟରେ ଧାତୁକ୍ଷୟ ହୋଇ ଶୀଘ୍ର ମାନସିକ ରୋଗରେ ଏହାର ଅଦ୍ଭୁତ କିମ୍ବା ପ୍ରକାଶ ପାଏ ଏବଂ ପ୍ରତ୍ୟେକଙ୍କର ଔଷଧ ସେବନରେ ମନରେ ଭୁଏ ସେମାନଙ୍କ ଶରୀରଭାଗରେ କୌଣସି ବୈଦ୍ୟୁତିକ କିମ୍ବା ଅଦ୍ଭୁତ ବୋଧ ହୁଏ । ଏହାର ଏହାର ରୋଗୀର ପ୍ରଥମ ପରୀକ୍ଷା ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅସ୍ମମାନଙ୍କ ଶିକ୍ଷା ଦେଇଅଛନ୍ତି ଯେ ଜଗତର ସମସ୍ତ ପଦାର୍ଥ ଶକ୍ତିରୁ ଉତ୍ପନ୍ନ ହୋଇଛି । ଜଗତର ପ୍ରକାଶ ତାଙ୍କର ପ୍ରକୃତ ରୋଗ ଚିକିତ୍ସା । ଏପରି ଜଗତର ଏମନ୍ତ ଶକ୍ତି ଯେ ଔଷଧରେ ପ୍ରୟୋଗ କରୁଅଛି ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ତତ୍ତ୍ୱଜ୍ଞ ପଣ୍ଡିତମାନେ କହୁଛନ୍ତି, ବାଲ୍ୟ ଯୌବନରେ ଅତ୍ୟଧିକ ଭାବରେ ଓ ଗାର୍ହସ୍ଥ୍ୟ ଜୀବନର ଅଭ୍ୟାସରେ ଶରୀରର ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ଚିରରୋଗୀ ଓ ସ୍ୱର୍ଗାୟୁ ହେବାହିଁ ସମ୍ଭବ । ମାତ୍ର ଔଷଧ ସେବନ ଦ୍ୱାରା ସେହି ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତଡ଼ିତ୍ ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଦ୍ଭୁତ ସମ୍ମୋହନ ମୋହନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ସ୍ଥିରକଲେ ଯେ ଇଲେକ୍ଟ୍ରିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଅବଶ୍ୟ ବଳରୁ ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରିବା ଦ୍ୱାରା, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ରୋଗ ନଷ୍ଟ ଉପରେ ଅଶ୍ୱ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତାହିଁର କିମ୍ବା ମଧ୍ୟ ସେ ଅସ୍ଥାୟୀ ଏ କଥା ନିଶ୍ଚିତ ସମାଜରୁ ଏବେ ଆଉ ଲୁଚାଇ ରଖିବାକୁ ହେବ ନାହିଁ । ଆଜି ଏ ବୈଜ୍ଞାନିକ ସ୍ଥାନରେ ସ୍ତମ୍ଭିତ ମନୁଷ୍ୟ ଜନତା ହାର ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତର ପ୍ରୟୋଗାର୍ଥ ତାହାକୁ ଦେହ ଦେଖି ବାହାରେ ପ୍ରୟୋଗ କରି ଏହି ଅମୋଘ ଔଷଧକୁ ବାହାର କରି ପଠାଉଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଅବ୍ୟାହତି ପାଇ-ବାରେ ଉପାୟ ଉପରେ ନୂତନ ଯୁଗ ଆଣି ଦେଇଅଛନ୍ତି !!

ଆଜି ତାହାଙ୍କୁ ଅସ୍ଥାୟୀ ଓ ଅସ୍ଥାୟୀ ସ୍ୱରୂପ କୃତ୍ରିମ ସାଲସା ବା କୌଣସି ଦ୍ରବ୍ୟାଦି ଔଷଧ ସେବନ କରିବାର ହେବ ନାହିଁ ଅଛି ବାହାରୁହିଁ ଦେହ ରକ୍ଷା ଚେଷ୍ଟିବାର ହେବ ନାହିଁ ଅତେ ଏହି ମହୌଷଧ ଏକ ମହାଶକ୍ତି, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍‌ଟ୍ରୋ ସାଲସା" କୁ ପାନ କର ଦେହରୁ ସ୍ୱାସ୍ଥ୍ୟ ଏବଂ ଫଳ ଦର୍ଶନ ଦେବ ଏବଂ ବର୍ଦ୍ଧକ ହେବ, ଯୌବନକାଳୋଚିତ ଉତ୍ସାହ ଓ ସୌନ୍ଦର୍ଯ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ଦୁଷ୍ଟି, ବାତରକ୍ତ, ଅଣ୍ଡବୃଦ୍ଧି, ଉପଦଂଶ ମେହ, କାଶିରା, ଗାତ୍ରକଣ୍ଡୁ, କାଛୁ, କୁଷ୍ଠ, ଶରୀର ଦାହ, ପ୍ରମେହ, ଧାତୁ ଦୌର୍ବଲ୍ୟ, ଗର୍ଭ ପାତନ, ସ୍ୱପ୍ନଦୋଷ, ପ୍ରସ୍ରାବ ହେବା, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ତ ହେବା, ମୂତ୍ର ରୋଗ, ବୋଷ୍ଟକ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ପୁରୁଣା, ଯେତେ କଠିନ ଓ ଦୁରାରୋଗ୍ୟ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ! ତଥାପି ରୋଗୀ ପରୀକ୍ଷା କରିବାରେ ଦେରି କାହିଁକି ? ମୂଲ୍ୟ ୧ ବୋତଲ ଦେଖିଲେ ସହରରେ ପଡ଼ିବ ୧ । ୯ = ଟଙ୍କା, ୪ ବୋତଲ ୫ ୧୦୪, ଡଜନ ୫ ୨୦ । ଅଗ୍ରିମ ପଠାଇବା ଡାକମାସୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ୫ ୦ । ୮, ୩ ଶିଶିରେ ୫ ୦ ୷୯, ୬ ଶିଶିରେ ୷୯, ଡଜନରେ ୫ ୷୯ ।

ଅମ୍ଭମାନଙ୍କର ପତ୍ର ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା
TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ଛପାଇବା

| | |
|---|---|
| ଧାଡ଼ିପ୍ରତି | ୦ ୦ ୬ |
| ଅଧସ୍ତମ୍ଭରୁ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭରୁ | ୫ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚା ୫୦ ୯ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଖର୍ଚ୍ଚା ପ୍ରଥମ ଥରର ଅର୍ଦ୍ଧେକ ଓ ତା ପରଠାରୁ ସିକିଏ ହେବ ।

ଅଧିକ ଥର ଛପାଇବା ପ୍ରକାର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ-ବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଦ୍ଵାରା ପ୍ରକାଶକ ହରିହର ବ୍ରହ୍ମା ଇନ୍ଷ୍ଟିଚ୍ୟୁଟ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C. 81.

429

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

| | | |
|---|---|---|
| ୩୭ ଭାଗ<br>୪୨ ସଂଖ୍ୟା | CUTTACK, SATURDAY THE 1st November 1902.<br>ତା ୧୬ ର କାର୍ତ୍ତିକ ସନ ୧୩୦୯ ସାଲ ଶନିବାର | ଅଗ୍ରୀମ ଟ ୩୧<br>ପଶ୍ଚାଦେୟ ଟ ୪୧ |

## ବିଜ୍ଞାପନ ।

## ନୂତନ ନାଟକ ।

ଶ୍ରୀ. ରାମଶଙ୍କର ରାୟ କର୍ତ୍ତୃକ
ପ୍ରଣୀତ

## ଯୁଗଧର୍ମ ନାଟକ ।

କଟକ ପ୍ରିଣ୍ଟିଂକୋମ୍ପାନିଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ
ମୂଲ୍ୟ ॥୦ ୫

## NOTICE.

Wanted five additional Sub Inspectors of schools by the District Board of Cuttack on Rs. 50 per month with Travelling allowance not exceeding Rs. 25 per month. None need apply who is not qualified under Government Notification No. 486 T. G dated 2nd September 1893.

Applications will be submitted to the Chairman of the Cuttack District Board on or before the 15th November 1902.

A knowledge of the Urya language is absolutely necessary.

District Board office Cuttack The 29th October 1902. } J. C. Chander *Vice-Chairman*

## NOTICE.

Is hereby given that the piece of land next to the Normal School, Cuttack, and only about 50 yards from the Collectorate, is now for sale.

The site is well suited for building purposes. The land is free of rent and free from all encumbrances.

Intending purchasers should apply at once to

Revd. L. F. DECARRE,
*Cath. Chaplain,*
*Cuttack.*

*31-10-02*

## ବିଜ୍ଞାପନ ।

କଟକ ନର୍ମାଲ ସ୍କୁଲ ନିକଟ ଓ କଲେକ୍ଟର କଚେରୀର ୧୦୦ ହାତ ଅନ୍ତରରେ ୮ଟ ଖଣ୍ଡ ଜମି ବିକ୍ରୟ ହେବାର ଅଛି ।

ସ୍ଥାନଟୀ କୋଠାଘର କାମରେ ଉତ୍ତମ ଉପଯୋଗୀ । ଜମି ନିଷ୍କର ଅଟେ ଓ ସେଥିରେ କୌଣସି ପ୍ରକାର ଦାୟ ନାହିଁ ।

ଯେଉଁମାନେ ଖରିଦ କରିବାକୁ ଇଚ୍ଛା କରିବେ ସେମାନେ ନିମ୍ନଲିଖିତ ସ୍ୱାକ୍ଷରକାରୀଙ୍କ ନିକଟକୁ ଶୀଘ୍ର ଆବେଦନ କରିବେ ।

ରେଭରେଣ୍ଡ ଏଲ, ଏଫ, ଡେକ୍କାର,
କ୍ୟାଥଲିକ ପାଦରି,
କଟକ ।

୩୧।୧୦।୦୨

## NOTICE.

WANTED 3 Teachers for the Kendrapara H. E. School on Rs 20, 15 & 12 per mensem respectively. None but those who have passed the Entrance Examination need apply. In filling up the 1st post preference will be given to one who has passed the F. A.

Application will be received by the Secretary up to 10th November next. The candidates selected will be required to executer an agreement to stay for 2 years at least.

KENDRAPARA H. E. School 22-10-02 } *Md.* Jameluddin Headmaster for *Secretary*

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ ।

## ସହିଜ ଇଂରାଜୀ ଶିକ୍ଷା

## EASY GUIDE

TO TRANSLATION.

BY

BISWANATH MISRA.

( ସଂଶୋଧିତ ଓ ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ )

ମୁଦ୍ରିତ ହୋଇଅଛି ।

ମୂଲ୍ୟ ଟ ୦ ୫ ଆଠଅଣା ମାତ୍ର

SOLE AGENT—B. B. MUKHERJEE, BOOK AGENT, CUTTACK.

Digitized by srujanika@gmail.com

## ଉତ୍କଳଦୀପିକା ।

ଦିଲ୍ଲୀ ଦରବାରର ନାମ ବ୍ୟବସାୟରେ ପ୍ରବେଶ କରିଅଛି । ଇତି ମଧ୍ୟରେ କଲିକତା ଠାରେ ରବର୍ଟସ୍ ନାମକ ଜଣେକ ସାହେବ ବ୍ରହ୍ମଦେଶୀୟ ଧୂଆଁପତ୍ରରେ ପିକା ପ୍ରସ୍ତୁତପୂର୍ବକ ତହିଁର ନାମ 'ଦରବାର ପିକା' ଦେଇଅଛନ୍ତି । ବିଜ୍ଞପ୍ୟ ମଧ୍ୟ ନାମ ହେଉ ଅନେକ ହେବ । ଇଂରେଜମାନେ ବିପର ବ୍ୟବସାୟୀ ଆମ୍ଭ ଦେଶ ଲୋକେ ଟିକିଏ ଅନୁଧାବନ କରି ଦେଖିବେ କି ?

---

ଜଣେ ପଞ୍ଜାବର ସମ୍ବାଦଦାତା ଷ୍ଟେଟ୍‌ସ୍‌ମାନ ପତ୍ରିକାକୁ ସରକାରୀ କର୍ମଚାରୀମାନେ ଅନ୍ୟାୟ ଉପାୟରେ କିରୂପ ଅର୍ଥ ଉପାର୍ଜନ କରନ୍ତି ତହିଁର ଉଦାହରଣସ୍ୱରୂପ ଜଣେ କଲେକ୍ଟର ଅଫିସର କର୍ମଚାରୀ ଲକ୍ଷେ ଟଙ୍କାର ଷ୍ଟାମ୍ପ କାଗଜ ବଦଳାଇବା ସକାଶେ ଗବର୍ଣ୍ଣମେଣ୍ଟକୁ ପଠାଇଥିବାର ଲେଖିଅଛନ୍ତି । ସରକାରୀ ଇଲାକାରେ ଅନେକ ଲୋକେ ଅନ୍ୟାୟରୂପେ ଅର୍ଥ ଉପାର୍ଜନ କରନ୍ତି ଏବଂ ଜଣେ ଜଣେ ତଦ୍ୱାରା ଲକ୍ଷପତି ହୋଇଅଛନ୍ତି । ସବୁ ସମୟରେ ଏ କଥାମାନ ଗବର୍ଣ୍ଣମେଣ୍ଟଙ୍କ ଜ୍ଞାତସାରରେ ଆସି ପାରଇ ନାହିଁ ।

---

ସନ ୧୮୯୪ ସାଲ ତା ୨୪ ରିଖର କଲିକତା ଗେଜେଟରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ୨୮ ନମ୍ବର ବିଜ୍ଞାପନ ଅନୁସାରେ ଯେଉଁ ଖଜଣା ପାଉତି ଫାରମ ପ୍ରଚଳିତ ହୋଇଥିଲା ତହିଁ ବଦଳରେ ମାନ୍ୟବର ବଙ୍ଗଳାର ଲେଫ୍ଟେନଣ୍ଟ ନୂତନ ଫାରମ ପ୍ରସ୍ତୁତ କରି ଓଡ଼ିଶା ବଙ୍ଗଳରେ ତାହା ପ୍ରଚଳିତ ହେବାର ଆଦେଶ ଦେଇଅଛନ୍ତି ଏବଂ ତାହା ଗତ ତା ୨୨ ରିଖର କଲିକତା ଗେଜେଟରେ ସର୍ବ ସାଧାରଣଙ୍କର ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ଏଣିକି ଏହି ଫାରମ ଅଠଅଣା ରେଟ ପାଉତିବୋଲି ଗଣ୍ୟ ହେବ । ସୁତରାଂ ଜମିଦାରମାନେ ଏହି ଫାରମରେ ପ୍ରଜାଙ୍କୁ ପାଉତି ଦେବେ ।

---

ବିଲାତର ତାର ସମ୍ବାଦରୁ ପ୍ରକାଶ ଯେ ଉତ୍ତର ପଶ୍ଚିମର ଭୂତପୂର୍ବ ଲେଫ୍ଟେଣ୍ଟ ମାନ୍ୟବର ସର ଆଣ୍ଟୋନି ମାକଡୋନେଲ ଏବଂ ନାଗପୁରର ଭୂତପୂର୍ବ ପ୍ରଧାନ କମିଶନର ମାନ୍ୟବର ସର ଉଲିୟମଲି—ଉଅରନର ବିଲାତସ୍ଥ ଇଣ୍ଡିଆ କାଉନସିଲର ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ଏ ଦୁଇ ମହାଶୟ ଭାରତରେ ଦୀର୍ଘକାଳ ସୁଖ୍ୟାତି ସହିତ କାର୍ଯ୍ୟ କରି ପେନସନ ନେଇ ବିଲାତକୁ ଯାଇଅଛନ୍ତି ଏବଂ ଏମାନଙ୍କ ନିୟୋଗଦ୍ୱାରା ଭାରତର ଅନେକ ମଙ୍ଗଳ ଆଶା କରାଯାଏ । ବିଶେଷତଃ ସର ମାକଡୋନେଲ ଦୀର୍ଘକାଳ ଏ ଦେଶରେ ଉଚ୍ଚ କାର୍ଯ୍ୟରେ ରହି ଭାରତବାସିଙ୍କ ପ୍ରତି ଯେଉଁ ଅଟଳ ନ୍ୟାୟ ବିଚାର ଓ ସହାନୁଭୂତି ଦେଖାଇଥିଲେ, ତହିଁରୁ ଏକାନ୍ତ ଆଶା ହୁଏ ଯେ ସେ ଆମ୍ଭମାନଙ୍କର ସ୍ୱାର୍ଥପ୍ରତି କଦାଚ ଅବହେଳା କରିବେ ନାହିଁ ।

---

ପୁଲିସ କମିଶନଙ୍କ ନିକଟରେ ସାକ୍ଷ୍ୟ ଦେବା କାରଣ କଲିକତାର ବ୍ରିଟିସ ଇଣ୍ଡିଆନ ସଭା ଯେଉଁମାନଙ୍କୁ ନିର୍ବାଚନ କରିଅଛନ୍ତି ସେମାନଙ୍କର ନାମ ଅବଧି ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଯାଇ ନାହିଁ । ପୂଜା ଛୁଟିର ବନ୍ଦରେ ଅନେକ ଲୋକ ସ୍ଥାନାନ୍ତରକୁ ବାହାରିଯିବା ହେତୁ ସେମାନଙ୍କର ସମ୍ମତି ପାଇବାର ଅସୁବିଧା ଘଟିଅଛି ଏବଂ ତହିଁ ପାଇଁ ସଭା ଅଦାଲତ ଫିଟିବା ପର୍ଯ୍ୟନ୍ତ ସମୟ ପ୍ରାର୍ଥନା କରିଅଛନ୍ତି । ଏଥିମଧ୍ୟରେ ଶ୍ରୀଯୁକ୍ତ ଆର, ସି, ଦତ୍ତ, ରାଜା ପ୍ୟାରୀମୋହନ ମୁଖର୍ଜ୍ୟା, ରାଜା ରଣଜିତ ସିଂହ ଏବଂ ବାବୁ କିଶୋରୀ ଲାଲ ଗୋସ୍ୱାମୀ ସାକ୍ଷ୍ୟ ଦେବାକୁ ସମ୍ମତି ପ୍ରଦାନ କରିଅଛନ୍ତି । ଏଥିରୁ ଜଣାଯାଏ ଯେ ହିନ୍ଦୁପକ୍ଷରୁ ପ୍ରଧାନ ଏବଂ ବିଚକ୍ଷଣ ଲୋକମାନେ ସାକ୍ଷ୍ୟ ଦେବେ ଏବଂ ସେମାନଙ୍କର ସାକ୍ଷ୍ୟ ଅବଶ୍ୟ ମୂଲ୍ୟବାନ୍ ହେବ ।

---

ଗତ ଗୁରୁବାର ଦୀପାବଳୀ ବା ଦିୱାଲି ପର୍ବ ଉପଲକ୍ଷରେ ଏ ନଗରରେ ସନ୍ଧ୍ୟା ସମୟରେ ଅନ୍ୟାନ୍ୟ ବର୍ଷ ପରି ରୋଶନାଇ ହୋଇଥିଲା । ଅନେକ ପଟୁଆଳି ଥିଲା । ନାଡ଼ୁ ଫଟକା ଚନ୍ଦ୍ରଉଦୟ ଇତ୍ୟାଦି କ୍ରୀଡ଼ା ଯୋଗ୍ୟ ବାଣ ମାଉବା ଓ ତହିଁର ଗଉଦ ଦକି ପୁଲିସ ଏଥାବେଳେ ବନ୍ଦ କରିଦେବାରୁ ସେସବୁର ଶୋଭା ଅଦୌ ହେଲା ନାହିଁ ଏବଂ ଏକ ଦିଗରେ ଲୋକଙ୍କର ହର୍ଷ ଓ ଉତ୍ସାହ ଯେମନ୍ତ ନିସ୍ତବ୍ଧରେ ବୁଡ଼ିଗଲା । ଅନ୍ୟ ଦିଗରେ ଶତ ଶତ ଗରିବ ବାଣବିକ୍ରେତାଙ୍କର ଅନ୍ନ ମାଟି ହେଲା । ଦଶହରାଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନେକ ବାଣ ବିକ୍ରୟ ହୁଏ; ଏଥିପାଇଁ ଏ ନଗରରେ ମହା ଅସନ୍ତୋଷ ଜାତ ହୋଇଅଛି । ଲୋକଙ୍କର ଆମୋଦ ପ୍ରମୋଦ ଓ ଧର୍ମକାର୍ଯ୍ୟରେ ପୁଲିସ ଏପରି ଅନ୍ୟାୟ ହସ୍ତକ୍ଷେପର କଥା କେହି ବୁଝିବାକୁ ନାହିଁ କି ? ଅପରମ୍ଭା କିଂ ଭବିଷ୍ୟତି ।

---

ସମ୍ବଲପୁରରେ ଫ୍ରେଜର ପ୍ରେଣ୍ଟିଂ କମ୍ପାନୀ ନାମରେ ଗୋଟିଏ ଯୌଥ ବ୍ୟବସାୟୀ ଦଳ ଗଠିତ ହୋଇଅଛି ଏବଂ ସେହି ଦଳ ବା କମ୍ପାନୀଦ୍ୱାରା ମୁଦ୍ରାଯନ୍ତ୍ର ସ୍ଥାପିତ ହୋଇ ପୁସ୍ତକ ପତ୍ର ଇତ୍ୟାଦି ଛପାହେବାର ଆରମ୍ଭ ହୋଇଅଛି । ସମ୍ବଲପୁରର ଅଦାଲତ ସମୂହରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେବା ମଧ୍ୟପ୍ରଦେଶର ଚୀଫ କମିସନର ମାନ୍ୟବର ଫ୍ରେଜର ସାହେବଙ୍କ ବିଶେଷ ଅନୁକୂଲ୍ୟତାରେ ସାଧିତ ହୋଇଥିବାରୁ ତାହା ଚିରସ୍ମରଣୀୟ ରହିବା ଉଦ୍ଦେଶରେ କମ୍ପାନୀ ଉକ୍ତ ନାମ ଧାରଣ କରିଅଛନ୍ତି । ସମ୍ବଲପୁରର ଏହି ଉଦ୍ୟମସୂଚକ ବିଜ୍ଞାପନ ପାଇ ଆମ୍ଭେମାନେ ଆନନ୍ଦିତ ହୋଇ କମ୍ପାନୀର ସୁଖ ସମୃଦ୍ଧି କାମନା କରୁଁ । ମୁଦ୍ରାଯନ୍ତ୍ରର ଉପକାରିତା ସାଧାରଣ ଶିକ୍ଷାର ବିସ୍ତାର ଉପରେ ନିର୍ଭର କରେ । ଶିକ୍ଷିତ ଲୋକର ସଂଖ୍ୟା ଯେତେ ବଢ଼ିବ ଏବଂ ଶିକ୍ଷା ଓ ବ୍ୟବସାୟରେ ଯେତେ ଉନ୍ନତ ହେବେ ଯନ୍ତ୍ରାଳୟର ପ୍ରୟୋଜନ ସେତେ ଅଧିକ ହେବ । ସ୍ୱଦେଶାନୁରାଗିଙ୍କର ଏହି ଦୁଇ ବିଷୟରେ ସମାନ ଦୃଷ୍ଟି ରହିବା ବାଞ୍ଛନୀୟ ।

—※—

ସନ ୧୯୦୧।୧୯୦୨ ସାଲରେ ଓଡ଼ିଶାର ବନ୍ଦର ସମୂହକୁ ୨୨୮ ଜାହାଜ ଆସିଥିଲା । ତହିଁ ପୂର୍ବବର୍ଷରେ ୧୯୩ ଜାହାଜ ଆସିଥିଲା । ଅଧିକା ୩୫ ଖଣ୍ଡ ଜାହାଜ ଆସିବାରୁ ଆୟ ଅଧିକା ହୋଇଥିଲା ଅର୍ଥାତ୍ ପୂର୍ବବର୍ଷର ଟ୨୦,୦୩୨ ଙ୍କାସ୍ଥଳେ ଏବର୍ଷ ଟ୨୩,୩୬୪ ଙ୍କା ହୋଇଥିଲା । ନେଟାଲ ଓ ପୂର୍ବରୁ ବିଦେଶକୁ ଅଧିକ ଚାଉଳ ରପ୍ତାନି ହେବାରୁ ଆୟ ବୃଦ୍ଧି ହୋଇଅଛି । କର୍ମଚାରୀଙ୍କର ବେତନ ଊଣା ହେବାରୁ ବ୍ୟୟ ମଧ୍ୟ ପୂର୍ବବର୍ଷରେ ଟ୧୮,୭୨୨ ଙ୍କା ହୋଇଥିବାସ୍ଥଳେ ଏ ବର୍ଷ ଟ୧୬,୯୬୧ ଙ୍କା ହୋଇଅଛି । ଓଡ଼ିଶାର ବାଣିଜ୍ୟର ମୂଲ୍ୟ ସନ୧୯୦୦।୧୯୦୧ ସାଲରେ ଟ୧,୨୦,୭୬,୪୩୮ ଙ୍କା ସ୍ଥ୧୯୦୧।୧୯୦୨ ସାଲରେ ଟ୮୭,୯୮,୪୬୨ ଙ୍କା ଏବଂ ସନ ୧୯୦୨।୧୯୦୩ ସାଲରେ ଟ୮୨,୪୨,୩୩୦ ଙ୍କା ହୋଇଥିଲା ଅତଏବ ଦେଖାଯାଏ ଯେ ସାମୁଦ୍ରିକ ବାଣିଜ୍ୟର ମୂଲ୍ୟ ଗତ ୩ ବର୍ଷରୁ କ୍ରମାଗତ ଊଣା ପଡ଼ିଅଛି । ରେଲବେଦ୍ୱାରା ବାଣିଜ୍ୟ ଦ୍ରବ୍ୟର ଆମଦାନୀ ଓ ରପ୍ତାନୀ କ୍ରମାଗତ ବଢ଼ିବା ଏଥିର କାରଣ ଅଟେ । ଏହି ରେଲବାଟ ହେତୁ ଯାତ୍ରୀମାନେ ମଧ୍ୟ ସମୁଦ୍ରବାଟ ଛାଡ଼ିଦେଇଅଛନ୍ତି । କେବଳ ଯେଉଁମାନେ କଲିକତା ଅଥବା ବଙ୍ଗଳାର ଅନ୍ୟାନ୍ୟ ସ୍ଥାନକୁ ରୋଜଗାରନିମନ୍ତେ ଯାଉଥିଛନ୍ତି ସେହିମାନେ ଏବେ ଜାହାଜରେ ଯିବା ଆସିବା କରୁଅଛନ୍ତି ।

---

ବର୍ଦ୍ଧମାନର ମହାରାଜା ବିଜୟଚାନ୍ଦ ମହତାବ ଅଧିରାଜ ବାହାଦୁରଙ୍କର ନାବାଲଗି କାଲ ଗତ ତା ୧୯ ରିଖରେ ଶେଷ ହେବାରୁ ତହିଁ ...

Split by PDF Splitter
Digitized by srujanika@gmail.com

ଦିନ ତା ୨୦ ରଖ ସୋମବାର ରାଜ୍ୟଭାର ଗ୍ରହଣ କଲେ । ମହାରାଜ ଅଧିରାଜ ବାହାଦୁର ସେ ଦିନ ସ୍ୱର୍ଣ୍ଣ ଘୋଡ଼ାର ବଗିରେ ରାଜସୈନ୍ୟ ପରିବେଷ୍ଟିତ ହୋଇ ହଟେଲକୁ ବିଜେ କଲେ ଏବଂ ସେଠାରେ ପ୍ରବେଶ ହୋଇ ଆସନଗ୍ରହଣ କରନ୍ତେ ସମସ୍ତ ମହଲ୍ଲମାନଙ୍କ ପ୍ରଧାନ କର୍ମଚାରୀମାନେ ବିଧିମତ ଅଭ୍ୟର୍ଥନା ଓ ମଙ୍ଗଳବାଦ କଲେ ଏବଂ ଚତୁର୍ଦ୍ଦିଗ ଆନନ୍ଦଧ୍ୱନିରେ ଉଚ୍ଛୁଳ ପଡ଼ିଲା । ମ୍ୟାନେଜର ରାଜା ବନବିହାରୀ କାପୁର ଅନିବାର୍ଯ୍ୟ କାରଣରୁ ଉପସ୍ଥିତ ନ ଥିବାରୁ ସହକାରୀ ମ୍ୟାନେଜର ବାବୁ ଆଶୁତୋଷ ସେନ ଶୃରଙ୍ଗପଞ୍ଚ ମହାରାଜଙ୍କ ହସ୍ତରେ ପ୍ରଦାନ କଲେ ଏବଂ ସୈନ୍ୟମାନେ ସମ୍ମାନସୂଚକ ସଲାମୀ ଦେଲେ । ମହାରାଜା ମହୋଦୟ ଏକ କ୍ଷୁଦ୍ର ବକ୍ତୃତାରେ ସମସ୍ତ ଶ୍ରେଣୀର କର୍ମଚାରୀଙ୍କୁ ତାହାଙ୍କର ନାବାଳଗୀ ସମୟରେ ମହାଲର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଥିବା କାରଣ ଧନ୍ୟବାଦ ଦେଇ ହଟେଲରୁ ପ୍ରସ୍ଥାନ କଲେ । ବର୍ତ୍ତମାନ ନଗର ଏ ଦିନ ଫୁଲ ପତ୍ର ପତାକା ଇତ୍ୟାଦିଦ୍ୱାରା ଅତି ମନୋହର ରୂପେ ସୁସଜ୍ଜିତ ହୋଇଥିଲା ଏବଂ ଦୁଃଖୀମାନଙ୍କୁ ବସ୍ତ୍ର-ତଣ୍ଡୁଳ ଦାନଦ୍ୱାରା ସନ୍ତୋଷ କରାଯାଇଥିଲା । ସନ୍ଧ୍ୟାବେଳେ ରାଜପ୍ରାସାଦ ସମ୍ମୁଖରେ ବହୁ ଆଡ଼ମ୍ବରରେ ଆତସବାଜି ହୋଇଥିଲା ଏବଂ ରାତ୍ରରେ ନାଚ ମଜଲିସ ଓ ଭଦ୍ର ଲୋକଙ୍କର ଭୋଜି ହୋଇଥିଲା । ମାନ୍ୟବର ବର୍ଦ୍ଧମାନେଶ୍ୱରଙ୍କର ଅବକାଶ ନ ଥିବାରୁ ଅଭିଷେକ ଗାଦିରେ ବସିବା କ୍ରିୟା ହୋଇ ପାରି ନାହିଁ । ତାହା ବର୍ଷୀ ଦରବାରର କେତେଦିନ ଉତ୍ତାରୁ ହେବ ।

---

ବୃଷ୍ଟି ନ ହେବାରୁ ଲୋକେ ମହା ଚିନ୍ତାରେ ଥିବାର ଗତ ସପ୍ତାହରେ ଯାହା ଲେଖିଥିଲୁଁ ଈଶ୍ୱରଙ୍କର ଅପାର କରୁଣାରୁ ତାହା ମେଣ୍ଟି ଯାଇଅଛି । ଗତ ଶନିବାର ଅପରାହ୍ଣରେ ଭାରି ମେଘ ଉଠାଇ ସନ୍ଧ୍ୟା ସମୟରେ ଏକଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଏ ନଗରରେ ଏକଧାରା ଟାଣ ବୃଷ୍ଟି ହୋଇଥିଲା ଏବଂ ଏହି ବୃଷ୍ଟି ଏ ଜିଲାର ସର୍ବତ୍ର ହୋଇଥିବାର ସମ୍ବାଦ ପାଇଅଛୁଁ । ମୋଫସଲର ଏକ୨ ସ୍ଥାନରେ ଏତେ ବୃଷ୍ଟି ହୋଇଅଛି ଯେ ଏ ପର୍ଯ୍ୟନ୍ତ ( ଏକ ସପ୍ତାହ ହେଲା ) ଠାବେ୨ ହଳ ପାଗି ନାହିଁ । ବୋଲିବା ବାହୁଲ୍ୟ ଯେ ଏହି ଜଳରେ ଫସଲ ସମ୍ପୂର୍ଣ୍ଣରୂପେ ରକ୍ଷା ହୋଇଅଛି ଏବଂ ରବି ଫସଲର ମଧ୍ୟ ପ୍ରଚୁର ଉପକାର ହୋଇଅଛି । ଏ ବୃଷ୍ଟି ଓଡ଼ିଶାର ଉତ୍ତରରୁ ଦକ୍ଷିଣକୁ କ୍ରମେ ଊଣା ହେବାର ସରକାରୀ ସାପ୍ତାହିକ ରିପୋର୍ଟରୁ ଜଣା ଯାଏ ଯଥା; ବାଲେଶ୍ୱରରେ ୯.୮୦ ଇଞ୍ଚ, କଟକରେ ୯.୦୭ ଇଞ୍ଚ ଏବଂ ପୁରୀରେ ୦.୨୦ ଇଞ୍ଚ । ଏ ସମୟରେ ଅନୁଗୁଳରେ ଆଦୌ ବୃଷ୍ଟି ହୋଇ ନାହିଁ ଏବଂ ଗତ ଶନିବାରଠାରୁ ଗତ ଗୁରୁବାର ପର୍ଯ୍ୟନ୍ତ ମେଘୁଆ ପାଗ ହୋଇଥିବା ପ୍ରତ୍ୟକ୍ଷେ ଯେବେ ଏଥିମଧ୍ୟରେ ସେଠାରେ ବୃଷ୍ଟି ହୋଇ ନ ଥିବ ତେବେ ଏକା ଅନୁଗୁଳ ନାହିଁ ଅନେକ ଗଡ଼ଜାତର ଅବସ୍ଥା ମନ୍ଦ ବୋଲିବାକୁ ହେବ ।

ବଙ୍ଗ ଉପସାଗରର ଦକ୍ଷିଣ ଭାଗରେ ଗୋଟିଏ ଝଡ଼ି ଗତ ଶନିବାର ପୂର୍ବରୁ ଉତ୍ପନ୍ନ ହୋଇ କ୍ରମେ ପୂର୍ବ ଉପକୂଳକୁ ଅଗ୍ରସର ହେବାରୁ ସେ ଅଞ୍ଚଳର ଅନେକ ସ୍ଥାନରେ ଉତ୍ତରକୁ ବିଶାଖାପଟନ ପର୍ଯ୍ୟନ୍ତ ବୃଷ୍ଟି ହୋଇଥିଲା । ଏହି ଝଡ଼ି ଗତ ମଙ୍ଗଳବାର ମାନ୍ଦ୍ରାଜ ଉପକୂଳକୁ ସ୍ପର୍ଶ କରନ୍ତେ ସେଠାରେ ୮ ଇଞ୍ଚ ବୃଷ୍ଟି ହୋଇଥିଲା ଏବଂ ପବନ ଯୋଗେ ଜାହାଜମାନ ଏକଦିନ ଅଟକ ରହିଥିଲା । ସେହି ହେତୁ ଏ ଅଞ୍ଚଳରେ ମେଘୁଆ ପାଗ ହୋଇଥିଲା । ମାତ୍ର ଅନେକ ଦୂରରେ ଥିବାରୁ ଏଠାରେ ଅଧିକ ବୃଷ୍ଟି ହୋଇ ନାହିଁ ।

---

ପୁରୀ ରାଜାଙ୍କ ମୋକଦ୍ଦମାରେ ଗତପୂର୍ବ ଶନିବାର ଡେପୁଟୀମାଜିଷ୍ଟ୍ରେଟ ମୌଲଭୀ ଅବଦୁସ୍ ସାଲେମ କେନେଡି ସାହିଙ୍କ ଜବାନବନ୍ଦୀ ନେଇ ଗତ ସୋମବାରକୁ ମୋକଦ୍ଦମା ସ୍ଥଗିତ ରଖିଥିଲେ । ଫରିଯାଦିଙ୍କ ପକ୍ଷରୁ ହାଇକୋର୍ଟ ଉକିଲ ପେନସନ୍ ଜଜ ବାବୁ ବ୍ରଜେନ୍ଦ୍ରକୁମାର ସିଲ ଉପସ୍ଥିତ ହୋଇଥିଲେ । ଭୂତପୂର୍ବ କଲେକ୍ଟର ମିଃ ଗାରେଟଙ୍କୁ ସାକ୍ଷୀ ସ୍ୱରୂପ ହାଜର ହେବା ନିମନ୍ତେ ପ୍ରାର୍ଥନା କରିଥିଲେ ମାତ୍ର ହାକିମ ଆପତ୍ତି କରି କମିଶନଦ୍ୱାରା ସାକ୍ଷ୍ୟ ଗ୍ରହଣ କରିବାର ଆଦେଶ ଦେବାହାଇଣି ଡିଷ୍ଟ୍ରିକ୍ଟମାଜିଷ୍ଟ୍ରେଟ ସାହେବଙ୍କ ହଜୁରକୁ ଲେଖିବାରୁ ରାଜାଙ୍କ ଜୋବାନବନ୍ଦୀ ପରେ ତାହା ହେବା ବିଷୟରେ ଆଦେଶ ହେବାର ହୁକୁମ ହୋଇଅଛି । ଗତ ସୋମବାର ଦିନ ପୁରୀ ରାଜା ଉପସ୍ଥିତ ହେବା ନିମନ୍ତେ ଫରିଯାଦି ପକ୍ଷରୁ ସମନ ବାହାରିଥିଲା । ରାଜା ମହୋଦୟଙ୍କ ଶରୀର ଅସୁସ୍ଥ ହେତୁ ଉପସ୍ଥିତ ହୋଇ ପାରି ନ ଥିଲେ ଓ ସେଥି କାରଣ ସିଭିଲସର୍ଜନଙ୍କ ସାର୍ଟିଫିକେଟ ପ୍ରଦାନ ନ କରି ଏଠା ମେଡିକେଲସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ କରୁଥିବା ଜଣକ ନିକଟରୁ ସାର୍ଟିଫିକେଟ ନେଇ ଦାଖଲ କରିଥିଲେ । ମୌଲଭୀ ମହୋଦୟ ଏଥିରେ ସନ୍ତୁଷ୍ଟ ନ ହୋଇ ଓ୍ୱାରେଣ୍ଟ ଜାରି କରିବାର ଇଚ୍ଛା ପ୍ରକାଶ କଲେ । ଉଭୟ ପକ୍ଷରୁ ଅନେକ ତର୍କବିତର୍କ ହେଲା ଏବଂ ହାକିମଙ୍କର ଓ୍ୱାରେଣ୍ଟ ଜାରିର ଇଚ୍ଛା ଜଣା ଯିବାରୁ ଫରିଯାଦି ପକ୍ଷର ଉକିଲ ସିଲ ମହୋଦୟ ରାଜାଙ୍କୁ ସାକ୍ଷୀଶ୍ରେଣୀରୁ ଖାରଜ କରିବାର ପ୍ରାର୍ଥନା କରନ୍ତେ ହାକିମ ମହୋଦୟ ରାଜାଙ୍କ ସାକ୍ଷ୍ୟ ଆବଶ୍ୟକ ବିବେଚନା କରି ସରକାର ତରଫରୁ ତଲବ କଲେ ସୁତରାଂ ସମନଦ୍ୱାରା ରାଜାଙ୍କୁ ଅଣାଇବାକୁ ବାଧ ହେଲେ । ମୋକଦ୍ଦମା ଆସନ୍ତା ମାସ ତା ୧୦ ରଖକୁ ମୁଲତବି ରଖା ହୋଇଅଛି । ମୋକଦ୍ଦମା ଦିବସ ମୌଲଭୀସାହେବଙ୍କ ମିସଲ ଲୋକାରଣ୍ୟ ହୋଇଥିଲା । ମୋକଦ୍ଦମାର ଫଳକୁ ସମସ୍ତେ ଉତ୍ସୁକ ସହିତ ଅପେକ୍ଷା କରୁଅଛନ୍ତି ।

---

## ପୁଲିସ କମିଶନ ।

ପୁଲିସ କମିଶନର ଅଧିବେଶନ ଏ ନଗରରେ ଆସନ୍ତା ମାସ ତା ୨୬ ଓ ୨୭ ରଖରେ ହେବ । ଏହି ଦୁଇ ଦିନରେ କମିଶନ ସରକାରୀ ଓ ବେସରକାରୀ ଲୋକଙ୍କର ସାକ୍ଷ୍ୟ ଗ୍ରହଣ କରିବେ ; କେତେ ଲୋକର ସାକ୍ଷ୍ୟ ଗୃହୀତ ହେବ ଠିକ ଜଣା ଯାଇ ନାହିଁ । ଶୁଣିବାରେ ସରକାରୀ ଲୋକଙ୍କ ମଧ୍ୟରେ ଓଡ଼ିଶାର କମିଶନର, ଭିନ୍ନ ଜିଲାର ମାଜିଷ୍ଟ୍ରେଟ ଏବଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏବଂ ବେସରକାରୀ ଲୋକଙ୍କ ମଧ୍ୟରେ ଉତ୍କଳ ସଭାର ଅନୁରୋଧମତେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ, ରାଜା ଯଜ୍ଞେଶ୍ୱର ଚନ୍ଦ୍ର ବାହାଦୁର, ବାବୁ ଯୋଗେନ୍ଦ୍ରନାଥ ମୁଖୁର୍ଯ୍ୟା ନାଏବ ପଟ୍ଟାନୁଶ୍ରେଇ, ବାବୁ ହରିଶ୍ଚନ୍ଦ୍ର ଘୋଷ ଓକିଲ ପୁରୀ ଏବଂ ବାବୁ ଗୌରୀଶଙ୍କର ରାୟ ସାକ୍ଷ୍ୟ ଦେବେ । କମିଶନ କେତେଗୁଡ଼ିଏ ପ୍ରଶ୍ନ ଛପା କରି ପଠାଇ ଦେଇଅଛନ୍ତି । ସାକ୍ଷୀମାନେ ଉତ୍ତର ଲେଖି ପଠାଇ ଦେବେ ଓ ତାହା ଦେଖି ଯାହାଙ୍କର ସାକ୍ଷ୍ୟ, ନେବା, ଆବଶ୍ୟକ ବିବେଚନା କରିବେ ବୈଠକ ସମୟରେ ତାହାଙ୍କର ସାକ୍ଷ୍ୟ ନେବେ । ପ୍ରଶ୍ନର ସଂଖ୍ୟା ୨୦ ରୁ ଊଣା ନୁହେଁ ଏବଂ ସେସବୁ ଉଚ୍ଚ୍ରୀକୁ ସ୍ୱପ୍ରସ୍ତ୍ରଠାରୁ ଗ୍ରାମ୍ୟ ଚୌକିଦାର ପର୍ଯ୍ୟନ୍ତ ସକଳ ଶ୍ରେଣୀର କର୍ମଚାରୀଙ୍କର ଅଧିକାର ବେତନ ଯୋଗ୍ୟତା, ଅପରାଧ ନିବାରଣ ଏବଂ ତଦନ୍ତ, ବିଚାର ଏବଂ ଦଣ୍ଡ ସମ୍ବନ୍ଧୀୟ ବିବିଧ ପ୍ରସଙ୍ଗ ଜାଣିବା କାରଣ ସୁଚତୁରପୂର୍ବକ ଗଠିତ ହୋଇଅଛି । କେବଳ ପୁଲିସ ଓ ସୈନିକ ପୁଲିସର କଥା ମଧ୍ୟ ଛାଡ଼ି ହୋଇ ନାହିଁ । ଏକ କଥାରେ ପ୍ରଶ୍ନମାନ ଏପରି ବିସ୍ତାରିତ ଏବଂ ପରୀକ୍ଷାରୂପେ ଗଠିତ ହୋଇଅଛି ଯେ ପୁଲିସ ଓ ପୁଲିସକାର୍ଯ୍ୟଘଟିତ ଆଇନକୁ ଦୋଷ ଗୁଣ ଅନୁସନ୍ଧାନର ବାକି ରହୁ ନାହିଁ, ଏହା ଅବଶ୍ୟ ଆଶାଜନକ ଅଟେ । ମାତ୍ର ପ୍ରକୃତରେ ଫଳ କ'ଣ ହେବ ତାହା କିଏ କହିପାରେ ?

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ୍ ପୁଲିସର ବନ୍ଦୋବସ୍ତ ଅତ୍ୟନ୍ତ ଅସନ୍ତୋଷଜନକ ଓ ପୁଲିସଅଧ୍ୟକ୍ଷର ଗୋଟିଏ ଛାନ୍ଦ ବରଜ ହୋଇଅଛି । ଏହା ପ୍ରାୟ ସମସ୍ତେ ସ୍ୱୀକାର କରୁଅଛନ୍ତି । ଅଧ୍ୟକ୍ଷଙ୍କର ପ୍ରଧାନ ମୂଳ ଅର୍ଥଲୋଭ ଅର୍ଥାତ୍ ଅନ୍ୟାୟ ଉପାର୍ଜନ । ଗବର୍ଣ୍ଣମେଣ୍ଟ ଏ କଥା ବୁଝିପାରି ପୁଲିସ କର୍ମଚାରୀଙ୍କର ବେତନ ବୃଦ୍ଧିର ପ୍ରସ୍ତାବ ପୂର୍ବରୁ କରୁଅଛନ୍ତି । ଉପଯୁକ୍ତ ବେତନଦ୍ୱାରା ଅନ୍ୟାୟ ଉପାର୍ଜନର ପ୍ରବୃତ୍ତି ଊଣା ପଡ଼ିବାର କଥା । ମାତ୍ର ଏତକ ଯଥେଷ୍ଟ ନୁହେ । ଅର୍ଥ ଲାଳସାର ସୀମା ନାହିଁ । ବିଶେଷତଃ ବର୍ତ୍ତମାନ କାଳରେ ଅର୍ଥର ପ୍ରୟୋଜନ ଏତେ ବଢ଼ିଅଛି ଏବଂ ଧର୍ମର ବଳ ଏତେ ଊଣା ପଡ଼ୁଅଛି ଯେ ସାମାନ୍ୟ ବେତନର କର୍ମଚାରୀଙ୍କୁ ସନ୍ତୁଷ୍ଟ ରଖିବା କଠିନ ହୋଇଅଛି । ପ୍ରାୟ ସକଳ ସରକାରୀ ମହକୁମାର ଅଳ୍ପ ବେତନ କର୍ମଚାରୀମାନେ ସୁବିଧା ପାଇଲେ ଅନ୍ୟାୟ ଉପାର୍ଜନ କରୁଥିବା ସ୍ଥଳେ ପୁଲିସ କର୍ମଚାରୀଙ୍କ ହାତରେ ଅନେକ କ୍ଷମତା ରହିଥିବା ସ୍ଥଳେ ସେମାନେ ସରଳ ବାଟରେ ଚାଲିବେ କି ? ଉପଯୁକ୍ତ ବେତନ ସଙ୍ଗେ ସେମାନଙ୍କ ଉପରେ ଦୃଷ୍ଟି ରଖିବାର ବିଧାନ ଯେତେ ଦୃଢ଼ ହେବ ସେତେ ଅନ୍ୟାୟ ଉପାର୍ଜନର ଅବକାଶ ଊଣା ହେବ । ଏଥିପାଇଁ ପରିଦର୍ଶକ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ । ଏକ ଦିଗରେ କର୍ମଚାରୀଙ୍କର ବେତନ ବୃଦ୍ଧି ଓ ଅନ୍ୟ ଦିଗରେ ସଂଖ୍ୟା ବୃଦ୍ଧି ଏଥିରେ ପୁଲିସର ବ୍ୟୟ ଅତ୍ୟନ୍ତ ବୃଦ୍ଧି ହେବାର କଥା ମାତ୍ର ତାହା ନ ହେଲେ ପୁଲିସ ଯେପରି ହେବାର ଗବର୍ଣ୍ଣମେଣ୍ଟ ଆଶା କରନ୍ତି ତାହା ହେବ ନାହିଁ । ଏହା ଛଡ଼ା ଭଦ୍ର ଶ୍ରେଣୀର ଲୋକଙ୍କ ମଧ୍ୟରୁ ପୁଲିସ କର୍ମଚାରୀ ବାଛି ନେବାକୁ ହେବ ଏବଂ ଅପରାଧ ଧରିବା ବିଷୟରେ ଉପଯୁକ୍ତ ଶିକ୍ଷା ସେମାନଙ୍କୁ ଦେବାକୁ ହେବ ଏବଂ ସେମାନଙ୍କ ପ୍ରତି ଭଦ୍ର ବ୍ୟବହାର ନ କଲେ ସେମାନେ କାର୍ଯ୍ୟ କରିବାକୁ ସମ୍ମତ ହେବେ ନାହିଁ ।

---

## ଭାରତୀୟ ରେଲବାଟ ସମୂହର ଆୟ ବ୍ୟୟ ।

ସନ ୧୯୦୦ ସାଲରେ ଭାରତର ରେଲବେ ସମସ୍ତର ମୋଟ ଆୟ ଟ ୨୮,୮୩,୫୭,୧୧୯ ଙ୍କା ଏବଂ ବ୍ୟୟ ୨୮,୭୪,୮୪,୭୨୮ ଙ୍କା ହୋଇଥିଲା । ସୁତରାଂ କେବଳ ଟ ୮,୭୨,୩୯୧ ଙ୍କା ଲାଭ ହୋଇଥିଲା । ସନ ୧୯୦୧ ସାଲ ଅର୍ଥାତ୍ ଗତ ବର୍ଷର ଆୟ ଟ ୩୦,୭୧,୨୮,୮୨୮ ଏବଂ ବ୍ୟୟ ଟ ୨୯,୫୫,୮୭,୨୩୦ ଙ୍କା ହେବାରୁ ଟ ୧,୧୫,୪୧,୫୯୮ ଙ୍କା ଲାଭ ହୋଇଅଛି । ସନ ୧୮୯୯ ସାଲରେ ୫୭ ଲକ୍ଷ ଟଙ୍କା ଏବଂ ତହିଁ ପୂର୍ବ ବର୍ଷମାନଙ୍କରେ ତହୁଁ ଅଧିକ କ୍ଷତି ପଡ଼ିଥିଲା । ରେଲବାଟ କ୍ରମାଗତ ବୃଦ୍ଧି ହେଉଅଛି । ସନ ୧୯୦୦ ସାଲରେ ପ୍ରାୟ ୨୦,୦୦୦ ମାଇଲ ରେଲବାଟ ପଡ଼ିଥିଲା ମାତ୍ର ଗତ ବର୍ଷ ଅର୍ଥାତ୍ ସନ ୧୯୦୧ ସାଲରେ ଆଉ ୫୭୨ ମାଇଲ ବାଟ ପ୍ରସ୍ତୁତ ହୋଇ ମୋଟରେ ୨୫,୦୦୦ ମାଇଲରୁ ଅଧିକ ବାଟରେ ରେଲ ଚାଲୁଥିଲା । ବାର୍ଷିକ ରପୋର୍ଟରୁ ପ୍ରକାଶ ଯେ ମୋଟ ବ୍ୟୟ ମଧ୍ୟରେ ରେଲ ଏଲାକାର ସମସ୍ତ ବ୍ୟୟ ଧରା ଯାଇଅଛି ଏବଂ ଗତ ପୂର୍ବ ବର୍ଷରେ ଦୁର୍ଭିକ୍ଷ ହେତୁ ଖାଦ୍ୟଦ୍ରବ୍ୟ ବୋହିବାରେ ଯାହା ଅଧିକା ଆୟ ହୋଇଥିଲା ଗତ ବର୍ଷ ସେପରି ଅକସ୍ମାତ୍ ଆୟ ନ ଥିଲା । ସୁତରାଂ ଗତ ବର୍ଷର ୧୧୫ ଲକ୍ଷ ଟଙ୍କା ଲାଭ ସାଧାରଣ ଲାଭ ଅଟେ ଏବଂ ରେଲବାଟ ବିସ୍ତାର ସଙ୍ଗେ ସଙ୍ଗେ ତାହା କ୍ରମାଗତ ବୃଦ୍ଧି ହେଉଥିବାର ସମ୍ପୂର୍ଣ୍ଣ ଆଶା ଅଛି । ପୂର୍ବେ ଅଳ୍ପ ବାଟ ପଡ଼ିଥିବା ଏବଂ ଅନେକ ବାଟ ନିର୍ମାଣ ହେଉଥିବାରୁ ବ୍ୟୟ ଅଧିକ ପଡ଼ୁଥିଲା । ଏଣିକି ସେ ଅବସ୍ଥା ଘଟିବାର ଭୟ ନାହିଁ । ଅତଏବ ଦେଖାଯାଏ ଯେ ରେଲବେ ସରକାରୀ ଆୟର ଗୋଟିଏ ପ୍ରଧାନ ଉପାୟ ହୋଇଅଛି । ସନ ୧୯୦୦ ସାଲର ନିଟ ଲାଭ ଶତକରା ୪ ୫୧ କା ଥିଲା । ମାତ୍ର ଗତ ବର୍ଷ ଶତକରା ୨ ୫ ।ରୁ କିଞ୍ଚିତ ଅଧିକ ହୋଇଅଛି । ଏତେ ବଡ଼ ବ୍ୟବସାୟରେ ଶତକଡ଼ା ପାଞ୍ଚ ଟଙ୍କାରୁ ଅଧିକ ଲାଭ ସାମାନ୍ୟ ନୁହେ ଅଥଚ ସରକାର ଶତକଡ଼ା ତ ୩॥ ସୁଧରେ ଅନାୟାସରେ ଟଙ୍କା ଋଣ କରୁଅଛନ୍ତି । ରେଲବେର ଆମଦାନୀ ଦୁଇ ପ୍ରକାରେ ହୁଏ ଅର୍ଥାତ୍ ଯାତ୍ରୀ ଓ ଦ୍ରବ୍ୟ ବୋହିଲେ । ଯାତ୍ରୀ ଭଡ଼ା କୋ ୮ ଟିରୁ ୧୦ କୋଟିକୁ ଏବଂ ମାଲର ଭଡ଼ା କୋ ୨୦ ଟିରୁ କୋ ୨୧ ଟିକୁ ବଢ଼ିଥିଲା । ଅତଏବ ମାଲଠାରୁ ଯାତ୍ରୀ ଭଡ଼ାର କାରବାର ବୃଦ୍ଧି ଅଧିକ ବୋଲିବାକୁ ହେବ । ଯାତ୍ରୀ ଭଡ଼ା କୋ ୧୦ ଟି ଟଙ୍କା ମଧ୍ୟରୁ କେବଳ ତୃତୀୟ ଶ୍ରେଣୀର ଯାତ୍ରୀଙ୍କଠାରୁ କୋ ୮୫ ଟି ଟଙ୍କା ଆୟ ହୋଇଥିଲା ଏବଂ ସେମାନଙ୍କ ସଂଖ୍ୟା ପ୍ରାୟ କୋ ୧୭ ଟି ଥିଲା । ପ୍ରଥମ ଶ୍ରେଣୀ ଯାତ୍ରୀ ସଂଖ୍ୟା ୫,୩୨,୦୦୦ ଥିଲା ଏବଂ ତାହା ଗତ ବର୍ଷ ସଙ୍ଗେ ପ୍ରାୟ ସମାନ ଥିଲା । ତୃତୀୟ ଶ୍ରେଣୀର ଯାତ୍ରୀ କ୍ରମାଗତ ବଢ଼ୁଅଛନ୍ତି ଏବଂ ସେହିମାନେ ରେଲବେର ପ୍ରଧାନ ପ୍ରତିପାଳକ ଅଟନ୍ତି । ମାତ୍ର ଦୁଃଖର ବିଷୟ ଯେ ସେମାନଙ୍କ ପ୍ରତି ରେଲକର୍ତ୍ତୃପକ୍ଷଙ୍କର ଯଥୋଚିତ ସୁଦୃଷ୍ଟି ନାହିଁ ଏବଂ କେତେ କେତେ ସେମାନଙ୍କର ଦୁର୍ଦ୍ଦଶା କହିଲେ ନ ସରେ । ଗବର୍ଣ୍ଣମେଣ୍ଟ ସେମାନଙ୍କ କଷ୍ଟ ନିବାରଣ ପ୍ରତି ଅମନୋଯୋଗୀ ନାହାନ୍ତି ମାତ୍ର ଏ ପର୍ଯ୍ୟନ୍ତ ଆଶାନୁରୂପ ଫଳ ହୋଇ ନାହିଁ ।

ଉପରଲିଖିତ ବିବରଣରୁ ସ୍ପଷ୍ଟ ଜଣା ଯାଉଅଛି ଯେ ରେଲ ଯୋଗେ ଯାତ୍ରୀ ଓ ଦ୍ରବ୍ୟାଦି ଗମନାଗମନ କ୍ରମାଗତ ବୃଦ୍ଧି ହେବାଦ୍ୱାରା ରେଲବାଟ ନିର୍ମାଣର ସାର୍ଥକତା ପ୍ରତିପନ୍ନ ହେଉଅଛି ଏବଂ ସରକାରଙ୍କର ରାଜସ୍ୱ ବୃଦ୍ଧିଦ୍ୱାରା ସାଧାରଣ ଉପକାର ହୋଇଅଛି । ମାତ୍ର ଏହାକୁ ଏ ଦେଶୀୟ ଲୋକଙ୍କର ସୌଭାଗ୍ୟ ବୃଦ୍ଧିର ପ୍ରମାଣସ୍ୱରୂପ ବୋଲିବା ଆମ୍ଭମାନଙ୍କ ମତରେ ଯୋଗ୍ୟ ନାହିଁ । ସୂକ୍ଷ୍ମରୂପେ ବିବେଚନା କଲେ ଦେଖାଯିବ ଯେ ରେଲବେଦ୍ୱାରା ପ୍ରକୃତରେ ବିଦେଶୀୟଙ୍କର ଲାଭ ଏବଂ ଏ ଦେଶୀୟଙ୍କର ବରଂ କ୍ଷତି । ସରକାର ରେଲବେଦ୍ୱାରା ଯାହା ରାଜସ୍ୱ ପାଉଅଛନ୍ତି ତହିଁର ଅଧିକାଂଶ ବିଲାତକୁ ବାହାରି ଯାଉଅଛି ଏବଂ ମାଲ ବୋହିବାର ସୁବିଧାର ଫଳ ବିଦେଶୀୟ ବଣିକମାନେ ଭୋଗ କରୁଅଛନ୍ତି । ରେଲବେର ବଡ଼ ବଡ଼ କର୍ମଚାରୀମାନେ ବିଦେଶୀୟ, ଉପକରଣମାନ ବିଦେଶୀୟ ସୁତରାଂ ବ୍ୟୟର ଅଧିକାଂଶ ସେହିମାନେ ନେଇ ଯାଉଅଛନ୍ତି । ଦେଶୀୟ ଲୋକଙ୍କ ମଧ୍ୟରେ କୁଲି ମଜୁରି ଓ ସାମାନ୍ୟ ଚାକରମାନେ ଯାହା ପାଉଅଛନ୍ତି କେବଳ ଏବଂ ତହିଁ ଉପରେ ରେଲର ସୁବିଧା ହେତୁ ଅଧିକା ଖରଚ ବଢ଼ିଅଛି । ଦେଶୀୟ ବାଣିଜ୍ୟ ବ୍ୟବସାୟର ବୃଦ୍ଧି ନ ହେବା ଏବଂ ଦେଶୀୟ ଲୋକଙ୍କର ଚେଷ୍ଟା ଓ ଯତ୍ନରେ ରେଲବାଟ ନିର୍ମାଣ ନ ହେବା ପର୍ଯ୍ୟନ୍ତ ସୌଭାଗ୍ୟର ଆଶା ନାହିଁ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

କଟକଗାର କର୍ପୋରେସନର ଡେପୁଟୀ ଚେୟାରମାନ ମିଃ ଜେ, ଜ, ଗ୍ରୁଣ୍ଡୀ ୨ୟ ଶ୍ରେଣୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ନବମ୍ବର ମାସ ତା ୮ ରିଖରୁ [illegible] ଓ [illegible] ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ପୁରୀର ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ, ଏମ, ପାଇସ୍ [illegible] ଅବସ୍ଥାପିତ ହେଲେ ।

ରେଭେନ୍ସା କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ [illegible] ଚୌଧୁରୀ ଚାଟ୍ଗାମ କଲେଜର ପ୍ରିନ୍ସିପାଲ ପଦରେ କିଛିକାଳ ସକାଶେ ପ୍ରେରିତ ହେଲେ ।

ପ୍ରେସିଡେନ୍ସି କଲେଜର ଅଫିସିଏଟିଂ ପ୍ରୋଫେସର ବାବୁ ମୋହିନୀମୋହନ ଚୌଧୁରୀ କଟକ ରେଭେନ୍ସା କଲେଜର ପ୍ରଧାନ ଅଧ୍ୟକ୍ଷ ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ବିଶେଷ ସବରେଜିଷ୍ଟ୍ରାର ବାବୁ [illegible] ଛୁଟି ପାଇଲେ ଓ ବାଲେଶ୍ୱରର [illegible] ବାବୁ [illegible] ପଥାନ ବାଲେଶ୍ୱରର [illegible] ସବ୍ ରେଜିଷ୍ଟ୍ରାର ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ବାବୁ [illegible] ବାଲେଶ୍ୱର [illegible] ସବ୍‌ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ ।

Digitized by srujanika@gmail.com

Split by PDF Splitter



ପୁରୀସହର ଡାକ୍ତରଖାନାର କାର୍ଯ୍ୟନିର୍ବାହକ କମିଟିର ସଭ୍ୟପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ ନିଯୁକ୍ତହୋଇଅଛନ୍ତି ।

ପୁରୀର ମାଜିଷ୍ଟ୍ରେଟ
„ ଡାକ୍ତର ସାହେବ
ଏମାରମଠର ମହନ୍ତ ରଘୁନନ୍ଦନ ରାମାନୁଜ ଦାସ
ବାବୁ ହରିହର ଘୋଷ ମୁକ୍ତାର
ପୁରୀର ଡିଷ୍ଟ୍ରିକ୍ଟ ଇଞ୍ଜିନିୟର
ବାବୁ ହରଚନ୍ଦ୍ର ଘୋଷ ଉକିଲ
ଚୌଧୁରୀ କୁଳମଣି ଦାସ ଜମିଦାର ଓ ଅଃ ମାଜିଷ୍ଟ୍ରେଟ ।

ଭୁବନେଶ୍ଵରର ଡାକ୍ତରଖାନାର କାର୍ଯ୍ୟ ନିର୍ବାହକ କମିଟୀର ସଭ୍ୟପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ଡାକ୍ତରସାହେବ
ମହନ୍ତ ଗୋବିନ୍ଦଚନ୍ଦ୍ର ଗୁରଣୀ ଗୋସ୍ଵାମୀ
ବାବୁ କାଶୀନାଥ ମିଶ୍ର
„ ବ୍ରଜବନ୍ଧୁଦାସ
„ ତ୍ରିପୁରନାଥ ଚଟର୍ଜି
„ ଚୌଧୁରୀ କୃତ୍ତିବାସ ଦାସ

---

ସାମାନ୍ୟ ଜ୍ଵର ଓ କାଶର ପ୍ରକୋପ ଅବଧି ଭଙ୍ଗ ପଡ଼ି ନାହିଁ । ଏତକ ଛଡ଼ା ସାଧାରଣ ସ୍ଵାସ୍ଥ୍ୟ ଭଲ ଅଛି ।

ଏ ନଗର ବଜେସିବଜାରର ହନୁମାନ୍‌ଙ୍କର କୋଠା ବାଣ-ହାଣ ଭାଙ୍ଗି ଯାଇଥିବାର ପାଠକମାନଙ୍କୁ ଜଣାଅଛି । ସେଥିପାଇଁ ଫଉଜଦାରୀ ମୋକଦ୍ଦମା ଚାଲୁଥିଲା ତହିଁରେ ବାଣଦାସଙ୍କ ଉପରେ ଟ ୨୦୦ ଟା ଏବଂ ବାବୁ ଗଙ୍ଗାସାହୁଙ୍କ ଉପରେ ଟ ୫୦ ଟା ଜରିମାନା ହୋଇଅଛି ।

ଗତ ଶନିବାରର ବୃଷ୍ଟି ପରେ ଏ ନଗରରେ ଶୀତ ପ୍ରବେଶ ହୋଇଅଛି । ବର୍ତ୍ତମାନ ଆକାଶ ନିର୍ମଳ ଓ ବାୟୁ ଶୀତଳ ହୋଇଅଛି ।

ଏଠାର ଜଣେ ଡେପୁଟି କଲେକ୍ଟର ବାବୁ ଜଗବନ୍ଧୁ ବାମଗର୍ଜ୍ଜ୍ୟଙ୍କର ବୃଦ୍ଧା ମାତା ଗତ ଦଶମୀ ଦିନ ସନ୍ଧ୍ୟା ସମୟରେ କୋଠା ଛାତରୁ ପଡ଼ି ପ୍ରାଣ ହରାଇଅଛନ୍ତି । ସେ ବେସନାଇ ଦେଖିବାକୁ ଦୋମହଲା ଛାତଉପରକୁ ଯାଇଥିଲେ

ଏଠା କେଣ୍ଟନମେଣ୍ଟ ଇଲାକାର କ୍ଲାର୍କ ବାବୁ କପିଳ ସାହୁ ତହବିଲ ତସରୂପ ଓ ବିଶ୍ଵାସଘାତକତା ଅପରାଧରେ ଗିରଫ ହୋଇଅଛନ୍ତି । ଗତ କଲ୍ୟ ତାଙ୍କ ନାମରେ ଓ୍ୟାରେଣ୍ଟ ଜାରି ହୋଇଥିଲା ଗ୍ରେପ୍ତାର ହୋଇ ହାଜତରେ ଅଛନ୍ତି ।

କଟକଜେଲର ଅସିଷ୍ଟାଣ୍ଟ ସୁପରଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ମୟୂରଭଞ୍ଜ ଗମନ କରଅଛନ୍ତି ।

ଆମ୍ଭମାନଙ୍କ ସମ୍ରାଟଙ୍କ ଭ୍ରାତା ଡ୍ୟୁକ୍ ଅଫ୍ କନଟ ଭାରତବର୍ଷକୁ ଆସି ଏଠାରେ ନାନାସ୍ଥାନ ପରିଭ୍ରମଣ କରି ଆଗାମୀ ଫେବୃଅରୀ ମାସରେ କଲିକତା ଫେରି ଯିବେ । ତାଙ୍କ ପତ୍ନୀ ମଧ ତାଙ୍କ ସଙ୍ଗେ ଆସୁଅଛନ୍ତି ।

ଏ ବର୍ଷ ମୁସଲମାନମାନଙ୍କ ଶିକ୍ଷା ସମ୍ବନ୍ଧୀୟ ସମିତିର ଷୋଡ଼ଶ ବାର୍ଷିକ ଅଧିବେଶନ ଦିଲ୍ଲୀଠାରେ ହେବାର ସ୍ଥିର ହୋଇଅଛି ।

ମାରସେଲସଠାରୁ ପରସିଆ ନାମକ ଜାହାଜରେ ଦିଲ୍ଲୀ ଦରବାରକୁ ଦେଢ଼ ଶହ ଲୋକ ଦର୍ଶକସ୍ଵରୂପ ଆସୁଥିବାର ସମ୍ବାଦ ମିଳଇ ।

କୁଚବିହାରର ମହାରାଣୀ ବିଲାତରୁ ପ୍ରତ୍ୟାଗତ ହୋଇ ଗତ ମାସ ତା ୧୬ ରିଖରେ ବୋମ୍ବାଇଠାରେ ପଦାର୍ପଣ କରିଥିବାର-ସମ୍ବାଦ ମିଳଇ ।

ଭେନେଜୁଏଲାଠାରେ ଯେଉଁ ବିଦ୍ରୋହାଗ୍ନି ପ୍ରଜ୍ଵଳିତ ହୋଇଥିଲା ତାହା ପ୍ରଶମିତ ହୋଇଥିବାର ସମ୍ବାଦ ମିଳଇ । ଲାଭିକ୍ଟୋରିଆଠାରେ ୮୦୦୦ ବିଦ୍ରୋହୀ ଲଢିଥିଲେ ଏବଂ ଏ ଯୁଦ୍ଧରେ ସେମାନଙ୍କ ମଧ୍ୟରୁ ଜ ୧୫୦୦ ଣ ପତିତ ହେଲେ ।

ସେଣ୍ଟଭିନସେଣ୍ଟର ଅଗ୍ନ୍ୟୁତ୍ପାତ ଅଦ୍ୟାପି ନିବାରିତ ହୋଇ ନାହିଁ । ଗତ ମାସ ତା ୧୫।୧୬ ରିଖମାନଙ୍କରେ ପୁନର୍ବାର ଅଗ୍ନ୍ୟୁତ୍ପାତ ହୋଇ ସେଣ୍ଟଭିନସେଣ୍ଟ ନଗର ଏକାବେଳକେ ଧ୍ଵଂସ ହୋଇ ଯାଇଅଛି । ବାଟ ଘାଟ ଓ ବଗିଚାମାନ ଉଷ୍ଣ ବାଲୁକାରାଶି ପୋତ ପଡ଼ିଅଛି ଏବଂ ଲୋକେ ଅତ୍ୟନ୍ତ କଷ୍ଟ ପାଉଅଛନ୍ତି ।

କଲିକତାର ବିଖ୍ୟାତ ବଙ୍ଗଳା ସମ୍ବାଦପତ୍ର ହିତବାଦୀ ଅଫିସରେ ଜଣେ ସ୍ତ୍ରୀ ଉପସ୍ଥିତ ହୋଇ କଟକଠାକୁ ଟ ୧୬ ଙ୍କା ମନିଅର୍ଡର କରିବା କାରଣ ଫାରମ ଲେଖାଇବାକୁ ଯିବାରୁ ଜଣେ ଠକ ଟଙ୍କା ନେଇ ଫାର୍ମ ଲେଖି ତାକ ଘରକୁ ଯାଇ ଖଣ୍ଡିଏ ମନିଅର୍ଡର ରସିଦ ଆଣି ଦେଲା, ସ୍ତ୍ରୀଟି ଘରକୁ ଫେରି ଯାଇ ରସିଦ ଦେଖାଇବାରେ ତାହା ଜାଲ ହେବାର ଦେଖାଗଲା । ପୁଲିସରେ ଏଥିର ସମ୍ବାଦ ଦିଆଗଲେ ପୁଲିସ ଅନୁସନ୍ଧାନ କରି ଆସାମୀକୁ ଗିରଫ କଲେ ଓ ତାହାର ମା ୬ ସ ଶ୍ରମଯୁକ୍ତ କାରାଦଣ୍ଡ ହୋଇଅଛି ।— ଠକଙ୍କର ଠକାଇବାର ସୀମା ନାହିଁ ।

କାନ୍ଦାହାର ପ୍ରଦେଶର ନାନା ସ୍ଥାନରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ଜାତ ହୋଇଥିବାର ସମ୍ବାଦ ମିଳଇ ।

ସିହଳ ଦ୍ଵୀପରେ ବିଶେଷ ଅଫିମ ଆମଦାନୀ ହୋଇଥିବାରୁ ତହିଁର ତଦନ୍ତ ଲଗିବାକୁ ଉଦ୍ୟୋଗ ହେଉଅଛି ।—ଏଣିକି ଅଫିମର ଚଳନ ଅଧିକ ହେଉଥିବାର ଦେଖାଯାଏ ।

ଦିଲ୍ଲୀର ମୁସଲମାନ ମୌଲବୀମାନଙ୍କ ମଧ୍ୟରେ ପ୍ରଧାନ ପଣ୍ଡିତ ସମସୁଲ ଉଲମା ମୌଲବୀ ନଜିର ହୁସେନ ଗତମାସ ତା ୧୩ ରିଖରେ ପରଲୋକ ଗମନ କରିଥିବାର ସମ୍ବାଦ ମିଳଇ । ମୃତ୍ୟୁ ସମୟରେ ଏହାଙ୍କୁ ବ ୧୦୬ ର୍ଷ ବୟସ ହୋଇଥିଲା ।

ଭେନେଜୁଏଲାଠାରେ ବିଦ୍ରୋହାଗ୍ନି ପ୍ରଜ୍ଵଳିତ ହୋଇଅଛି, ବିଦ୍ରୋହୀମାନଙ୍କ ସଂଖ୍ୟା ୭୦୦୦ ଏବଂ ସେମାନଙ୍କ ସଙ୍ଗେ ଗୋ ୨୦ ଟି ତୋପ ଅଛି । ସୁତରାଂ କାଣ୍ଡଟା ସହଜ ନୁହେ ।

ପାରସ୍ୟ ଉପସାଗରରେ ଜୁନମାସଠାରୁ ସେପ୍ଟେମ୍ବରମାସ ପର୍ଯ୍ୟନ୍ତ ମୁକ୍ତା ଧରାଯାଏ । ବାହରଇନଠାରୁ ଏବର୍ଷ ଜ ୬,୫୬୦ ଣ ଲୋକ ଆସି ଯେଉଁ ମୁକ୍ତା ଧରିଥିଲେ ତହିଁର ମୂଲ୍ୟ ଅଠଲକ୍ଷ ପଚାଶ ହଜାର ଟଙ୍କା ଅଟେ । ଏ ସବୁ ଜଣେ ଅରବ ସଉଦାଗର ସେଖ ମହମ୍ମଦ ବିନ ଅବଦୁଲ ଓହେବ ଏକାବେଳେ କିଣି ନେଇଅଛନ୍ତି । ବାହରଣଠାରୁ ୭୦୦ ବୋଟରେ ଜ ୧୬୦୦୦ ଣ ଲୋକେ ଆସି ପ୍ରାୟ କୋଡ଼ିଏଲକ୍ଷ ଟଙ୍କାର ମୁକ୍ତା ଧରିନେଲେ । ଏବଂ ଅଲବଦାର କାଶିମବନଥାନି ଲୋକଲଗାଇ ବାରଲକ୍ଷ ଟଙ୍କାର ମୁକ୍ତା ଧରିଥିଲେ ।

ବୋମ୍ବାଇଠାରେ ଜଣେ ହିନ୍ଦୁ ସନ୍ନ୍ୟାସୀ ବଜାରରେ ବୁଲୁଥିବା ସମୟରେ ଏକ ମୁସଲମାନ ଦର୍ଜି ଉପହାସ ଛଳରେ ତାଙ୍କ ଆଡକୁ ଟେକାଟିଏ ପକାଇବାରୁ ସନ୍ନ୍ୟାସୀ ସଙ୍ଗାନ୍ଵିତ ହୋଇ ତାକୁ ଅଭିଶାପ ପ୍ରଦାନ କଲେ । ଦର୍ଜି ତହୁଁ ଅରନ୍ଧନ ବାଧ୍ୟ ହୋଇଗଲା । ତହୁଁ ଦର୍ଜିର ବନ୍ଧୁବାନ୍ଧବମାନେ ସମବେତ ହୋଇ ସମୁଦ୍ର ତଟରେ ସନ୍ନ୍ୟାସିଙ୍କି ଭେଟି ତାଙ୍କୁ କ୍ଷମା ପ୍ରାର୍ଥନା କରିବାରୁ ସନ୍ନ୍ୟାସୀ କିଛି ଦୁଧ ଆଣିବା କାରଣ ଆଦେଶ କଲେ । ଦୁଧ ଆଣି ଦିଆଗଲା ଏବଂ ସନ୍ନ୍ୟାସୀ ତହିଁରୁ କଛି ଖାଇ ଅବଶିଷ୍ଟ ଦେଲିକି ଖୁଆଇବା କାରଣ ଆଜ୍ଞା କଲେ ଓ ସେ ତାହା ଖାଇ ଭଲହୋଇଗଲା । କୌଣସି ଧର୍ମାବଲମ୍ବିଙ୍କି ଉପହାସ କରିବା ସର୍ବଥା ଅନୁଚିତ ।

ଚଳିତ ବର୍ଷ ଅମେଦାବାଦଠାରେ ଜାତୀୟ ସମିତିର ଯେଉଁ ଅଧିବେଶନ ହେବ ତହିଁରେ ଆମ୍ଭମାନଙ୍କର ଶ୍ରଦ୍ଧେୟ ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜୀ ସଭାପତିର ଆସନ ଗ୍ରହଣ କରିବାର ସ୍ଥିର ହୋଇଅଛି ।

ବର୍ତ୍ତମାନ ଯେଉଁ ପାଙ୍କଶୀୟ ତୋପ ବିଲାତରେ ନିର୍ମିତ ହୋଇଅଛି । ତଦ୍ଵାରା ୭୦୦୦ ଗଜ ଦୂରକୁ ଗୋଳା ଯାଇପାରିବ । ଏ ତୋପ ଅଳ୍ପଦିନ ମଧ୍ୟରେ ଭାରତ ଆସିବ ।

କୁମିଲ୍ଲା ସିଭିଲର ସବରେଜିଷ୍ଟ୍ରାର ପ୍ରଫୁଲ୍ଲ ଚନ୍ଦ୍ରସେନ ଗବର୍ଣ୍ଣମେଣ୍ଟରୁ ଅଧିକା ଫିସ ପାଇବା କାରଣ କେତେଗୁଡ଼ିଏ ଦସ୍ତାବିଜ ଜାଲ କରିଥିବା ଏବ ଟ ୧୭୫ ଙ୍କା ଠକିନେଇଥିବା ଅପରାଧରେ ବ ୩ ର୍ଷର କଠିନ ପରିଶ୍ରମ ସହିତ କାରାବାସ ଏକହଜାର ଟଙ୍କା ଅର୍ଥଦଣ୍ଡ ହୋଇଅଛି ।

କଲିକତାରେ ଗୋଟିଏ ହିନ୍ଦୁର ମନ୍ଦିର ନିର୍ମାଣ କରିବାର ପ୍ରସ୍ତାବ ବଙ୍ଗଳାରେ ଚଳିଥିବାର ଷ୍ଟେଟସମ୍ୟାନ ପତ୍ରିକାଥି ଅବଗତହେଲୁଁ । କଲିକତାରେ ଅନେକ ହିନ୍ଦୁ ସନ୍ତାନ ବାସ କରୁଅଛନ୍ତି ଏବଂ ମନ୍ଦିର ନିର୍ମାଣ ହେଲେ ତାହା ଯେ ନିତାନ୍ତ ବ୍ୟବହୃତ ନ ହେବ ଏମନ୍ତ ବୋଲିଯାଇ ନ ପାରେ । ମନ୍ଦିର ନିର୍ମାଣ ହେଲାଉତାରୁ କଲିକତାକୁ ଯିବାରେ ବର୍ତ୍ତମାନ ଯେ ଆପତ୍ତି ଅଛି ତାହା ଅନେକାଂଶରେ କଟିଯିବ ।

ବଲଗେରିଆଠାରେ ବିଦ୍ରୋହାଗ୍ନି ପ୍ରଜ୍ଵଳିତ ହୋଇଥିବାର ସମ୍ବାଦ ମିଳଇ । ତୁର୍କିସେନା ଇତିମଧ୍ୟରେ ସେମାନଙ୍କୁ ଦମନ କରିଅଛନ୍ତି । ଗୋଟାଏ ଯୁଦ୍ଧରେ ବଲଗେରିଆମାନଙ୍କ ପକ୍ଷରୁ ଜ ୫୬ ଣ ହତ ଏବଂ ଜ ୧୧୬ ଣ ଆହତ ହୋଇଥିଲେ ।

ସିସିଲିଠାରେ ଭୟଙ୍କର ତୋଫାନ ହୋଇଥିବାର ସମ୍ବାଦ ମିଳଇ । ଏକା ମୋଡିକାଠାରେ ଜ ୩୦୦ ଣ ଲୋକେ ନଷ୍ଟ ହୋଇଅଛନ୍ତି ।

ମାଙ୍ଗାପାଟଣାଠାରେ ଜଣେ ଲୋକ ବୋମ୍ବାଇରୁ ଅନେକ ଲକ୍ଷ ଟଙ୍କାର ଅଳଙ୍କାରମାନ ଗୋଟିଏ ଟ୍ରଙ୍କ ଭିତରେ ବନ୍ଦ କରି ନେଇଯାଇଥିବା ଅବସ୍ଥାରେ ରେଲ ଦୁର୍ଘଟଣା ଯୋଗେ ପୋତପଡ଼ିଥିବାରୁ ସେ ସ୍ଥାନ ଖୋଳିବା କାରଣ ଉଦ୍ଯୋଗ ଲଗିଅଛି । ଫଳ କ୍ରମେ ଜଣାପଡ଼ିବ ।

ଆମ୍ଭମାନଙ୍କ ସମ୍ରାଟଙ୍କ ଭଉଣୀ ହେସଗ୍ରାଣ୍ଡ ଡଚେସ ଦିଲ୍ଲୀ ଦରବାରକୁ ଆସୁଅଛନ୍ତି । ଭାରତରେ ସେ ବଡ଼ଲାଟଙ୍କ ଅତିଥି ହୋଇ ରହିବେ ।

ଦକ୍ଷିଣ ଆଫ୍ରିକାର ସେନାପତି ବୋଥା ରଟରଡାମଠାରେ ବକ୍ତୃତା କରିବା କାଳରେ ପ୍ରକାଶ କରିଅଛନ୍ତି ଯେ ଯୁଦ୍ଧ ହେତୁ ବୁଅରଜାତୀୟ କୋଡ଼ିଏହଜାର ସ୍ତ୍ରୀ ଏବଂ ପିଲାପିଲି ମରିଯାଇଅଛନ୍ତି । ଯୁଦ୍ଧରେ ଚାରିହଜାର ସେନା ହତ ଏବଂ ଷୋଳହଜାର ଆହତ ହୋଇଥିଲେ ।

## ଯାଜପୁର-ସମ୍ବାଦ ।

ଏଠା ସବଡିଭିଜନ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏସ୍, ସି, ମଲ୍ଲିକଙ୍କ ସ୍ଥାନରେ ସାହାବାଦର ଅସିଷ୍ଟେଣ୍ଟ ମାଜିଷ୍ଟ୍ରେଟ ପ୍ୟାରେଟ ସାହେବ ଆସିଅଛନ୍ତି । ସାହେବ ମହୋଦୟ ନୂଆବର୍ଷ ହେଲା ଭାରତବର୍ଷକୁ ଆସିଥିବା ଓ ସେ ଓଡ଼ିଆ ବଙ୍ଗଳା ଭାଷା ବୁଝିପାରୁ ନ ଥିବାରୁ ମକଦ୍ଦମା ବିଚାର ସମୟରେ ସାକ୍ଷୀ ଜବାନବନ୍ଦୀ ଆଦି ପେସ୍କାର ଓ କୋର୍ଟ ସବ ଇ: ମାନେ ଇଂରାଜୀରେ ଅନୁବାଦ କରି ବୁଝାଇ ଦେଉଅଛନ୍ତି ।

Digitized by srujanika@gmail.com

Split by PDF Splitter



ରଧାଷ୍ଟମୀ ଦିନରୁ ଆଉ ଜଳ ବରଷା ହୋଇ ନ ଥିବାରୁ ଧାନ୍ୟ ଫସଲ କେତେକ ନଷ୍ଟ ହୋଇଥିଲା । ଗତ ସପ୍ତାହରେ କେତେକ ସ୍ଥାନରେ ସାମାନ୍ୟ ଜଳ ବରଷାଦ୍ୱାରା ଅନେକ ଉପକାର ହୋଇଅଛି ।

ବିସ୍ତାରୀ ନୂତନ ଚାଉଳର ଦର ଟଙ୍କାକୁ ୧୪।୧୫ ସେର ହୋଇଥିଲା ମାତ୍ର ଜଳ ବରଷା ନ ହେବାରୁ ବର୍ତ୍ତମାନ ୧୦ ସେରକୁ ଖସି ଆସିଅଛି ।

ଅନ୍ୟାନ୍ୟ ବର୍ଷପରି ଏ ସମୟରେ ଜ୍ୱର ରୋଗର ପ୍ରାଦୁର୍ଭାବ ଏବର୍ଷ ଅତ୍ୟଧିକ ପରିମାଣ ବୃଦ୍ଧି ହୋଇଅଛି । ପ୍ରତି ଗୃହର ପ୍ରାୟ ଅଧିକାଂଶ ଲୋକ ପୀଡ଼ିତ ହୋଇଅଛନ୍ତି ।

ଏଠା ସବଡ଼ିଭିଜନର ନାଜର ବାବୁ ରାମଚନ୍ଦ୍ର ଦାସ ଅଳ୍ପକ୍ଷଣ ମାତ୍ର ଓଲାଉଠା ରୋଗରେ ପୀଡ଼ିତ ହୋଇ ଗତ ତା ୬ ରିଖରେ ହଠାତ୍ ଅକାଳରେ କାଳଗ୍ରାସରେ ପତିତ ହେବାରୁ ଅନେକ ଲୋକ ଦୁଃଖିତ ଅଛନ୍ତି । ସେ ପ୍ରାୟ ୩୫ ବର୍ଷ ହେଲା ନିଯୁକ୍ତ ହୋଇ ବିଶେଷ ସୁଖ୍ୟାତି ସହିତ କାର୍ଯ୍ୟ କରୁଥିଲେ ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ

ଶ୍ରୀଯୁକ୍ତ ଉତ୍କଳଦୀପିକା-ସମ୍ପାଦକ ମହୋଦୟ
ସମୀପେଷୁ

ମହାଶୟ !

ଆପଣ ଅନୁଗ୍ରହ ପୂର୍ବକ ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ସୁବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଶ୍ରୀରାମଚନ୍ଦ୍ରପୁରସ୍ଥ ଉତ୍କଳପ୍ରଦୀପ ସମିତିର ଷଷ୍ଠବାର୍ଷିକ ମହୋତ୍ସବ ଗତମାସ ତା ୧୭ ରିଖ ଶୁକ୍ରବାର ଦିନ ହୋଇଥିଲା । ଗ୍ରାମସ୍ଥ ଅନେକ ଭଦ୍ରବ୍ୟକ୍ତିମାନେ ସଭାରେ ଉପସ୍ଥିତ ହୋଇ ସଭ୍ୟବର୍ଗଙ୍କୁ ଉତ୍ସାହିତ କରିଥିଲେ । ଶ୍ରୀଯୁକ୍ତ ଗୋପୀନାଥ ଦାସ ବି ଏ " ସମାଜସଂସ୍କାର " ବିଷୟରେ ଗୋଟିଏ ମୂଲ୍ୟବାନ ଓ ଗୁରୁଗର୍ଭ ପ୍ରବନ୍ଧ ପାଠ କରି ଉପସ୍ଥିତ ଭଦ୍ରମଣ୍ଡଳୀର ମନ ସମାଜ ସଂସ୍କାର ଆଡ଼କୁ ଆକର୍ଷଣ କରିଥିଲେ । ସମାଜରୁ ଅନ୍ୟାନ୍ୟ କେତେକ ସଭ୍ୟ "ଉଦେ ସ୍ୱପ୍ନେ" "ବିନ୍ଦୁଦ୍ୱୟ" ଓ "ବିଦ୍ୟା" ପ୍ରଭୃତି ବିଷୟରେ କ୍ଷୁଦ୍ର କ୍ଷୁଦ୍ର କବିତା ପାଠ କରିଥିଲେ । ତତ୍ପରେ ସଭାପତି ପଣ୍ଡିତ ଶ୍ରୀ ଅର୍ତ୍ତତ୍ରାଣ ଦାସ ମହାଶୟଙ୍କଦ୍ୱାରା ପ୍ରାର୍ଥିତ ହୋଇ ଉକ୍ତ ଭଦ୍ରବ୍ୟକ୍ତିମାନେ ସ୍ୱ ସ୍ୱ ମତ ପ୍ରକାଶ କରିବା ଉତ୍ତାରୁ ସଭାପତି ମହାଶୟ ଗୋଟିଏ ଉତ୍ସାହବର୍ଦ୍ଧକ ବକ୍ତୃତା ପ୍ରଦାନ କରିଥିଲେ । ତତ୍ପରେ ସଭା ଭଙ୍ଗ ହେଲା । ଇତି ।

୨୧.୧୦.୧୯୦୭ } ବଶମ୍ବଦ
ଶ୍ରୀ କୃପାସିନ୍ଧୁ ମିଶ୍ର
ଶ୍ରୀରାମଚନ୍ଦ୍ରପୁର } ସମ୍ପାଦକ

☞ ବାର୍ଷିକ ଅଧିବେଶନରେ ସଭ୍ୟ ସଂଖ୍ୟା, ଆୟ ବ୍ୟୟ, କାର୍ଯ୍ୟ ବିବରଣ ଇତ୍ୟାଦି ପ୍ରକାଶ ହେବାର ଉଚିତ ଥିଲା । ଏ ପ୍ରବନ୍ଧ ବି ଏମାନଙ୍କ ବିଷୟ ଲେଖା ହୋଇଥିଲେ ଭଲ ହୋଇଥାନ୍ତା । ସ, ସଂ, ସ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ସବିନୟ ନିବେଦନ ମିଦଂ

ମହାଶୟ !

ଆମ୍ଭର ଏହି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁହାରିଟି ଆପଣଙ୍କ ପତ୍ରିକାରେ ମନ୍ତବ୍ୟ ସହିତ ସମାଲୋଚନା ସ୍ତମ୍ଭରେ ପ୍ରକାଶ କରି ବାଧିତ କରିବେ ।

ରସୁଲକୁଣ୍ଡା ସହରର କେବଳ ଅତି ନିକଟ ଲୋହରଖଣ୍ଡି ନଦୀ କୂଳରେ ଏଠାର ଜଣେ ପଠାଣ ଖାଲ ଗୋଦାମ କରିଅଛନ୍ତି । ଉକ୍ତ ଗୋଦାମଦ୍ୱାରା ଦୁର୍ଗନ୍ଧ ହେତୁରୁ ରସୁଲକୁଣ୍ଡା ସହରରେ ସମସ୍ତେ ରହି ହେଉ ନାହିଁ । ତିନି ଚାରି ମାଇଲ ପର୍ଯ୍ୟନ୍ତ ଗନ୍ଧ ବ୍ୟାପୁଅଛି । ସେ ସମୟରେ ପେଟରେ ଖିବାର ଅହାର ବମନ ହୋଇ ଯାଉଅଛି । ଆଉ ନଦୀ ପାଣି ମଧ୍ୟରେ ଏହି ଚମଡ଼ା ଧୁଆ ଧୋଇ ପାଣି ମିଶିବାରୁ ଚଳ ଦେଶ ଲୋକଙ୍କୁ ପାନୀୟ ଜଳର ବହୁତ ଅସୁବିଧା ଘଟୁଅଛି । ଏ ଚମଡ଼ା ଗୋଦାମକୁ ସହର ମଧ୍ୟ ଦେଇ ପାଣ ହାତମାନେ ସମୟେ ସମୟେ ଖଲସଗଡ଼ି ନିତ୍ୟ ନିତ୍ୟ ନେଉଅଛନ୍ତି । ବ୍ୟାଜ ମହମ୍ମଦ ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଲାଇସେନ୍ସ ଟାକ୍ସ ଦେଉଅଛନ୍ତି ବୋଲି ଏଠାର ସ୍ଥାନୀୟ ହାକିମମାନେ ଏ ବିଷୟରେ କିଛି ଆପତ୍ତି କରୁ ନାହାନ୍ତି । ଏହି ଦୁର୍ଗନ୍ଧଦ୍ୱାରା ନାନା ରୋଗର ଉତ୍ପତ୍ତିର କାରଣ ବୋଲି ସୁଦକ୍ଷ ଡାକ୍ତରମାନେ କହୁଥିବା ସ୍ଥଳେ ସାହେବ ମହାଶୟଙ୍କ ଟ ୮୦ କି ଟ ୧୦୦ ଙ୍କା ଇନକମ୍ଟାକ୍ସ ପାଇଁକି ମାନ୍ୟବର ଗବର୍ଣ୍ଣମେଣ୍ଟଙ୍କର ଯେବେ ଏହି ଦୁର୍ଗନ୍ଧ ହେତୁରୁ " ପ୍ଲେଗ " ପରି ଅନ୍ୟ କୌଣସି ମାରାତ୍ମକ ରୋଗ ଜନ୍ମି ପାରେ ତେବେ କି ସହସ୍ର ଟଙ୍କା ବ୍ୟୟ ହୋଇ ନ ପାରେ । ଇତି ।

୧୩।୧୦।୧୯୦୭ } ଆପଣଙ୍କର ବଶମ୍ବଦ
ରସୁଲକୁଣ୍ଡା } ଶ୍ରୀହରି ତ୍ରିପାଠୀ ଶର୍ମା

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ—

ମହାଶୟ !

କୁଆଁପାଳ ପୋଷ୍ଟଅଫିସ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଶ୍ରୀବାବୁ କହେଇଲାଲ ଦାସ ଓ ଶ୍ରୀ ବାବୁ ଆର୍ତ୍ତବନ୍ଧୁ ଦାସ ମହାଶୟମାନଙ୍କ ଯତ୍ନରେ ଗୋଟିଏ ଥିଏଟର ଦଳର ସୃଷ୍ଟି ହୋଇଅଛି । ଉକ୍ତ ଦଳ ଗତ ଲକ୍ଷ୍ମୀପୂଜା ଉପଲକ୍ଷରେ ଗୋଟି ୫ଟି ( ଦ୍ରୌପଦୀର ବସ୍ତ୍ରହରଣ, ଜୟଦ୍ରଥ ବଧ, ଅଭିମନ୍ୟୁ ବଧ; ପାରିଜାତ ହରଣ ଓ ଦୁର୍ଯ୍ୟୋଧନର ଉରୁଭଙ୍ଗ ) ନାଟକର ଅଭିନୟ କରିଥିଲେ । ପତ୍ର ବାହୁଲ୍ୟ ଭୟରେ ପ୍ରତ୍ୟେକ ନାଟକର ବିଶେଷ ସମାଲୋଚନା ନ କରି ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ଅଭିନୀତ ନାଟକମାନଙ୍କ ମଧ୍ୟରେ ଅଭିମନ୍ୟୁ ବଧ, ଜୟଦ୍ରଥ ବଧ ଓ ପାରିଜାତ ହରଣ ସର୍ବୋତ୍କୃଷ୍ଟ ହୋଇଥିଲା । ପ୍ରଥମ ଉଦ୍ୟମରେ ଏତେଦୂର କୃତକାର୍ଯ୍ୟ ହେବାର ଦେଖି ସମସ୍ତେ ଏ ଦଳକୁ ଧନ୍ୟବାଦ ଦେଇଥିଲେ । ଏ ଦଳର ଉତ୍ସାହ ଓ ଯତ୍ନ ଦେଖିଲେ ମନେ ହୁଏ ସମୟରେ ଏମାନେ ଓଡ଼ିଶାର ପ୍ରଥମସ୍ଥାନ ଅଧିକାର କରିବେ । କୋଟପଦା ମଠର ମହନ୍ତ ଶ୍ରୀଯୁକ୍ତ ରଘୁନାଥପୁରୀ ଗୋସାଇଁ ମହାଶୟ ଅଭିନୟ ସ୍ଥଳରେ ଉପସ୍ଥିତ ହୋଇ ଅଭିନେତୃମାନଙ୍କୁ ବିଶେଷ ଉତ୍ସାହିତ କରିଥିଲେ ।

ପରିଶେଷରେ ଆମ୍ଭର ବକ୍ତବ୍ୟ ଏହି ଯେ ଓଡ଼ିଶାରେ ନାଟକାଦିର ଅଭିନୟର ଉନ୍ନତି ଓ ପ୍ରାଚୀନ ମୂନ ପୁଅଙ୍କ, ବୋହୂ ପୁଅଙ୍କ ପ୍ରଭୃତିର ହ୍ରାସ ଦେଖିଲେ ସମସ୍ତେ ସୁଖୀ ହେବେ । ଇତି ।

ରାମଚନ୍ଦ୍ରପୁର } । ବ ।
କୁଆଁପାଳ ପୋଃ ଅଃ } ଆପଣଙ୍କର
ତା ୨୨।୧୦।୦୭ } ଶ୍ରୀ ଗୋବିନ୍ଦଚନ୍ଦ୍ର ନନ୍ଦ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଲକ୍ଷ୍ମୀମଣି ପଟ୍ଟନାୟକ | ରମ୍ଭା ପୋଃ | ଟ ୩ ( |
| ଚୌଧୁରୀ ରାମନାରାୟଣ ପ୍ରହରାଜ ମାନଧାତା | ବୋଲସାହି ବସ୍ତା | ଟ ୩ ( |
| ବାବୁ ପରୀକ୍ଷିତ ମହାନ୍ତି | ଖାଦପଟଣା | ଟ ୩ ( |
| " ଦୟାନିଧି ନନ୍ଦ | ବାମନାଳ ଟୋପ | ଟ ୧ ( |
| " ଭଗବାନ ପଣ୍ଡା | କୁହୁଡାଙ୍ଗ | ଟ ୩ ( |
| " ଗୋକୁଳାନନ୍ଦ ଜେନା | ଲକ୍ଷ୍ମୀପୁର | ଟ ୨ ( |
| " ଅଦ୍ୱୈତ ଚରଣ ପଟ୍ଟନାୟକ | କଟକ | ଟ ୧ ( |


## ବିଜ୍ଞାପନ ।

# ଏହାଇ ଯାଦୁର

### ସର୍ବାପେକ୍ଷା ଉତ୍କୃଷ୍ଟ ମହୌଷଧ ।

ଏହାର ଗୁଣ ତୁଳନାରେ ମୂଲ୍ୟ କିଛିମାତ୍ର ସାମାନ୍ୟ ମାତ୍ର, ଏହାର ବ୍ୟାଧି ଉପଶମକାରୀ ଗୁଣ ଅତୁଳନୀୟ । ଯେ କୌଣସି ପ୍ରକାର ଏବଂ ଯେତେକାଳର କଠିନ ଯାଉ ହେଉ ନା କାହିଁକି ଏହି ଔଷଧ ବ୍ୟବହାରଦ୍ୱାରା ବଡ଼ା ଜ୍ୱାଳା ଯନ୍ତ୍ରଣାର ରୋଗ ସଂପୂର୍ଣ୍ଣ ଆରୋଗ୍ୟ ହେବ ।


Digitized by srujanika@gmail.com

Split by PDF Splitter



ଭାରତବର୍ଷର ସବୁଅ ସର୍ଜ୍ଜନ କର୍ତ୍ତୃକ ଏହା ଅତ୍ରହସହକାରେ ବ୍ୟବହୃତ ପୁଣି ଶତ ଶତ ଲୋକଙ୍କଦ୍ୱାରା ମୁକ୍ତକଣ୍ଠରେ ପ୍ରସଂଶିତ । ଏ ଉକ୍ତିର ଯଥାର୍ଥତା ବୁଝିବାକୁ ହେଲେ ଥରେ ମାତ୍ର ପରୀକ୍ଷଣୀୟ ଅଟେ । ସମଶ୍ରେଣୀର ଯେତେ ଔଷଧ ବାହାରଅଛି ବା ବାହାରୁଅଛି; ଏହି ଔଷଧ ସଙ୍ଗେ ତାହାର ତୁଳନା ହୁଏ ନାହିଁ ।

ଗୋଟିଏ ଡବାର ମୂଲ୍ୟ ଟ ୦।୵ ଛ ଅଣା, ଏକକାଳରେ ୭ ଛ ବା ୧୨ ବାର ଗୋଟା ନେଲେ କ୍ରେତାର ବିଶେଷ ଲାଭ ଅଛି । ସ୍ପଷ୍ଟରୂପେ ନାମ, ଗ୍ରାମ, ଡାକଘର ଜିଲ୍ଲା ଏବଂ ଥାନାର ଯେତେ ଡବା ଔଷଧ ଲୋଡ଼ା ଲେଖିଲେ ବ୍ୟବସ୍ଥାପକସବୁ ପ୍ରେରଣ ହୁଏ ।

ଏକମାତ୍ର ପ୍ରାପ୍ତିସ୍ଥାନ;—

ଶ୍ରୀ ରାମତାରକ ସେନ ।

ହେଡ୍ ଉତ୍କଳପ୍ରେସ, ବାଲେଶ୍ୱର

---

## ବିଜ୍ଞାପନ ।

### ଏଲଚ୍ ଦେଙ୍କ ଅଏଣ୍ଟମେଣ୍ଟ ।

ବା

ଯାଦୁର ଔଷଧ ।

ଏହି ଔଷଧ ୩ । ୪, ଥର ବ୍ୟବହାର କଲେ ଅତି ଅଳ୍ପସମୟ ମଧ୍ୟରେ ଓ ବିନାଜ୍ୱାଳାରେ ସବୁ ପ୍ରକାର ଯାଦୁ ଆରୋଗ୍ୟ ହୁଏ । ଏଥିରେ ପାରଦ କିମ୍ବା ଅନ୍ୟ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନାହିଁ, ମୂଲ୍ୟ ପ୍ରତିଡବା ଟ ୦ ୵ ଅଣା ।

ପ୍ରାପ୍ତିସ୍ଥାନ ଏଲଚ, ଦେ
ହୋମିଓପ୍ୟାଥିକ, ଡାକ୍ତରୀ ଔଷଧାଳୟ
ବାଲେଶ୍ୱର ।

---

### ନୂତନ ପୁସ୍ତକ ।

| | |
|---|---|
| କଣ୍ଠଶିକ୍ଷା ( ନୂତନ ଛପା ) | ଟ ୦ ୵ |
| ପଦ୍ମପୁରାଣ | ଟ ୧ |
| ଭାଗବତଗୀତା ୨ୟ ଭାଗ | ଟ ୦। |
| ମହାସ୍ୱପ୍ନ ଯୁଦ୍ଧ | ଟ ୦/୭ |
| ପ୍ରବନ୍ଧ ଅଙ୍କଶ୍ରଚନ୍ଦ୍ର ବା ହାଦମସୀ ଉପନ୍ୟାସ (ଖଣ୍ଡ) | ଟ ୦ ୵ |
| ଭକ୍ତି-ସଙ୍ଗୀତ | ଟ ୦। |
| ବୈଦ୍ୟକଗୀତା | ଟ ୦।୵ |
| ଷଡ଼ାଙ୍ଗଯୋଗସାର ଟୀକା | ଟ ୦। |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

---

## ବିଜ୍ଞାପନ




ଯେତେଗୁଡ଼ିଏ ରୋଗ ଦୃଷ୍ଟିଭୂତ ହଉବାରୁ ଏହି ଔଷଧର ଯେପରି ଶକ୍ତି ଅଛି ଅନ୍ୟ କୌଣସି ଔଷଧରେ ତାହା ଦେଖାଯାଏ ନାହିଁ ଯେବେ ତୁମ୍ଭେ ମନେ କରୁଥାଅ ଯେ ତୁମ୍ଭର ରୋଗ ଅସାଧ୍ୟ, ତୁମ୍ଭର ଚିକିତ୍ସକ କବିଣ ହୋଇ ତୁମ୍ଭଙ୍କୁ ଛାଡ଼ ଯାଇଥାଅନ୍ତି, ଯଦି ସାଲସା, ଡଡ଼ଲିଭର ଅଏଲ, ଫଷ୍ଫୋଟାଇଲ ରେଭିନ୍ୟୁ ଇତ୍ୟାଦି ପ୍ରଭୃତି ପ୍ରଚଳିତ ବିବିଧ ପ୍ରକାର ପେଟେଣ୍ଟ ଔଷଧ ତୁମ୍ଭର ଜୀବନକୁ ହତାଶ କରଥାଏ, ତେବେ ଥରେ ଏହି ଔଷଧକୁ ପରୀକ୍ଷା କରି ଦେଖ, ପ୍ରତ୍ୟକ୍ଷଫଳ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେବ । ରୋଗବର୍ଜିତ ହୋଇ ସୁଖରେ ଦୀର୍ଘଜୀବନ ଲାଭ କରିବ । ଯେହେତୁ ଏରୂପ ଶକ୍ତିଶାଳୀ ଅଥଚ ସ୍ଥାୟୀ କ୍ରିୟାପ୍ରଦ ମହୌଷଧ ଇତଃପୂର୍ବେ ଏ ଦେଶକୁ କେବେ ଆମଦାନୀ ହୋଇ ନାହିଁ ।

ଛଏ ନ ଜାଣେ ସାଲସା, କଡ଼ଲିଭର
ଅଏଲ, ପ୍ରଭୃତି ଔଷଧ ସମୂହରେ ରୋଗ
ଘୁଞ୍ଚିବେ !

କ୍ଷଣିକ ଉପଶମ ଦେଖାଇ ପୁନରାୟ ସମୟରେ ରୋଗ ଦ୍ୱିଗୁଣବେଗରେ ପ୍ରବଳାକାର ଧାରଣ କରେ । ଯେତେବେଳେ ତାହା ସାମୟିକ ଖାଦ୍ୟ ବିଶେଷ ହୋଇଯାଏ ଅଥଚ ସକଳ ସମୟରେ ଭିନ୍ନ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଫଳ ପ୍ରାପ୍ତ ହୁଏ ନାହିଁ । ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ । କିନ୍ତୁ

ସ୍ୱାରମାଟିନ ।

ତାହାର ସମ୍ପୂର୍ଣ୍ଣ ବିପରୀତ ଗୁଣବିଶିଷ୍ଟ ଅର୍ଥାତ୍ ଆରୋଗ୍ୟର କ୍ରିୟା ସ୍ଥାୟୀ, ଯେଉଁ ରୋଗ ଆରୋଗ୍ୟ ହୁଏ ତାହା ଆଉ କେବେହେଁ ଫେରି ଆସେ ନାହିଁ । ସୁତରାଂ ବାରମ୍ବାର ଦ୍ୱିଗୁଣ ବିଶେଷରେ ସେବନର ପ୍ରୟୋଜନ ହୁଏ ନାହିଁ ବା କୌଣସି ବନ୍ଧା ନିୟମର ଅଧୀନରେ ରହିବାକୁ ହୁଏ ନାହିଁ ଅଥଚ ଶୀତ, ଗ୍ରୀଷ୍ମ, ବର୍ଷା ସକଳ ଋତୁରେ ସକଳ ଧାତୁ ପ୍ରକୃତି ବିଶିଷ୍ଟ ଦେହରେ ସମାନ ଉପକାର, ସମାନ କ୍ରିୟା ସମାନ ଗୁଣ ପ୍ରକାଶ କରେ । ସେହି ହେତୁରୁ ଅଷ୍ଟ୍ରିୟା, ଇଉରୋପ ଆଫ୍ରିକା ଓ ଆମେରିକା ମହାଦେଶମାନଙ୍କରେ ସର୍ବତ୍ର ସମାନ ଆଦରରେ ଗୃହୀତ ହେଉଅଛି । ପ୍ରତ୍ୟହ ସହସ୍ର ଲୋକ ବ୍ୟବହାର କରୁଅଛନ୍ତି । ଏରୂପ ବିକ୍ରୟ ବାହୁଲ୍ୟ ଏବଂ ଅଯାଚିତ ଅସଂଖ୍ୟ ପ୍ରଶଂସାପତ୍ରହିଁ ଔଷଧର ଉତ୍କୃଷ୍ଟତା ଏବଂ ଅବ୍ୟର୍ଥତାର ଦୃଷ୍ଟାନ୍ତ ପ୍ରମାଣ !

ସ୍ୱାରମାଟିନ କଣ ?

ଜେତେକଜଣ ସୁବିଜ୍ଞ ଶ୍ରେଷ୍ଠ ଚିକିତ୍ସକଙ୍କର ବ ୩୦ ବର୍ଷ ବ୍ୟାପି ଗବେଷଣା ଓ ଅନୁସନ୍ଧାନର ଫଳରେ ଧାତବ, ଉଦ୍ଭିଦ ଓ ଖଣିଜ ପଦାର୍ଥର ଭୈଷଜ୍ୟାଂଶର ସହିତରେ ସାମୁଦ୍ରିକ ଜାତୀୟ କୌଣସି ଦୁଷ୍ପ୍ରାପ୍ୟ ଜନ୍ତୁର ତୈଳାଂଶ ସଂଯୋଗରେ ରସାୟନିକ ପ୍ରକରଣରେ ଏହି ମହୌଷଧ ଆବିଷ୍କୃତ ।

ଅଥଚ ସେବନରେ କୁସ୍ୱାଦ ବା ଦୁର୍ଗନ୍ଧ ଯୁକ୍ତ ନୁହେ କିନ୍ତୁ ଗୁଣର ତୁଳନାରେ ଏହାର ମାତ୍ରା ଔଷଧ ଏହାର ମୋହର ଅପେକ୍ଷା ମୂଲ୍ୟବାନ୍ ଅଟଇ ।

ସ୍ୱାରମାଟିନର ଶକ୍ତି ତିନପ୍ରକାର ରୋଗ ପ୍ରତି ସମ୍ୟକ୍ ଫଳପ୍ରଦ ଅର୍ଥାତ୍ :—

ଶୁକ୍ର, ରକ୍ତ, ଓ ହୃତ୍ପିଣ୍ଡ ବା ସ୍ନାୟୁ ସମ୍ବନ୍ଧୀୟ ପୀଡ଼ା—

୧ । ଶୁକ୍ରର ତରଳତା, ଧାତୁ ଦୌର୍ବଲ୍ୟ ପୁରୁଷତ୍ୱ ହାନି, ସ୍ତ୍ରୀ ସହବାସରେ ଅକ୍ଷମ, ସ୍ୱାମାକ, ଉତ୍ତେଜନାରେ ରେତସ୍ଖଳନ, ମେହ, ପ୍ରମେହ ଶୁକ୍ରମେହ, ମୂତ୍ରକୃଚ୍ଛ୍ର, ବହୁମୂତ୍ର, ମୂତ୍ରମୂତ୍ରରେ ଅଳ୍ପ ବା ଅଧିକ ସ୍ରାବ, ଫୋଟା ମୂତ୍ର ପତନ, ପ୍ରସ୍ରାବର ଜ୍ୱାଳା, ମୂତ୍ରସହ ଶୁକ୍ରପତନ, ମୂତ୍ର ନଳୀରେ କ୍ଷତ, ସ୍ୱପ୍ନଦୋଷ, ପ୍ରମେହ ଓ ଶୁକ୍ର କ୍ଷୟ ଜନିତ ମୂତ୍ରବ୍ୟଥା, ହାତ ଗୋଡ଼ ଓ ଚକ୍ଷୁ ଜ୍ୱାଳା, ସ୍ମରଣ ଶକ୍ତିର ହୀନତା, ଜ୍ୱରଭାବ, ହାତ ଗୋଡ଼ ଫୋଲା ଫଟା, କେଶର ଅକାଳପକ୍ୱତା, ମସ୍ତକର ବାଳ ଉପୁଡ଼ିବା, ଅକାଳବାର୍ଦ୍ଧକ୍ୟ ଶରୀର ଦୁର୍ବଳ, ପରିଶ୍ରମରେ ଅକ୍ଷମ, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ପ୍ରଭୃତି ଆନୁଷଙ୍ଗିକ ବିବିଧ ପ୍ରକାର ଶୁକ୍ରପୀଡ଼ା ଓ ତଜ୍ଜାତ କଷ୍ଟକର ଉପସର୍ଗାଦି ଆରୋଗ୍ୟ କରିବାକୁ ଅବ୍ୟର୍ଥ ।

୨ । ରକ୍ତ ଓ ଶରୀରର ଦୂଷାକ୍ତତା ବା ଦୂଷାକ୍ତ ଔଷଧାଦି ବ୍ୟବହାରରେ କିମ୍ବା ମ୍ୟାଲେରିଆର ବିଷ ପ୍ରଭୃତି ଶରୀରରେ ପ୍ରବିଷ୍ଟ ହେବା କାରଣରୁ ରକ୍ତର ଦୂଷିତ, ଗରମୀ ଘା, ପାରର ଘା, ନାକ ଓ ମୁଖରେ ଏବଂ ମସ୍ତକରେ ଘା, ମସ୍ତକର

Digitized by srujanika@gmail.com

ବାଲଉପୁଷ୍ଟିବା ହାତ ଗୋଡ ଓ ଅଙ୍ଗରେ ବେଦନା, ନୂତନ ପୁରାତନ ମେହ ଘଟିତ ବାତ, ଗରମୀ ବାତ, ଗଣ୍ଠିବାତ, ଶରୀର ଗଣ୍ଠି ଓ ସନ୍ଧିସ୍ଥଳର ବେଦନା ଓ ଫୁଲା, ଚକ୍ଷୁରୁ ଜଳପଡିବା, ଦେହରେ ତମ୍ବା ଦାଗ, ହାତ ଓ ଗୋଡର ତଳାରେ ସ୍ଥାନେ ସାଦା ବା କଳାହେବା, ଜମ୍ବା ଚମଡା ଉଠିବା ପୁନଃ ବାଘି ପଡିବା, ଦେହରେ ଘଥ ବା ବ୍ରଣ ବାହାରିବା ଶରୀର ପିଳାସା ଶୁଷ୍କ ଓ ଦୁର୍ବଳ ପ୍ରଭୃତି ରକ୍ତ ସମ୍ବନ୍ଧୀୟ ଯାବତୀୟ ପୀଡ଼ା, ଉପସର୍ଗାଦି ଅରୋଗ୍ୟ ପକ୍ଷରେ ଅମୋଘ ।

୩ । ଯକ୍ଷ୍ମାକାଶ, ଦମାକାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ, ରକ୍ତବମନ, କଫସଙ୍ଗରେ ରକ୍ତନିର୍ଗତ ପତନ, ମୁଖରୁ ଓ ନାସିକାରୁ ରକ୍ତପତନ, ଛାତିରେ ବେଦନା, ଘଣ ଜମିବାର, ସ୍ୱରଭଙ୍ଗ ବେକନାଳ ପ୍ରଦାହ, ଅହାରରେ ଅରୁଚି, ଓ ବିସ୍ୱାଦ, ଖଟ ଜଳବା, ଓ ହୃତକମ୍ପ, ସଦନ ଓ ସାମାନ୍ୟ ଅଣ୍ଡାରେ ସର୍ଦ୍ଦି ଓ କାଶର ଉତ୍ପତ୍ତି, ଫୁସ୍ଫୁସର କାର୍ଯ୍ୟ କରଣଶକ୍ତିର ଅଭାବ; ଇତ୍ୟାଦି ହୃତ୍ପିଣ୍ଡ ବା ଫୁସ୍ଫୁସ ସମ୍ବନ୍ଧୀୟ ଯାବତୀୟ ପୀଡ଼ାର ଅଦ୍ୱିତୀୟ ।

ଉପରୋକ୍ତ ପୀଡ଼ା ସମସ୍ତ ନିମନ୍ତେ ଏହି ଔଷଧ ଶୀର୍ଷ ସ୍ଥାନୀୟ, ଏଥିରେ ଯେଉଁ ଦେହୋଷ୍ଠୀ ତେଜସ୍କର ଭେଷଜ ପଦାର୍ଥ ଅଛି, ତାହା ଅନ୍ୟ କୌଣସି ଔଷଧରେ ନାହିଁ । ଏବଂ ସେହି ଗବେଷଣା ଲବ୍ଧ ଦୁଷ୍ପ୍ରାପ୍ୟ ପଦାର୍ଥ ନିମନ୍ତେ ଏହାର ଏରୂପ ଗୁଣଦାୟକ ହେବାର କାରଣ ଅଟଇ । ଯେବେ ତୁମ୍ଭେ ସେହି ସକଳ ରୋଗରେ କମ୍ବା ତାହାର କୌଣସି ଉପସର୍ଗରେ ଆକ୍ରାନ୍ତ ହୋଇଥାଅ ତେବେ ଏହି ମହୌଷଧ, ସେବନ କର ଜୀବନ ରକ୍ଷା କର, ସବଳେ, ସୁଲଭରେ, ସ୍ୱଚ୍ଛନ୍ଦରେ ସ୍ଥାୟୀ ଆରୋଗ୍ୟ ଲାଭ କରି ଦୀର୍ଘଜୀବନ ପାଇବ । ଶରୀର ହୃଷ୍ଟପୁଷ୍ଟ, ବଳିଷ୍ଠ ଓ କାନ୍ତିବିଶିଷ୍ଟ ହେବ । କ୍ଷୁଧା ବୃଦ୍ଧି ହେବ କୋଷ୍ଠ ପରିଷ୍କାର ହେବ ।

ସ୍ପାରମାଟିନ—ଶରୀର ଯନ୍ତ୍ରର ଦୂଷିତ ଅଂଶ ଓ ଅଭାବ ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟୋନ୍ନତି ଓ ତାହା ଅକ୍ଷୁଣ୍ଣ ରଖିବାକୁ ବାଳକ, ବାଳିକା, ଯୁବକ, ଯୁବତୀ, ବୃଦ୍ଧ, ସ୍ତ୍ରୀ ଓ ପୁରୁଷ ସମସ୍ତଙ୍କ ପକ୍ଷରେ ସମାନ ଉପଯୋଗୀ । ସାଧାରଣତଃ ଯେ ସକଳ ପୀଡ଼ାରେ ସାଲସା, କଡ଼ଲିଭର ଅଏଲ ପ୍ରଭୃତି ଔଷଧ ବାରମ୍ବାର ବ୍ୟବହାରର ପ୍ରୟୋଜନ ହୁଅଇ, ସେହି ସକଳ ପୀଡାରେ ସ୍ପାରମାଟିନ ଥରେ ମାତ୍ର ବ୍ୟବହାର କରିବାଦ୍ୱାରା ରୋଗ ସମୂଳେ ଧ୍ୱଂସ ହୋଇଅଛି । ସୁତରାଂ ଏହା ଯେ ପ୍ରଚଳିତ ସର୍ବବିଧ ଔଷଧ ଅପେକ୍ଷା ସର୍ବଶ୍ରେଷ୍ଠ, ସେଥିରେ ଅଣୁମାତ୍ର ସନ୍ଦେହ କରିବାର ଅବସର ନାହିଁ ।

ମୂଲ୍ୟ; ଏକ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ଏକ ଟଙ୍କା । ଉତ୍ତମ ଟ ୧୦ ୧ ପ୍ୟାକିଂ ଓ ଡାକ ମାସୁଲ ଏକ ଶିଶିରେ ଟ ୦ ୫୬ ତିନ ଶିଶିରେ ଟ ୦ ୬୵ ଓ ୬ ଶିଶିରେ ଟ ୧ ଓ ଉତ୍ତମ ଟ ୧୫

ପ୍ରାପ୍ତିସ୍ଥାନ ଓ ପତ୍ରାଦି ପଠାଇବାର ଏକମାତ୍ର ଠିକଣା ।

| | |
|---|---|
| *Manager*<br>Spermatine Depot<br>No. 22 Baranasi<br>Ghose's street<br>Calcutta. | ମାନେଜର<br>ସ୍ପାରମାଟିନ ଡିପୋ<br>ନ ୨୨ ନର ବାରଣସୀ<br>ଘୋଷ ଷ୍ଟ୍ରିଟ<br>କଲିକତା |

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସମ୍ଭ୍ରାନ୍ତ ଜମିଦାରମାନଙ୍କ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସମ୍ବଲପୁର, ସରେଇକଲା, ସୋନପୁର, ପାଟଣା, ଦଣ୍ଡଅଳ, ମୟୂରଭଞ୍ଜ, ଖାଲଗିରିଆ ହିନ୍ଦୋଳ, ଆଠଗଡ଼, ଖାଙ୍ଗପୁର, ଚିଲାକୋଟା ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଝାଂଟି କାରବାରର କଥା ଜଣା ପଡିବ ।

ଆମ୍ଭର ବାଣିଜ୍ୟ କୋଠିରେ ନିଜସ୍ୱ ତନ୍ତାରେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଶେଲା, କିଂଖାପ, ବାଫ୍ତା, ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଖାଲ ଏବଂ ନାନା ପ୍ରକାର ରତ୍ନାଦି ଖଚିତ ଅଙ୍ଗୁରି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଲୁମାଲ ଭୋଲାନାଥ
କୁଞ୍ଜଗଳି ପାଟନ ବନାରସ ସିଟି

## ବିଜ୍ଞାପନ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଲଚ, ଓ ଲୁଣ୍ଠୁର ଅଭିନବ ଆବିଷ୍କାର
"ଇନ୍ଦୀବର ଶୋଭନା"

ଏହି ଦ୍ରବ୍ୟ ତିଳ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘକାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଖଦିର, ଧଣିଆଗୁଣ୍ଡ, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଆମିର, ଓମରାହମାନେ ବ୍ୟବହାର କରୁଥିଲେ; କିନ୍ତୁ ଲୁଣ୍ଠୁ, ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ତହିଁ ସହିତ କେତେଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତ ମାଢ଼ି ଫୁଲା, ଦନ୍ତ ବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ଦୁର୍ଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡ଼ଜନ ଟ ୬୫ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।୵, ୬ ଶିଶିରେ ଟ ୦ ୫୵ ଅଣା, ଡ଼ଜନକୁ ଟ ୦ ୫ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:—"ଲୁଣ୍ଠୁ ଏଣ୍ଡ କୋମ୍ପାନୀ" ୧୧।୫ ନମ୍ବର ବାରାଣସ ଘୋଷଙ୍କ ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର କ୍ଷତ, ଘା, ଘର୍ମ-ବାଘି ପ୍ରଭୃତି ଅରୋଗ୍ୟ ପକ୍ଷେ ଚୂଡ଼ାନ୍ତ ।
"ଓ୍ୟାଇ ଷାର କିର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ନିଶ୍ଚୟ ପରି ଅରୋଗ୍ୟ ହୋଇ ଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧ ୧ ଙ୍କା ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତିସ୍ଥାନ:—"ଡ଼ବଲିଉ, ମେଜର ଏଣ୍ଡ କୋମ୍ପାନୀ",—କଲିକତା ।

Split by PDF Splitter
Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ସନ ୧୯୦୭ ମସୀହା ଡିସେମ୍ବର ମାସରେ ବୋମ୍ବାଇ ତଥା ଅହମଦାବାଦ ସହରରେ ଗୋଟିଏ ଭାରତୀୟ ଶିଳ୍ପ ପ୍ରଦର୍ଶନୀ (ହାଟ) ବସିବ । ଯେଉଁମାନେ ଉକ୍ତ ପ୍ରଦର୍ଶନୀକୁ ଶିଳ୍ପ କାର୍ଯ୍ୟମାନ ପଠାଇବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷରକାରଙ୍କ ନିକଟକୁ ପତ୍ର ଲେଖିଲେ ସମସ୍ତ ବିଷୟ ଜାଣି ପାରିବେ । ଇତି ।

ଶ୍ରୀ ପି, ଏମ୍, ଦୁଃଖିସିହ
ଜେନେରଲ ସେକ୍ରେଟେରୀ
ଇଣ୍ଡିୟାନଇଣ୍ଡଷ୍ଟ୍ରିୟଲ ଏକଜିବିସନ

## ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ବିଶାରଦଙ୍କର ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
୯୩ । ୨ ନଂ ହରଘୋଷଷ୍ଟ୍ରୀଟ, ସିମଲିଆ, କଲିକତା ।

ଏହି ସ୍ଥାନରେ ସମୁଦାୟ ରୋଗର ଔଷଧ ତୈଳ, ଘୃତ, ମୃଗନାଭି ବା କସ୍ତୁରୀ, ଏବଂ ସ୍ୱର୍ଣ୍ଣ, ମୁକ୍ତା ଓ ପ୍ରବାଳାଦି ଜାରିତ ଧାତୁ ଦ୍ରବ୍ୟାଦି (ଭସ୍ମ) ମିଳେ, ବିଦେଶସ୍ଥ ରୋଗିମାନଙ୍କ ପୀଡ଼ାର ଅବସ୍ଥା ଜଣାଇ ଲେଖିଲେ ବ୍ୟବସ୍ଥା ଲେଖି ପଠାଯାଏ ।

## ଯୋଗସିଦ୍ଧ ବଟିକା ।

(ଅର୍ଥାତ୍ ଋଷିକୃତ ଯୋଗଲବ୍ଧ ସିଦ୍ଧମହୌଷଧ)

ଏହି ଯୋଗପ୍ରସୂତ ସୁସିଦ୍ଧ ଔଷଧଦ୍ୱାରା ମାନବ ଦେହର ରକ୍ତ ପରିଷ୍କାର ହୋଇ ପ୍ରାୟ ସମୁଦାୟ ପୀଡ଼ା ଆରୋଗ୍ୟ ହୁଏ । କବିରାଜ ଏବଂ ଡାକ୍ତରମାନଙ୍କ ବୁଦ୍ଧିବିଷୟ ରୋଗସମୂହ ଆରୋଗ୍ୟ କରିବା ବିଷୟରେ ଏପରି ମହୌଷଧ ଆଉ ନାହିଁ । ଯକୃତ ଦୋଷରେ ଯେଉଁମାନଙ୍କର କୋଷ୍ଠ ପରିଷ୍କାର ହୁଏ ନାହିଁ, ଆହାରର ପରେ ଅମ୍ଳୋଦ୍ଗାର (ଖଇହାଣ୍ଟି) ଉଠେ, ବାୟୁବୃଦ୍ଧି ହୋଇ ପେଟ ଫୁଲେ ଏବଂ କ୍ଷୁଧା ଭଲରୂପେ ହୁଏ ନାହିଁ ସେମାନଙ୍କ ପକ୍ଷରେ ଏହି ଔଷଧ ଅବ୍ୟର୍ଥ, ଏତଦ୍ଭିନ୍ନ ଅର୍ଶରୋଗ, ଭଗନ୍ଦର, ଉଦରାମୟ, ଅମ୍ଳଶୂଳ, ଶୋଥ, ସକଳପ୍ରକାର ଜ୍ୱର, ଶିରୋରୋଗ, ପାରଦୋଷ, ଶରୀରରେ ଚକାକାର ଚିହ୍ନ, ଦଣ୍ଡ, ସ୍ୱପ୍ନଦୋଷ, ଧାତୁର ତରଳତା, ପୁରୁଷତ୍ୱହାନି, ବହୁମୂତ୍ର, ମେହରୋଗ, ମସ୍ତକଘୂର୍ଣ୍ଣନ, ବିନ୍ଦୁ ବିନ୍ଦୁ ମୂତ୍ରସ୍ରାବ ଓ ନାଳୀଘା ନିଃଶେଷ ଆରୋଗ୍ୟ ହୁଏ । ବାତବେଦନା, ଗଣ୍ଠିଫୁଲା, ହସ୍ତପାଦର ଜ୍ୱାଳା, ସକଳପ୍ରକାର ବାତରୋଗର ମହୌଷଧ । ସ୍ତ୍ରୀଲୋକମାନଙ୍କର ରଜୋଦୋଷ ଋତୁବେଦନା, ଶୂଳ, ଶ୍ୱେତ ଓ ରକ୍ତପ୍ରଦର ଏବଂ ମୂର୍ଚ୍ଛାଦି ବିବିଧପୀଡ଼ାର ଶୀଘ୍ର ଶାନ୍ତି ହୁଏ ଏବଂ ଶରୀରର ଲାବଣ୍ୟ ବୃଦ୍ଧି ହୋଇଥାଏ । ଦେହକୁ ରୋଗଶୂନ୍ୟ କରି ସୁସ୍ଥ ଅବସ୍ଥାକୁ ଆଣିବା, ଏହି ଔଷଧର ପ୍ରଧାନ କାର୍ଯ୍ୟ

୪୮ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଆଠଅଣା
୧୦୦ ବଟିକାପୂର୍ଣ୍ଣ ଏକ ଶିଶିର ମୂଲ୍ୟ ଏକଟଙ୍କା
ପ୍ୟାକିଂ ଖରଚ ଏକଅଣା ଏବଂ ଡାକମାସୁଲ ଗୃହ ଅଣା । ଉପଯୁକ୍ତ ବ୍ୟବସ୍ଥାପତ୍ର ସହ ଔଷଧ ପଠାଯାଏ

## ବିଜ୍ଞାପନ ।

TRADE MARK — W. MAJOR & CO.'S MEDICAL LABORATORY CALCUTTA — REGISTERED

ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ! ପ୍ରତ୍ୟକ୍ଷ ଫଳପ୍ରଦ !!
ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ—ସେହି
"ଇଲେକ୍ଟ୍ରୋ ସାଲସା"
ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କର ଆଇନ ଅନୁସାରେ ରେଜେଷ୍ଟାରୀ କୃତ ।
ବହୁ ପରୀକ୍ଷିତ ! ବିଶେଷ ପ୍ରଶଂସିତ !!!
ଆଦି ଓ ଅକୃତ୍ରିମ ।

ଆଉ କାହାରିକୁ ଅସ୍ଥାୟୀ ଗୁଣବିଶିଷ୍ଟ ଦେଶୀ ବା ବିଲାତି ସାଲସା ପ୍ରଭୃତି କୌଣସି ପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ । ଆଉ କାହାରିକୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ହେବ ନାହିଁ । ଯେହେତୁ—

ଇଲେକ୍ଟ୍ରୋ ସାଲସା :—ନିଜ ଗୁଣରେ ଚିକିତ୍ସା ଜଗତର ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି ।

ଇଲେକ୍ଟ୍ରୋ ସାଲସା :—ପ୍ରତ୍ୟହ ଯେରୂପ ହଜାର ୨ ଶିଶି ବିକ୍ରୟ ହେଉଅଛି ଦେଶ ବିଦେଶରୁ ସେହିପରି ଶହ ୨ ଅଯାଚିତ ସୁଖ୍ୟାତିପତ୍ର ଲାଭ କରୁଅଛି ।

ଇଲେକ୍ଟ୍ରୋସାଲସା :—ନବୋଦ୍ଭାବିତ ଉପାୟରେ, ବୈଜ୍ଞାନିକ ପ୍ରକରଣରେ ବୈଦ୍ୟୁତିକ-ଶକ୍ତି ସଂଯୋଗେ ପ୍ରସ୍ତୁତ ହୋଇଥିବାରୁ ଏହାର ବିନ୍ଦୁ ଔଷଧ ବିଦ୍ୟୁତ ବେଗରେ ସର୍ବ ଶରୀର ସଞ୍ଚାରିତ ହୋଇପଡେ ଏବଂ ତାହାର ଆରୋଗ୍ୟକାରିତା ଶକ୍ତି ଗୁଣରୁ ସଙ୍ଗେ ୨ ରୋଗର ପ୍ରବଳତା ଶକ୍ତି ଦମନ କରିଦିଏ ଏବଂ ୨।୧ ମାତ୍ରା ସେବନ ମାତ୍ରେ ରୋଗୋପଶମ ସ୍ୱଚ୍ଛନ୍ଦତା ଅନୁଭବ କରାଯାଏ, ପୁଣି ୩।୪ ସପ୍ତାହ ମଧ୍ୟରେ ରୋଗର ମୂଳ ପର୍ଯ୍ୟନ୍ତ ଉତ୍ପାଟନ କରି ନବ ସ୍ୱାସ୍ଥ୍ୟ, ନବ ଉତ୍ସାହ ଓ ନବ କଳେବର ପ୍ରାପ୍ତ କରାଇଦିଏ, ଯୌବନ କାଳୋଚିତ ବଳ ବୀର୍ଯ୍ୟ ପୁଣି ଫେରି ଆସେ ।

ଇଲେକ୍ଟ୍ରୋ ସାଲସା :—ଏକମାତ୍ର ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଦରବାରରେ ପ୍ରଚଳିତ ଓ ବିଜ୍ଞାପିତ ହେଉଥିବା ନ ସ୍ୱଦେଶୀ ନ ବିଦେଶୀ ସକଳ ପ୍ରକାର ସାଲସା, ସକଳ ପ୍ରକାର ଔଷଧହିଁ କୃତ୍ରିମ ଓ ଅସ୍ଥାୟୀ ଗୁଣବିଶିଷ୍ଟ ଅର୍ଥାତ୍ ରୋଗକୁ ଚାପି ରଖେ କିନ୍ତୁ—

ଇଲେକ୍ଟ୍ରୋ ସାଲସା :—ବୈଦ୍ୟୁତିକ ଶକ୍ତି ପ୍ରଭାବରୁ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ କରିଦିଏ କଦାପି ପୁନରାକ୍ରମଣ କରେ ନାହିଁ । ବହୁ ପରୀକ୍ଷା ଓ ଭୂୟୋ ଦର୍ଶନ ଫଳେ ଏହା ପ୍ରତିପନ୍ନ ହୋଇଅଛି । ପୁଣି ଏହି ସ୍ଥାୟୀ ଆରୋଗ୍ୟକାରିତା ଗୁଣ ଥିବାରୁହିଁ ଏହି ଅତ୍ୟଳ୍ପ କାଳ ମଧ୍ୟରେ ଏହି ଔଷଧପ୍ଲାବିତ ରାଜ୍ୟରେ ଏପରି ଉଚ୍ଚ ସ୍ଥାନ ଅଧିକାର କରିଅଛି ଯେଉଁଠାକୁ ଥରେ ଔଷଧ ପ୍ରେରିତ ହେଉଅଛି ସେଠା ଅଧିବାସିମାନେ "ଇଲେକ୍ଟ୍ରୋ ସାଲସାର" ପକ୍ଷପାତୀ ହୋଇ ବରାବର ଡଜନ ୨ ଔଷଧ ପଠାଇବାକୁ ପତ୍ର ଲେଖୁଅଛନ୍ତି । ବଡ଼ ୨ ହାସପାତାଲରେ ଉପଯୁକ୍ତ ରୋଗିଙ୍କୁ ଏହି ସାଲସା ବ୍ୟବସ୍ଥା କରାଯାଉଅଛି । ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ମହାଦେଶର ଲକ୍ଷ ୨ ଲୋକ ପ୍ରତ୍ୟହ ବ୍ୟବହାର କରୁଅଛନ୍ତି । ଭାରତର କୁଟୀରବାସୀ କୃଷକଠାରୁ ମୁକୁଟଧାରୀ ରାଜା ମଧ୍ୟ ସମସ୍ତେ ସମାନ ଆଦରର ସହିତ ଗ୍ରହଣ କରୁଅଛନ୍ତି । ଇଲେକ୍ଟ୍ରୋ ସାଲସା ସତ୍ୟ ୨ ଯେପରି ବ୍ରହ୍ମାଣ୍ଡ ବିଜୟ କରିବାକୁ ଶୁଭକ୍ଷଣରେ ଶୁଭମୁହୂର୍ତ୍ତରେ ଆବିଷ୍କୃତ ହୋଇଥିଲା !!! ବାସ୍ତବିକ ଏରୂପ ସଫଳତା ଏରୂପ ଆରୋଗ୍ୟକାରିତା ଏରୂପ ଅଲୌକିକତା ଔଷଧ ଏହାଠାରେ ଏତେ ଅଧିକ ଗୁଣସମ୍ପନ୍ନ ଇତିପୂର୍ବେ ସୃଷ୍ଟି ହୋଇ ନାହିଁ ।

ଇଲେକ୍ଟ୍ରୋସାଲସା—ଦୂଷିତରକ୍ତ ଶୋଧନ କରିବାକୁ, ନୂତନ ରକ୍ତକଣିକା ସୃଷ୍ଟି କରିବାକୁ ବାତ, ପକ୍ଷାଘାତ, କଟିବାତ, ଆଣ୍ଠୁ ଗଣ୍ଠି ଫୁଲିବା, କୁଣ୍ଡେଇ ହୋଇ ଫୁଲି ଉଠିବା, କୁଣ୍ଡିଆଣ, କୁଣ୍ଡ, ଇରିମି ଓ ପାରଦ ଘା, ନାଲ ଓ ବାହାର ଘା, ଦେହରେ ବା ହସ୍ତ ଓ ପଦ ତଳରେ ପସି ଗରମି-ଘା ଦା ବା କଳା ଚିହ୍ନ, ଧବଳ କୁଷ୍ଠ, ରୋଗର ପ୍ରାରମ୍ଭାବସ୍ଥା ଇତ୍ୟାଦି ରକ୍ତସମ୍ବନ୍ଧୀୟ ସର୍ବପ୍ରକାର ପୀଡ଼ା ଓ ଉପସର୍ଗ ଏବଂ ତହିଁର କଷ୍ଟଦାୟକ ଲକ୍ଷଣାଦି ପୁଣି ପାର ଓ ଗରମି-ବିଷର ଜଡ଼ ନାଶ କରିବାକୁ ଏହାପର ସ୍ଥାୟୀ ଆରୋଗ୍ୟକର ଔଷଧ ଦ୍ୱିତୀୟ ନାହିଁ ।

ଇଲେକ୍ଟ୍ରୋ ସାଲସା :—ତରଳ ଶୁକ୍ର ଗାଢ଼ କରିବାକୁ ଶୁକ୍ରବୀର୍ଯ୍ୟ ସ୍ନେହଯୁକ୍ତ କରିବାକୁ—ହ୍ରାସପ୍ରାପ୍ତ ବୀର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ—ସ୍ତ୍ରୀ ସହବାସରେ କ୍ଷମତା ଜନ୍ମାଇବାକୁ,—ତଥା ଯାବତୀୟ ଶୁକ୍ରବ୍ୟାଧି-ଅର୍ଥାତ୍—ମେହ, ପ୍ରମେହ, ଶୁକ୍ରମେହ, ଧାତୁ ଦୌର୍ବଲ୍ୟ, ବହୁମୂତ୍ର, ବାରମ୍ବାର ଅଧିକ ବା ଅଳ୍ପ ପ୍ରସ୍ରାବ ହେବା, ମେହବାତ, ପ୍ରସ୍ରାବ ଜଳିବା, ଲୁଗା ରେ ଦାଗ ପଡ଼ିବା, ମୂତ୍ରନାଳର ଶୂନ୍ୟ ବା ପୂଜରକ୍ତ ପଡ଼ିବା, ସ୍ୱପ୍ନଦୋଷ,

Digitized by srujanika@gmail.com

ପ୍ରସ୍ରାବ ସହିତ ବା ପରେ-ଦୃଶ୍ୟ ବା ଅଦୃଶ୍ୟ ଶୁକ୍ର ପତନ, ଝାଡ଼ା ମଳ ବେଗରେ ବୀର୍ଯ୍ୟ ନିର୍ଗତ ହସ୍ତମୈଥୁନ ବା ଅତିରିକ୍ତ ସହବାସ ହେତୁ ସ୍ମରଣ-ଶକ୍ତି ହ୍ରାସ, ମୁଣ୍ଡ ଘୂରାଇବା, ଚକ୍ଷୁର ଅସ୍ଥିରତା, ନିର୍ଜ୍ଜନ ପ୍ରିୟତା, ଚଳିବା ବୁଲିବାକୁ ଅସମର୍ଥତା, ସାମାନ୍ୟ ସହବାସ ବା ଉତ୍ତେଜନା ମାତ୍ର ଶୁକ୍ର ସ୍ଖଳନ ହେବା ଇତ୍ୟାଦି ଯାବତୀୟ ଶୁକ୍ରଘଟିତ ବ୍ୟାଧି; ଲକ୍ଷଣ ଓ ଉପସର୍ଗାଦି ସମୂଳେ ଧ୍ୱଂସ କରିବାକୁ ଅବ୍ୟର୍ଥ ଓ ଅମୋଘ ।

ଇଲେକ୍‌ଟ୍ରୋ ସାଲସା :—ର ଗୁଣାବଳି ପ୍ରକାଶ କରିବା ବାହୁଲ୍ୟ, ଥରେ ପରୀକ୍ଷା କରି ଦେଖ ! ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ । କ୍ଷୁଧା ବୃଦ୍ଧି ହେବ । କୋଷ୍ଠ ପରିଷ୍କାର ହେବ । ଦେହରେ ଦ୍ୱିଗୁଣ ବଳ ସଞ୍ଚାରିତ ହେବ, ପୁଣି ଦୁର୍ବଳ କୃଶ ଶୀର୍ଣ୍ଣ ଦେହ ସବଳ-ହୃଷ୍ଟ ପୁଷ୍ଟ ଓ କାନ୍ତିଯୁକ୍ତ ହେବ । ଶରୀରର ଓଜନ କ୍ରମେ ବଢ଼ୁଥିବ ।

ଇଲେକ୍‌ଟ୍ରୋ ସାଲସା :—ସହିତ କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟର ସଂଶ୍ରବ ନାହିଁ । ସୁସ୍ଥ, ଅସୁସ୍ଥ ଆବାଳ ବୃଦ୍ଧ ସମସ୍ତେ ସକଳ ଅବସ୍ଥାରେ ସକଳ ସମୟରେ ସେବନ କରି ପାରନ୍ତି, ଅଥଚ କୌଣସି କଠିନ ନିୟମରେ ଆବଦ୍ଧ ହୋଇ ରହିବାକୁ ହୁଏ ନାହିଁ ।

ବିଶେଷଦ୍ରଷ୍ଟବ୍ୟ :— ବୃଥା ଭ୍ରମରେ ବଶ ହୁଅ ନାହିଁ ! ଅସାର ଆଡ଼ମ୍ବରି ପୂର୍ଣ୍ଣ ବିଜ୍ଞାପିତ ଔଷଧାଦି-ସେବନରେ କୌଣସି ଫଳ ନାହିଁ !!

"ଇଲେକ୍‌ଟ୍ରୋ ସାଲସା" ହିଁ ମୁମ୍ଭ ରୋଗର ପ୍ରକୃତ ଔଷଧ ! ଯେହେତୁ ଗୋଟିଏ ରୋଗୀ ମଧ୍ୟ ଅଦ୍ୟାବଧି ନୈରାଶ୍ୟ ହୋଇ ନାହିଁ ତାହାର ବହୁ ଦୃଷ୍ଟାନ୍ତ—ବହୁ ପ୍ରଶଂସାପତ୍ର—ବହୁ ପ୍ରମାଣ ପୁସ୍ତକାକାରରେ ଛପା ହେଉଅଛି । ଶୀଘ୍ର ପ୍ରକାଶିତ ଓ ବିତରିତ ହେବ। ପ୍ରତ୍ୟେକ ଗ୍ରାହକ ତାହା ପାଇବେ

ବହୁ ଓଡ଼ିଶାବାସୀ ଟେଲିଗ୍ରାଫ୍ ପଠାଇ ଔଷଧ ମଗାଉଅଛନ୍ତି - ସେମାନଙ୍କର ଓ ଅବଶ୍ୟ ଦୂର ଦେଶବାସୀ ରୋଗିଙ୍କର ସୁବିଧାର୍ଥେ-ପୁଣି ଟେଲି-ଗ୍ରାଫ୍ ପଠାଇବାର ବ୍ୟୟ ଲାଘବାର୍ଥେ-ବହୁ ବ୍ୟୟ କରି ଗଭର୍ଣ୍ଣମେଣ୍ଟଙ୍କର ନିୟମାନୁଯାୟୀ ଅମ୍ଭମାନଙ୍କର ସଂକ୍ଷିପ୍ତ ନାମ ଓ ଠିକଣା ଚିରସ୍ଥାୟୀ ରୂପେ ରେଜିଷ୍ଟରି କରାଇଅଛୁ ଅତଃପର ଟେଲିଗ୍ରାଫର ଠିକଣା କେବଳ "ମେଜର—କଲିକତା" ଲେଖିଲେ ଖୁବ ଶୀଘ୍ର ତାହା ଅମ୍ଭ ଅଫିସରେ ପହଞ୍ଚିବ ।

ଇଲେକ୍‌ଟ୍ରୋ ସାଲସାର :—ଆବିଷ୍କର୍ତ୍ତା—

ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି, ଇଲେକ୍ଟ୍ରିସିଆନ, ନିଉୟର୍କ ଆମେରିକା । ଭାରତ-ବର୍ଷରେ ଏକମାତ୍ର ଏଜେଣ୍ଟ ଓ ପ୍ରୋପ୍ରାଇଟର;—"ଡବଲିଉ, ମେଜର ଏଣ୍ଡ କୋମ୍ପାନି," କଲିକତା

ଏତଦ୍ ସମ୍ବନ୍ଧେ ଅପରାପର ବିବରଣ ଅନ୍ୟ ପୃଷ୍ଠାରେ ଦେଖ

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଂଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W: MAJOR & CO'S. TRADE MARK MEDICAL LABORATORY CALCUTTA

ଆମେରିକା ପ୍ରଦେଶସ୍ଥ ନିଉୟର୍କ ନଗରବାସୀ ମହାପଣ୍ଡିତ ଡାକ୍ତର ଜେମସ୍, ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଆବିଷ୍କୃତ;—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତଃପୂର୍ବେ କେବେହେଁ ଆବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଚିକିତ୍ସକମାନେ ଯେଉଁ ରୋଗକୁ ଅସାଧ୍ୟ ବୋଲି ନିର୍ଣ୍ଣୟ କରୁଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର !

ଇଲେକ୍‌ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅତ୍ୟର୍ଦ୍ଧ କିମ୍ବା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନାନ୍ତେ ମନରେ ହୁଏ ଯେମନ୍ତ ଶରୀରଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା କମ୍ପନ ହୋଇ-ଗଲା । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଅମ୍ଭମାନଙ୍କୁ ଶିକ୍ଷା ଦେଉଅଛନ୍ତି ଯେ ତଡ଼ିତର ରକ୍ତର ଦୁର୍ବୋଧ୍ୟ ଶକ୍ତି ହିଁ ପ୍ରକୃତିର ଜୀବନ । ତଡ଼ିତର ପ୍ରବାହ ବ୍ୟତୀତ ପ୍ରକୃତ ଦେଖି ହେଉନାହିଁ । ଏପରି ତଡ଼ିତର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇ ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କିଅଣ ?

ପାଶ୍ଚାତ୍ୟ ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି, ବାଲ୍ୟ ଚପଳ୍ୟର ଉଚ୍ଛୃଙ୍ଖଳତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକ ଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସ୍ୱତଃସିଦ୍ଧ । ମାତ୍ର ଔଷଧ ସନ୍ନିବିଷ୍ଟ ହେତୁ ତଡ଼ିତର ସମତା ରକ୍ଷା ହୋଇ ନ ପାରେ । ତଡ଼ିତର ଶକ୍ତି ସଂଯୋଗ ବ୍ୟତୀତ କୌଣସି

ଔଷଧରେ ସେ ଅଭାବ ସମ୍ୟକ୍ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭ୍ୟାନିକ ବ୍ୟାଟେରି ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରାଇ ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି ଜଟିଳରୋଗ ଅଳ୍ପ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ଚିନ୍ତିତ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଣି ଏ ବିଂଶଶତାବ୍ଦୀର ପ୍ରାରମ୍ଭରେ ଜଗତର ମନସ୍ୱୀ ଶ୍ରମତା ଦ୍ୱାରା ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରୀଣ ପ୍ରୟୋଗାର୍ଥ ତାହାକୁ ଉଦ୍ଭିଦ ଭେଷଜ ସାର୍ଯ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧକୁ ସୃଜିତ କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସାଧନରେ ଚିକିତ୍ସା ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!

ଅତି ବାହାକୁହିଁ ଅସାଧ୍ୟ ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଭ ବାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତେବ ଏହି ମହୌଷଧକୁ ଏହି ମହାବୈଜ୍ଞାନିକ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍‌ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ଅକର୍ମଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ନବସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ ଗର୍ମ୍ମି, ନାଳୀଘା, ଗାତ୍ରକଣ୍ଡୁ, ବାତ, ଝୁଣି, ଗଣ୍ଡମାଳା, ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ରକ୍ତ ଝଡ଼ିବା, ମୁଣ୍ଡ ଘୂରାଇବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ ଜଟିଳ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତିକା ଚାହିଲେ ଦେଉ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ୧୲୦ ତିନିଶିଶି ୩୲୦, ୬ ଶିଶିର ୫୲୦, ଡଜନକୁ ୯୲୦ ଉଦ୍ଧରେ ପଠାଇବାର ଡାକମାସୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିରେ ୦୲୦, ୩ ଶିଶିରେ ୦୲୦, ୬ ଶିଶିରେ ୦୲୦, ଡଜନରେ ୧୲୦ ।

ଅମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବଲିଉ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ୮୦ ଆଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED No. C. 81



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖ ୩୭ ଶ
ସ ୪୫ ସଂଖ୍ୟା

CUTTACK, SATURDAY THE 8th November 1902.
ଚ ୨୪ ଶ କାର୍ତ୍ତିକ ସନ ୧୩୧୦ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ।

### NOTICE.

Wanted an assistant in literary work thoroughly qualified in the Oriya language and literature, and with a good knowledge of Sanscrit and English. Pay according to qualifications but will not exceed Rs. 40 per mensem. Apply early to

Rev. Geo, Howells
*Baptist Mission.*
CUTTACK,

### NOTICE.

Wanted by the District Board of Balasore three Sub-Inspectors of Schools on a Salary of Rs 50 with prescribed travelling allowances per month. Preference will be given to those who has passed the F. A. Examination. Applications will be received by the undersigned up to 7th November 1902.

Balasore Distt. Boards office The 30th October 1902.

Baikuntha Nath De
*Vice Chairman*
District Board
Balasore.

### NOTICE.

Wanted three Sub Inspectors of Schools for the District of Puri on a Salary of Rs. 50 each a month with the usual travelling allowance. The Candidates must fulfil the conditions laid down in Government Notifications No. 486 T. G. dated the 2nd September 1893 and 105 T. G. dated the 24th May 1899. The applications must reach the undersigned on or before the 15th Instant.

Puri The 4th November 1902

Sd. W. N. Delevingne
I. C. S
*Chairman*
District Board Puri

### NOTICE.

Wanted five additional Sub Inspectors of schools by the District Board of Cuttack on Rs 50 per month with Travelling allowance not exceeding Rs. 25 per mouth. None need apply who is not qualified under Government Notification No. 486 T. G dated 2nd September 1893.

Applications will be submitted to the Chairman of the Cuttack District Board on or before the 15th November 1902.

A knowledge of the Urya language is absolutely necessary.

District Board office Cuttack The 29th October 1902.

J. C. Chander
*Vice-Chairman*

### NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ବିଜ୍ଞାପନ।

ବର୍ତ୍ତମାନ୍ ସ୍କୁଲ ପାଠ୍ୟ ସହଜପଦ୍ଧତିର ସମାଧାନ ପ୍ରକାଶିତ ହୋଇ ସାମାନ୍ୟ ମୂଲ୍ୟ ଟ ୦/ ଧାର୍ଯ୍ୟ ହୋଇଅଛି। ପୁସ୍ତକବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ମିଳିବ।

ଶ୍ରୀ ସୁଦର୍ଶନ ନନ୍ଦଶର୍ମା।
ଚୂଡ଼ାହାଟ, କଟକ।

### ନୋଟିସ।

ଅମ୍ଭେ ସୟଦ ଗୋଲାମ ମହମ୍ମଦ ତାଜଜାନ କାବୁଲି ସାହେବ ସାଃ ଥାଃ ଶୁଜବାଲ ପ୍ରଃ କାସ୍ବା ଜିଲ୍ଲା ବାଲେଶ୍ୱର ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଶ୍ରୀ ଭଗବାନ୍ଚରଣ ମହାନ୍ତି ଓରଫ ମଣି ମହାନ୍ତି ସାଃ ଲୁଣ ପ୍ରଃ କାସ୍ବା ଆମ୍ଭର ଗୁମାସ୍ତା କାର୍ଯ୍ୟ କରୁଥିଲେ। ଏଣୁ ତାଙ୍କ ନାମରେ ଆମ୍ଭ ତରଫରୁ ଆମମୁକ୍ତାରନାମା ଥିଲା ମାତ୍ର ତାଙ୍କୁ ଆମ୍ଭେ ସନ ୧୩୧୦ ସାଲ ଚଳନ୍ତ କାର୍ତ୍ତିକ ମାସ ୨ଦ ୧ ତଠାରୁ ଆମ୍ଭର କାର୍ଯ୍ୟରୁ ଅବ୍ୟାହତ ଦେଇ ବରଖାସ୍ତ କରିଅଛୁଁ ଅତଏବ ଉକ୍ତ ତାରିଖଠାରୁ ତାଙ୍କ ନାମରେ ଥିବା ଆମ୍ଭ ତରଫର ଆମମୁକ୍ତାରନାମା ରଦ ହୋଇଗଲା। ଉକ୍ତ ଦିନଠାରୁ ସେ ଆମ୍ଭର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରି ନ ପାରିବେ। ବଲକାରବେଲେ କାର୍ଯ୍ୟରେ ଆସିବ ଏହି ମର୍ମରେ ଏ ନୋଟିସ ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଗଲା। ଇତି।

ଶୁଜବାଲ
ତା ୨୪।୧୦।୦୨

Sayed Abdul Wahid
On behalf of Sayed
Golam Mohomed,
Kabuli Saheb.

Split by PDF Splitter

Digitized by srujanika@gmail.com

## ଉତ୍କଳଦୀପିକା ।

କଲିକତା ମେଡିକଲ କଲେଜ ହାସପାତାଲ ସଂଲଗ୍ନରେ ଗୋଟିଏ ଘର ନିର୍ମାଣ ନିମନ୍ତେ ରାଜା ଅମୃତନାଥ ମିତ୍ର ବାହାଦୁର ଟ ୨୨,୦୩୬୯ ଙ୍କା ସରକାରୀ ତହବିଲରେ ଏହି ସର୍ତ୍ତରେ ଜମା କରିଅଛନ୍ତି କି ସେ ଗୃହର ନାମ ଦ୍ୱାରକାନାଥ ମିତ୍ରଙ୍କର ଚକ୍ଷୁ ଚିକିତ୍ସାଳୟ ହୋଇଥିବ ଏବଂ ବାହାରର ଚକ୍ଷୁ ରୋଗିମାନେ ସେଠାରେ ଔଷଧ ପାଇବେ । ଏହି ବଦାନ୍ୟତା ସକାଶେ ମାନ୍ୟବର ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଧନ୍ୟବାଦ ଦେଇ ସରକାରୀ ଗଜେଟରେ ତାହା ପ୍ରକାଶ କରାଇଅଛନ୍ତି ।

---

ଗତ ମାସ ତା ୨୮ ଓ ୨୯ ଖରେ ଯେଉଁ ପୁଲିସ ସବଇନସ୍ପେକ୍ଟରୀ ପରୀକ୍ଷା ଗୃହୀତ ହେବ ତହିଁର ନିୟମାବଳୀ ପୁଲିସର ଇନସ୍ପେକ୍ଟର ଜେନେରଲଙ୍କଠାରୁ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଉକ୍ତ ନିୟମାବଳୀ କଲିକତା ଗଜେଟରେ ମଧ୍ୟ ପ୍ରକାଶିତ ହୋଇଅଛି । ଏଥି ପୂର୍ବେ ଓଡ଼ିଶାରୁ ଜ ୨୪ ଣ ପରୀକ୍ଷା ଦେଇଥିଲେ ମାତ୍ର ଏବେ ପ୍ରାୟ କେହି ବାହାରୁ ନାହାନ୍ତି । ନିୟମାବଳୀ ପ୍ରାୟ ପୂର୍ବପର ରହିଅଛି ଏବଂ ତାହା କଠିନ ନୁହେ । ସ୍ପଷ୍ଟ ଜଣା ଯାଉଅଛି ଶିକ୍ଷିତ ଭଦ୍ରଲୋକଙ୍କର ଏ ଚାକରିର ପ୍ରତି ଆସ୍ଥା ନ ଥିବାରୁ କେହି ପରୀକ୍ଷା ଦେବାର କଷ୍ଟ ସ୍ୱୀକାର କରିବାକୁ ବାହାରୁ ନାହାନ୍ତି ।

---

ଭିକ୍ଟୋରିଆ ସ୍ମୃତି ରକ୍ଷା ନିମନ୍ତେ ହାଇଦରାବାଦରେ ୧୦ ଲକ୍ଷ ଟଙ୍କା ଚାନ୍ଦା ସଂଗୃହୀତ ହୋଇଅଛି । ତହିଁ ମଧ୍ୟରୁ ୬ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ହାଲ ନିର୍ମାଣ ହେବ ଯେ ତାହାର ନାମ ଭିକ୍ଟୋରିଆ ହେନାଲ ହୋଇଯିବ । ବାକି ୪ ଲକ୍ଷ ଟଙ୍କାରେ ଅନାଥ ଆଶ୍ରମ ଏବଂ ଶିଳ୍ପବିଦ୍ୟାଳୟର ଗୃହ ନିର୍ମାଣ ହେବ । ଭିକ୍ଟୋରିଆ ହେନାଲରୁ ବାର୍ଷିକ ପ୍ରାୟ ଏକଲକ୍ଷ ଟଙ୍କା ଆୟ ହେବ ଏବଂ ତାହା ଅନାଥ ଆଶ୍ରମ ଏବଂ ଶିଳ୍ପ ବିଦ୍ୟାଳୟର କାର୍ଯ୍ୟ ନିର୍ବାହରେ ବ୍ୟୟ ହେବ । ହାଇଦରାବାଦ-ବାସିମାନେ ସତ୍କାର୍ଯ୍ୟରେ ଅର୍ଥ ଦାନ କରିବାକୁ ଯେମନ୍ତ ଅଗ୍ରସର ସେହି ଅର୍ଥ ସଦ୍ବ୍ୟୟ କରିବାକୁ ତେମନ୍ତ ତତ୍ପର । ଯଥାର୍ଥ ସ୍ମୃତି ସ୍ଥାପନର ମର୍ମ ସେମାନେ ବୁଝିଅଛନ୍ତି । ଅନ୍ୟାନ୍ୟ ସ୍ଥାନର ଲୋକମାନେ ତହିଁର ଅନୁକରଣ କଲେ ସୁଖର ବିଷୟ ହେବ ।

---

ଗତପୂର୍ବ ଶୁକ୍ରବାର ଅପରାହ୍ଣରେ ସୂର୍ଯ୍ୟଗ୍ରହଣ ଦେଖା ଯାଇଥିଲା । ଏହି ଗ୍ରହଣ ଘ ୨ ଘା ଉତ୍ତାରୁ ଆରମ୍ଭ ହୋଇ ଘ ୩ ଘା ୧୫ ମିନିଟ ବେଳେ ଛାଡ଼ିଗଲା । ସୂର୍ଯ୍ୟମଣ୍ଡଳର ଅତ୍ୟଳ୍ପ ଅଂଶ ଗ୍ରାସ କରିଥିଲେହେଁ ସ୍ପଷ୍ଟରୂପେ ଦେଖା ଯାଇଥିଲା । ଅଳ୍ପ ଗ୍ରାସ ହେତୁ କେତେକ ବଙ୍ଗଳା ଏବଂ ଇଂରାଜି ପାଞ୍ଜିରେ ଦର୍ଶନାଭାବ ବୋଲି ଲେଖାଥିଲା । ଓଡ଼ିଆ ଦୁଇପାଞ୍ଜି ମଧ୍ୟରେ ସାମନ୍ତଙ୍କ ପାଞ୍ଜିରେ ଯେପରି ଲେଖା ଅଛି ସେପରି ଘଟିଲା, କେବଳ ସମୟ କେତେକ ମିନିଟ ଅମେଳ ହେଲା । କଟକ ପାଞ୍ଜି ଗଣନାର ଖଣ୍ଡଗ୍ରହ ଏ ଗ୍ରହଣ ଦର୍ଶନ ହେବ ନାହିଁ ଏହାକେବଳେ ପାଞ୍ଜିରୁ ପୋଛି ହୋଇଥିଲେ । ଯେପରି ଘଟି ନାହିଁ ସୁତରାଂ ତାହାଙ୍କର ଭ୍ରମ ହୋଇଅଛି । ଏଣୁକି ରକ୍ଷା ଯେ ବଙ୍ଗଳା ଓ ଇଂରାଜୀ ପାଞ୍ଜିକାରଙ୍କ ମଧ୍ୟରେ ତାହାଙ୍କର ସଙ୍ଗୀ ଅଛନ୍ତି । ଫଳତଃ ମନୁଷ୍ୟ ମାତ୍ରେ ଭ୍ରମର ଅଧୀନ । ମାତ୍ର ଗୋଟିଏ ଭ୍ରମ ହେତୁ ଯେଉଁମାନେ ଜ୍ୟୋତିଷଙ୍କ ଗଣିତ ପାଞ୍ଜି କୌଣସି କାର୍ଯ୍ୟର ନୁହେ ବୋଲି କହନ୍ତି ସେମାନଙ୍କର ବିଚାରକୁ ଧନ୍ୟ ବୋଲିବାକୁ ହେବ ।

---

ଦିଲ୍ଲୀ ଦରବାର ସଂଲଗ୍ନରେ ଯେଉଁ ପ୍ରଦର୍ଶନୀ ହେବ ତହିଁରୁ ଉଚିତ ଉପକାର ପାଇବା ଆଶାରେ ରାଜସାହୀର କୃଷି ସମାଜ ଗୋଟିଏ ସୁନ୍ଦର ବନ୍ଦୋବସ୍ତ କରିଅଛନ୍ତି । ଉକ୍ତ ସଭା ସ୍ଥିର କରିଅଛନ୍ତି କି ବଙ୍ଗ, ବିହାର ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଏକଜଣ ଲେଖାଏଁ ଜ ୪୭ ଜଣ କୃଷକଙ୍କର ଦିଲ୍ଲୀ ଯିବା ଆସିବା ଏବଂ ସେଠାରେ ରହିବାର ବସା ଓ ଖୋରାକୀ ଇତ୍ୟାଦି ସମସ୍ତ ଖରଚ ଦେଇ ସେମାନଙ୍କୁ ପଠାଇବେ । ସେମାନେ ପ୍ରଦର୍ଶନୀ ବୁଲି ଦେଖି ନିଜ ବ୍ୟବସାୟର ଉନ୍ନତି କରି ପାରିବେ । ଯେଉଁ କୃଷକମାନେ ସେପରି କରିବାକୁ ଚେଷ୍ଟା କରିବେ କେବଳ ସେହିମାନଙ୍କୁ ପଠାଇବା ସଭାର ଅଭିପ୍ରାୟ ଅଟେ । ଯେଉଁମାନେ ଯିବାକୁ ଇଚ୍ଛା କରିବେ ସେମାନେ ନିଜ ନିଜ ଜିଲ୍ଲାର ଜିଲ୍ଲାବୋର୍ଡର ଚେୟରମ୍ୟାନଙ୍କର ସାର୍ଟିଫିକେଟ ସହିତ ଉକ୍ତ ସଭାର ସଭାପତିଙ୍କ ନିକଟକୁ ଆବେଦନ ପତ୍ର ପଠାଇଲେ ସେ ତହିଁର ବିଚାର କରିବେ । ରାଜସାହୀ କୃଷିସଭାର ଏହି ଅନୁଷ୍ଠାନ ଅତ୍ୟନ୍ତ ହିତକର ଅଟେ ଏବଂ ଅନ୍ୟାନ୍ୟ ସଭାମାନେ ଏଥିର ଅନୁକରଣ କଲେ ବଡ଼ ସୁଖର ବିଷୟ ହେବ ।

---

ବଙ୍ଗପ୍ରଦେଶର ଷ୍ଟାମ୍ପ ରିପୋର୍ଟରୁ ୧୮୯୯-୧୯୦୦ ସାଲଠାରୁ ସନ ୧୯୦୧-୧୯୦୨ ସାଲ ପର୍ଯ୍ୟନ୍ତ ତ ୩ ବର୍ଷର ହିସାବ ହେଉଥିବାରୁ ଦେଖାଯାଏ ଯେ ବାର୍ଷିକ ଆୟ ଟ ୧,୮୫,୭୭,୨୭୯ ମଧ୍ୟରୁ ବ୍ୟୟ ଟ ୪,୬୭,୮୮୪ ଙ୍କା ଯାଇ ନିଟ ଆୟ ଟ ୧,୮୧,୧୦,୩୩୩ ଙ୍କା ହୋଇଥିଲା । ତହିଁର ଦଶବର୍ଷ ପୂର୍ବେ ନିଟ ଆୟ ଦେଢ଼ କୋଟି ଟଙ୍କାରୁ ଊଣା ଥିଲା । ପ୍ରତିବର୍ଷ ଆୟ କ୍ରମାଗତ ବୃଦ୍ଧି ହେଉଅଛି ଏବଂ ଜୁଡିସିଆଲ ଅର୍ଥାତ୍ ଅଦାଲତ ସମ୍ବନ୍ଧୀୟ ଷ୍ଟାମ୍ପ ଓ ନନ ଜୁଡିସିଆଲ ଅର୍ଥାତ୍ ସାଧାରଣ ଷ୍ଟାମ୍ପ ଏହି ଉଭୟ ପ୍ରକାର ଷ୍ଟାମ୍ପ ବିକ୍ରୟ ବଢ଼ିଅଛି । ଏକଅଣିଆ ରସିଦ ଟିକଟର ବ୍ୟବହାର ମଧ୍ୟ କ୍ରମାଗତ ବୃଦ୍ଧି ହେଉଅଛି । ଏଣିକି ବିନା ଟିକଟରେ ରସିଦ ଲୋକମାନେ ପ୍ରାୟ ନେଉ ନାହାନ୍ତି । କବାଲା ଇତ୍ୟାଦି ଦଲିଲ ସମ୍ବନ୍ଧୀୟ ଷ୍ଟାମ୍ପ କାଗଜ ବିକ୍ରୟ ଓଡ଼ିଶାରେ ଅନେକ ବଢ଼ିଅଛି ଏବଂ ସେ ବିଷୟରେ ଓଡ଼ିଶାର କମିଶନର ସାହେବ କହୁଅଛନ୍ତି ଯେ ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେବାରୁ ବିସ୍ତର ଜମି ସତ୍ତ୍ୱ କ୍ରୟ ଓ ବନ୍ଧକ ହେଉଥିବାରୁ ଅନେକ ଷ୍ଟାମ୍ପ ଖରଚ ହେଉଅଛି । ସୁତରାଂ ଗବର୍ଣ୍ଣମେଣ୍ଟଙ୍କର ରାଜସ୍ୱ ବଢ଼ୁଅଛି ।

---

ଗତମାସ ତା ୧୦ ରଖରେ ସିମଲାର ଲାଟଭବନରେ ଭିକ୍ଟୋରିଆ ଫଣ୍ଡ କମିଟିର ଗୋଟିଏ ଅଧିବେଶନ ହୋଇଥିଲା । ଏହି କମିଟିର ସଭାପତି ମହାମାନ୍ୟା ଶ୍ରୀମତୀ କର୍ଜନ ଦେବୀଙ୍କ କହିବାରୁ ଜଣାଗଲା ଯେ ଭିକ୍ଟୋରିଆ ସ୍ମରଣାର୍ଥ ଧାଇବୃତ୍ତି ପାଣ୍ଠିରେ ଭେଟାଦ୍ୱାରା ୬ ଲକ୍ଷ ୭୨ ହଜାର ଟଙ୍କା ସଂଗୃହୀତ ହୋଇ ସରକାରୀ ତହବିଲରେ ଜମା ଦିଆ ଯାଇଅଛି ଏବଂ ତହିଁର ବାର୍ଷିକ ସୁଧ ହିସାବ ଟ ୨୩୦୦୦ ଙ୍କା ଆୟ ହେଉଅଛି । ଭେଟା ସଂଗ୍ରହ ବନ୍ଦ ହୋଇଥିଲେ ହେଁ ଅବଶ୍ୟ ଏକାଏକ ସ୍ଥାନରୁ ଭେଟା ଆସିବାର ସୁବିଧା ହୋଇ ନାହିଁ । ଯାହା ହେଉ ଉପରଲିଖିତ ବାର୍ଷିକ ଆୟରୁ ବାର୍ଷିକ ଟ ୧୪୦୦୦ ଙ୍କା ବୃତ୍ତିଦାନରେ ଖର୍ଚ୍ଚ ହୋଇଅଛି ଏବଂ ଭୋପାଳ, ଦିଲ୍ଲୀ, ଶିଳଂ, ଗୟା, ମଙ୍ଗଳୂର, ହାଇଦରାବାଦ ପ୍ରଭୃତିରେ ଜ ୪୩ ଣ ଧାଈଙ୍କୁ ଶିକ୍ଷା ଦିଆ ଯାଉଅଛି । ଆଜ୍ମିର ଇନ୍ଦୋର ମୁର୍ଶିଦାବାଦ, ଦରଭଙ୍ଗା, କଲିକତା, କେଟିଆ, ବମ୍ବେ ପ୍ରଭୃତିରେ ଜ ୬୫ ଣ ଧାଈଙ୍କୁ ଶିକ୍ଷା ଦେବାର ବନ୍ଦୋବସ୍ତ ହେଉଅଛି । ଯେଉଁମାନେ ଦୂର ଜନପୁରୁଷରୁ ଦାଈପଣିଆ କରିଆସୁଅଛନ୍ତି ସେହିମାନଙ୍କ ବଂଶର ପିଲା ସ୍ତ୍ରୀଙ୍କୁ ବାଛିନେଇ ସ୍ତ୍ରୀ ଚିକିତ୍ସାଳୟମାନଙ୍କରେ ଶିକ୍ଷା ଦିଆ ଯାଉଅଛି ।

---

ସମ୍ବଲପୁରରେ ଗୋଟିଏ ଟାଉନ ହଲ ଅଟ୍ଟାଳିକା ନିର୍ମାଣ ହେବାର ବିଶେଷ ଯତ୍ନ ହେଉଅଛି । ମାତ୍ର ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ କି ତହିଁର ସ୍ଥାନ ନିରୂପଣ ସମ୍ବନ୍ଧରେ ଅବଶ୍ୟ ଦ୍ୱନ୍ଦ୍ୱ ଲାଗିଅଛି । ସ୍ଥାନୀୟ ଲୋକମାନେ ସହରମଧ୍ୟସ୍ଥ

Split by PDF Splitter
Digitized by srujanika@gmail.com